୬ ଆଇପିଏଲରେ ଏଥର ଶୁଣିବାକୁ ମିଳିବନି ଓଡ଼ିଆ କମେଣ୍ଟ୍ରୀ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୫୩ ● ୧୯ ମାର୍ଚ୍ଚ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-53 ● 19th March 2024, Tuesday ● Bhubaneswar

Licensed to post without pre-payment of postage No- BN-60/22-24

## ଓଡ଼ିଶା ପୁଲିସର ଗୁରୁତ୍ୱପୂର୍ଣ୍ଣ ବୈଠକ: ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ଉପରେ ଫୋକସ

ଭୁବନେଶ୍ୱର, ୧୮।୩

ନ୍ୟୁଜ୍ ବ୍ୟୁରୋ

୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସୋମବାର ଭୁବନେଶ୍ୱରସ୍ଥିତ ପୁଲିସ ଡିଜି କ୍ୟାମ୍ପଅଫିସରେ ଓଡ଼ିଶା ପୁଲିସର ଗୁରୁତ୍ୱପୂର୍ଣ୍ଣ ବୈଠକ ଡିଜି ଅରୁଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ଗୁଇନ୍ଦା ଆଇଜି ଅନୁପ ସାହୁ, ଡିଆଇଜି ଉମା ଶଙ୍କର ଦାଶଙ୍କ ସମେତ ବହୁ ବରିଷ୍ଠ ଆଇପିଏସ ଅଧିକାରୀ ଉପସ୍ଥିତ ଥିଲେ। ଏହା ସହ ଭିଡିଓ କନଫରେନ୍ସିଂରେ ସବୁ ଏସପି ସାମିଲ ହୋଇଥିଲେ। ନିର୍ବାଚନ ପ୍ରସ୍ତୁତି ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକ ଶେଷରେ ପୁଲିସ ଡିଜି ଶ୍ରୀ ଷଡଙ୍ଗୀ କହିଛନ୍ତି ସୀମାନ୍ତ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଛତିଶଗଡ଼ ପୁଲିସ ସହ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ତିନି ରାଜ୍ୟର ଏସପି, ରେଞ୍ଜ ଡିଆଇଜି, ଗୁଇନ୍ଦା ଓ ଅପରେସନ ବିଭାଗ ଅଧିକାରୀ ଏବଂ ଓଡ଼ିଶାର ସବୁ ଜିଲାର



ଏସପି ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ଗୁରୁତ୍ୱ ଦିଆଯାଇଛି। ବନ୍ଧୁକ, ମଦ, ଟଙ୍କା, ଚୋରା କାରବାର ରୋକିବାକୁ ଗୁରୁତ୍ୱ ଦିଆଯାଉଛି। ନକ୍ସଲ ପ୍ରଭାବିତ ଅଞ୍ଚଳରେ ଅପରେସନକୁ ଜୋରଦାର କରାଯିବ। ଜାନୁଆରୀରୁ ସୀମାବର୍ତ୍ତୀ ଅଞ୍ଚଳରେ ଚେକିଂ ବ୍ଲକିଂ କଡାକଡି କରାଯାଇଛି। ୱାରେଣ୍ଟ ଥିବା ଅପରାଧୀ, ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ ପାଇଁ ପଦକ୍ଷେପ ନିଆଯାଉଛି। ମାଓ ଅଞ୍ଚଳରେ ଅବାଧ ନିର୍ବାଚନ ପାଇଁ ଛତିଶଗଡ, ତେଲଙ୍ଗାନା ଓ ଆନ୍ଧ୍ର ପୋଲିସ ସହ ସ୍ୱତନ୍ତ୍ର ଆଲୋଚନା କରାଯାଇଛି। ନିର୍ବାଚନ ପୂର୍ବରୁ ଫୋକସରେ ରହିଛି ଫେକ ନ୍ୟୁଜ ଓ ଭୁଲ ତଥ୍ୟ। ଏହାକୁ ରୋକିବାକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ଏଥିପାଇଁ ଜଣେ ଆଇଜି ର୍ୟାଙ୍କ ଅଫିସରଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ସୋସିଆଲ ମିଡିଆରେ ଭୁଲ ତଥ୍ୟ ନିରୀକ୍ଷଣ କରିବା ସହ ଆକାଉଣ୍ଟକୁ ବ୍ଲକ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି।

## ନିର୍ବାଚନ ପୂର୍ବରୁ ହଟିଲେ ୬ ରାଜ୍ୟର ଗୃହ ସଚିବ

ନୂଆଦିଲ୍ଲୀ, ୧୮।୩

ଆଗାମୀ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ଭାରତୀୟ ନିର୍ବାଚନ କମିଶନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ମୁଖ୍ୟନିର୍ବାଚନ କମିଶନର ରାଜୀବ କୁମାର ୬ ରାଜ୍ୟର ଗୃହ ସଚିବଙ୍କ ସମେତ ପଶ୍ଚିମବଙ୍ଗ ପୋଲିସ ଡିଜିଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁଜରାଟ, ଉତ୍ତରପ୍ରଦେଶ, ବିହାର, ଝାରଖଣ୍ଡ, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ଗୃହ ସଚିବଙ୍କୁ ପଦରୁ ହଟାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକଙ୍କୁ ହଟାଇବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମିଜୋରାମ ଏବଂ ହିମାଚଳ ପ୍ରଦେଶର ସାଧାରଣ ପ୍ରଶାସନ ବିଭାଗର ସଚିବଙ୍କୁ ହଟାଇ ଦିଆଯାଇଛି। ଦେଶରେ ସାଧାରଣ ନିର୍ବାଚନ କାର୍ଯ୍ୟକ୍ରମ ଘୋଷଣା ହେବାର କିଛି ଦିନ ମଧ୍ୟରେ ନିର୍ବାଚନ କମିଶନ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ମୁମ୍ବାଇରେ ବ୍ରିହାନ ମୁମ୍ବାଇ ମହାନଗର ପାଳିକା କମିଶନର ଇକବାଲ ସିଂ ଚହଲ ଏବଂ ଅତିରିକ୍ତ କମିଶନର ଏବଂ ସହକମିଶନରଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମସ୍ତ ଅଧିକାରୀଙ୍କୁ ପଦରୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ନିର୍ବାଚନ କମିଶନର। ଏହାସହ ଯେଉଁ ଅଧିକାରୀ ନିଜ ନିଜ ପଦବୀରେ ୩ ବର୍ଷରୁ ଅଧିକ ସମୟ ଧରି ରହି ଆସିଛନ୍ତି ସେମାନଙ୍କୁ ମଧ୍ୟ ହଟାଇବାକୁ ନିର୍ବାଚନ କମିଶନ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି।







## ୫ମ ଥର ପାଇଁ ଋଷିଆର ରାଷ୍ଟ୍ରପତି ହେଲେ ଭ୍ଲାଦିମିର ପୁଟିନ

ମସ୍କୋ, ୧୮।୩

ଭ୍ଲାଦିମିର ପୁଟିନ ଲଗାତାର ପଞ୍ଚମ ଥର ପାଇଁ ଋଷିଆର ରାଷ୍ଟ୍ରପତି ନିର୍ବାଚନ ଜିତିଛନ୍ତି। ବିରୋଧୀ ଦଳ ନେତାଙ୍କ ବିନା ଲଢାଯାଇଥିବା ଏହି ନିର୍ବାଚନରେ ସେ ପ୍ରାୟ ୮୮ ପ୍ରତିଶତ ଭୋଟ ପାଇ ବିଜୟୀ ହୋଇଛନ୍ତି। ଋଷିଆର କେନ୍ଦ୍ରୀୟ ନିର୍ବାଚନ ଆୟୋଗ ସୋମବାର କହିଛନ୍ତି ଯେ ଭ୍ଲାଦିମିର ପୁଟିନ ଦେଶରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଛନ୍ତି। ରେକର୍ଡ ଭୋଟ ପ୍ରତିଶତ ସହ ସେ ପଞ୍ଚମ ଥର ପାଇଁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ୭୧ ବର୍ଷୀୟ ପୁଟିନ ୧୯ ପରଠାରୁ କୌଣସି ନିର୍ବାଚନ ହାରି ନାହାନ୍ତି।

ଋଷିଆର କେନ୍ଦ୍ରୀୟ ନିର୍ବାଚନ ଆୟୋଗ ସୋମବାର କହିଛନ୍ତି ଯେ ପ୍ରାୟ ୧୦୦ ପ୍ରତିଶତ ଅଞ୍ଚଳରେ ଭୋଟ ଗଣତି ହୋଇଛି ଏବଂ ପୁଟିନ ୮୭.୨୯ ପ୍ରତିଶତ ଭୋଟ ପାଇଛନ୍ତି। ଆୟୋଗର ମୁଖ୍ୟ ଏଲା ପାମ୍ଫିଲୋଭା କହିଛନ୍ତି ଯେ ପାଖାପାଖି ୭୬ ନିୟୁତ ଲୋକ ପୁଟିନଙ୍କୁ ଭୋଟ ଦେଇଛନ୍ତି, ଯାହା କି ତାଙ୍କୁ ମିଳିଥିବା ସର୍ବାଧିକ ଭୋଟ୍।

### ଏସ୍‌ବିଆଇକୁ ପୁଣି ସୁପ୍ରିମକୋର୍ଟଙ୍କ ଝଟ୍‌କା

## ବଣ୍ଡ ନମ୍ବର ସହ ସବୁକିଛି ଦେବାକୁ ପଡ଼ିବ




ନୂଆଦିଲ୍ଲୀ, ୧୮।୩

ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ପାଇଁ ଉଦ୍ଦିଷ୍ଟ ଇଲେକ୍ଟୋରାଲ ବଣ୍ଡ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରି ନ ଥିବାରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)କୁ ସୋମବାର ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ନିର୍ବାଚନ ବଣ୍ଡ ସମ୍ପର୍କରେ ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଛନ୍ତି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ଆମେ ଚାହୁଁଥିବା ସୂଚନା ଦେବାରେ ଏସବିଆଇ ସକ୍ଷମ ହୋଇ ନାହିଁ। ଆମେ ଯାହା ପଚାରିଛୁ ତାହା ପ୍ରଦାନ କରିବାକୁ ଏସବିଆଇ ବାଧ୍ୟ। ପ୍ରତ୍ୟେକ ସୂଚନା ବିସ୍ତୃତ ଭାବରେ ଦେବାକୁ ପଡିବ।

କୋର୍ଟ ଆହୁରି କହିଛନ୍ତି,ଏସବିଆଇକୁ ବଣ୍ଡ ନମ୍ବର ଦେବାକୁ ପଡ଼ିବ। ଏହା ବ୍ୟତୀତ ବଣ୍ଡ ସହ ଜଡିତ ପ୍ରତ୍ୟେକ ସୂଚନା ମଧ୍ୟ କୋର୍ଟକୁ ଦେବାକୁ ପଡିବ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଏସବିଆଇ କୌଣସି ସୂଚନା ଲୁଚାଇ ନାହିଁ ବୋଲି ଏକ ଆଫିଡେଭିଟ ଦେବା ଉଚିତ୍। ଏହା ଉପରେ ଏସବିଆଇ କହିଛି ଯେ, ଆମେ ଭୋଟର ବଣ୍ଡ ନମ୍ବର ଦେବୁ।

ଏସ୍‌ବିଆଇ ଗତ ୫ ବର୍ଷରେ ଜାରି ବଣ୍ଡ ଉପରେ ପୂରା ବିବରଣୀ ଦାଖଲ କରିବାକୁ ବାଧ୍ୟ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେଇଥିବା କମ୍ପାନୀଗୁଡ଼ିକ ସମ୍ପର୍କରେ ଇଂଲିଶ ଅକ୍ଷର କ୍ରମାନ୍ୱୟ ଓ ସଂଖ୍ୟା ଅନୁଯାୟୀ ବଣ୍ଡ ନମ୍ବର ସାର୍ବଜନୀନ କରିବାକୁ ନିର୍ଦ୍ଦେଶ ରହିଛି।

ଇଂଲିଶ ଅକ୍ଷର କ୍ରମାନ୍ୱୟ ଓ ସଂଖ୍ୟା ଅନୁଯାୟୀ ବଣ୍ଡ ନମ୍ବରଗୁଡ଼ିକ ସାମ୍ନାକୁ

## ମଙ୍ଗଳବାର, ବୁଧବାର ପ୍ରବଳ ବର୍ଷା ଓ କୁଆପଥର ମାଡ଼!

ଭୁବନେଶ୍ୱର, ୧୮।୩

ନ୍ୟୁଜ୍ ବ୍ୟୁରୋ

ଉତ୍ତର ଓଡ଼ିଶାରୁ ଆରମ୍ଭ କରି ଆନ୍ଧ୍ରପ୍ରଦେଶ ଉପକୂଳ ଯାଏ ଏକ ନିମ୍ନଚାପରେଖା ସକ୍ରିୟ ରହିଛି। ଏହା ସହିତ ଓଡ଼ିଶା ଉପକୂଳ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୁରୁଚପ ପ୍ରଭାବରେ ରାଜ୍ୟ ମଧ୍ୟକୁ କ୍ରମାଗତ ଭାବେ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବାହିତ ହେଉଛି। ଉଭୟ ନିମ୍ନଚାପରେଖା ଓ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପରସ୍ପର ସଂସ୍ପର୍ଶରେ ଆସି ପ୍ରତିକ୍ରିୟାଶୀଳ ହେବା ସହିତ କେତେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ ପବନ ହେବାର ସମ୍ଭାବନା ରହିଛି। ତେବେ ମଙ୍ଗଳବାର ଓ ବୁଧବାର ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ଓ ବଜ୍ରପାତ ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ସେଥିପାଇଁ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ ଅନୁସାରେ ମଙ୍ଗଳବାର ଢେଙ୍କାନାଳ, କଟକ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ତୃତୀୟ ବିଶ୍ୱ ଯୁଦ୍ଧ ଆଉ ମାତ୍ର କିଛି ପାଦ ଦୂରରେ: ପୁଟିନ

ନୂଆଦିଲ୍ଲୀ, ୧୮।୩

ପଞ୍ଚମ ଥର ପାଇଁ ଋଷର ରାଷ୍ଟ୍ରପତି ବନିବା ପରେ ତୃତୀୟ ବିଶ୍ୱ ଯୁଦ୍ଧ ପାଇଁ ଚେତାବନୀ ଦେଇଛନ୍ତି ଭ୍ଲାଦିମିର ପୁଟିନ୍। ପୁଟିନ ପାଶ୍ଚାତ୍ୟ ଦେଶକୁ ଚେତାବନୀ ଦେଇଛନ୍ତି ଯେ ତାଙ୍କ ଦେଶ ଏବଂ ଆମେରିକାର ନେତୃତ୍ୱାଧୀନ ନାଟୋ ସାମରିକ ମିଳିତ ମଞ୍ଚ ମଧ୍ୟରେ ସିଧାସଳଖ ବିବାଦର ଅର୍ଥ ହେଉଛି ବିଶ୍ୱ ଯୁଦ୍ଧଠାରୁ ପୃଥିବୀ ମାତ୍ର କିଛି ପାଦ ଦୂରରେ।

ଆଣବିକ ଯୁଦ୍ଧର ବିପଦ ବିଷୟରେ ପୁଟିନ ଅନେକ ସମୟରେ ଚେତାବନୀ ଦେଇଛନ୍ତି। କିନ୍ତୁ ୟୁକ୍ରେନରେ ପରମାଣୁ ଅସ୍ତ୍ର



ବ୍ୟବହାର କରିବାର ଆବଶ୍ୟକତା ସେ କେବେ ଅନୁଭବ କରିନାହାଁନ୍ତି ବୋଲି କହିଛନ୍ତି।

୮୮ ପ୍ରତିଶତ ଭୋଟ ସହ ପଞ୍ଚମ ଥର ପାଇଁ ସରକାର ଗଢିଛନ୍ତି ପୁଟିନ। ଜିତିବା ପରେ ଋଷ ଆହୁରୀ ଶକ୍ତିଶାଳୀ ହେବ ବୋଲି କହିଛନ୍ତି ପୁଟିନ। କେଜିବି ଏଜେଣ୍ଟରୁ ୧୯୯୯ରେ ଦେଶର ମଙ୍ଗ ଧରିଥିଲେ ସେ।

ଏଥର ନିର୍ବାଚନରେ ବିଜୟୀ ହେବା ପରେ ପୁଟିନ ଋଷିଆର ସବୁଠୁ ଅଧିକ ସମୟ

## ନିର୍ବାଚନ ପାଇଁ ବିଜେଡ଼ିର ସାଂଗଠନିକ ବୈଠକ, ସଂସଦୀୟ କ୍ଷେତ୍ରରୁ ସମରସଜ୍ଜା



ଭୁବନେଶ୍ୱର, ୧୮।୩

ନ୍ୟୁଜ୍ ବ୍ୟୁରୋ

ଜିଲ୍ଲାସ୍ତରରେ ସାଂଗଠନିକ କାମକୁ ତ୍ୱରାନ୍ୱିତ କରିବା ଉପରେ ଫୋକସ କରିଛି ବିଜେଡ଼ି। ଆଗାମୀ ମାସକ ପାଇଁ ସମ୍ପୂର୍ଣ୍ଣ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଜେଡ଼ି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପୁରୀ ସଂସଦୀୟ କ୍ଷେତ୍ରକୁ ନେଇ ନେତାଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଛି। ତୃଣମୂଳସ୍ତରରେ ବିଜେଡ଼ିର ଶକ୍ତି ବୃଦ୍ଧି କରିବା ସହ ଜନସାଧାରଣଙ୍କ ଅଧିକ ନିକଟତର ହେବାକୁ ରୋଡମ୍ୟାପ ପ୍ରସ୍ତୁତ କରିଛି ଦଳ।

ନବୀନ ନିବାସରେ ବିଜେଡ଼ି ସାଂଗଠନିକ ବୈଠକ ପୁରୀ ସଂସଦୀୟ କ୍ଷେତ୍ରରୁ ଆରମ୍ଭ ହୋଇଛି ଅଭିଯାନ। ଏକ

## କ୍ୟାପିଟାଲ ହସ୍ପିଟାଲ ଭାରତର ନମ୍ବର ୱାନ

ଭୁବନେଶ୍ୱର, ୧୮।୩

ନ୍ୟୁଜ୍ ବ୍ୟୁରୋ

ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଆଉ ଏକ ଫର୍ଦ୍ଦ ଯୋଡ଼ିଲା ପିଜିଆଇଏମ୍‌ଇଆର ଆଣ୍ଡ କ୍ୟାପିଟାଲ ହସ୍ପିଟାଲ। ଓଡ଼ିଶାର ୧ ନମ୍ବର ଡାକ୍ତରଖାନା ଭାବେ ସାରା ଭାରତବର୍ଷରେ ସମ୍ମାନ ସାଉଁଟିଲା କ୍ୟାପିଟାଲ ହସ୍ପିଟାଲ। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ଜାତୀୟ ଗୁଣାତ୍ମକ ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ (ଏନକ୍ୟୁଏଏସ୍) ତରଫରୁ କ୍ୱାଲିଟି ସାର୍ଟିଫିକେଟ ପ୍ରଦାନ କରାଯାଇଛି। ତେବେ ଓଡ଼ିଶାର ସମସ୍ତ ଡାକ୍ତରଖାନା ମଧ୍ୟରୁ କ୍ୟାପିଟାଲ ହସ୍ପିଟାଲକୁ ନମ୍ବର ୱାନ ହସ୍ପିଟାଲ ଭାବେ ବିବେଚନା କରାଯାଇଛି।

ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜୁଲାଇ ୭ ତାରିଖରେ ଏନକ୍ୟୁଏଏସ୍ ଟିମ ୩ ଦିନ ଧରି କ୍ୟାପିଟାଲ ହସ୍ପିଟାଲରେ ଥିବା ୧୮ଟି




ବିଭାଗକୁ ବିସ୍ତୃତ ଭାବେ ଯାଞ୍ଚ କରିଥିଲେ। ବିଭିନ୍ନ ବିଭାଗରେ ଅତ୍ୟାଧୁନିକ ଅସ୍ତ୍ରୋପଚାର, ରୋଗୀଙ୍କ ସୁରକ୍ଷା, ଜୀବାଣୁ ମୁକ୍ତ ପରିବେଶ, ମାନବସମ୍ବଳ ଏବଂ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସୁବିଧା ଭଳି ବିଭିନ୍ନ ବିଷୟ ଉପରେ ତଦାରଖ କରିଥିଲେ। ଏହି କ୍ଷେତ୍ରରେ ଉତ୍ତମ ବ୍ୟବସ୍ଥା ମିଳୁଥିବାରୁ ଏନକ୍ୟୁଏଏସ୍ ଟିମ ସନ୍ତୁଷ୍ଟ ହୋଇ ମାର୍କ ପ୍ରଦାନ କରିଥିଲା। ତେବେ ସମସ୍ତ ବ୍ୟବସ୍ଥାକୁ ତଦାରଖ କରି ଏନକ୍ୟୁଏଏସ୍ ତରଫରୁ କ୍ୟାପିଟାଲ

### ସ୍ତ୍ରୀଙ୍କୁ ବାଇକରେ ବସାଇ ଫେରୁଥିବା ବେଳେ ସାମ୍ବାଦିକଙ୍କୁ ଗୁଳି: ଆଇସିୟୁରେ ହେଲେ ଭର୍ତ୍ତି

ପାଟନା, ୧୮।୩

ବିହାରର ନାଳନ୍ଦା ଜିଲ୍ଲାରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଜଣେ ସାମ୍ବାଦିକ ସ୍ତ୍ରୀଙ୍କୁ ବାଇକରେ ବସାଇ ଘରକୁ ଫେରୁଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତଙ୍କ ଗୁଳିମାଡ଼ର ସେ ଶିକାର ହୋଇଥିଲେ। ଏହାପରେ ସ୍ତ୍ରୀ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ସ୍ୱାମୀଙ୍କୁ ନେଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ସାମ୍ବାଦିକ ଦୀପକ ବିଶ୍ୱକର୍ମାଙ୍କ ଚିକିତ୍ସା ଜାରି ରଖିଛନ୍ତି।

ସୂଚନାଯୋଗ୍ୟ, ଦୀପକ ବିଶ୍ୱକର୍ମା ନିଜର ସ୍ତ୍ରୀ ସୀମାଙ୍କୁ ବାଇକରେ ବସାଇ ବିହାରସରିଫ ଫେରୁଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ହଠାତ ଦୀପକଙ୍କ ଗାଡ଼ିକୁ ଅଟକାଇ ଭୟଭୀତ କରିବା ସହିତ ଧମକ ଦେଇଥିଲେ। ଏଥିରେ ସେମାନଙ୍କ ମନ ବୁଝିଲା ନାହିଁ ଯେ ସେମାନେ ସୀମା ଦେବୀ ଓ ଦୀପକ ବିଶ୍ୱକର୍ମାଙ୍କୁ ଗୁଳି କରିଥିଲେ। ଏହି ଗୁଳିରେ ସାମ୍ବାଦିକ ଓ ତାଙ୍କ

### ଏକାଳ ସକାଳ



ବିଜୁଳି ଫିଜୁଳି ଚମକେ ଆକାଶେ
ଜନେ ସତରକ ରୁହ
ରାଜନୀତି କଥା ଖଟିରେ ଗପିବା
କଥା ଜମା ଏବେ ନୁହଁ
ପରେ ଚୁହାଁଚୁହିଁ ହେବ ମୁଁହ
କାଳ ବଇଶାଖୀ ନହେଲେ ଦେବ
ଜୀବନ ତମାମ ଲୁହ !!

## ରାଜଧାନୀ ରାଣୀ ମହୁମାଛି ବଲାଙ୍ଗୀର ଟାଉନରେ କରୁଥିଲେ ଖେଳ



ଭୁବନେଶ୍ୱର, ୧୮।୩

ନ୍ୟୁଜ୍ ବ୍ୟୁରୋ

ରାଜଧାନୀ ଭୁବନେଶ୍ୱରର ରାଣୀ ମହୁମାଛି ବଲାଙ୍ଗୀର ଟାଉନ୍‌ରେ ମେଲାଇଥିଲେ ଦେହ ବେପାରର ପସରା। ଯୋଗାଉଥିଲେ ସୁନ୍ଦରୀ ସୁନ୍ଦରୀ ଯୁବତୀ। ଆଉ ଦେଉଥିଲେ ଦେହର ସୁଖ। ସେଥିପାଇଁ ଲାଗୁଥିଲା ଗ୍ରାହକଙ୍କ ଭିଡ। ସଞ୍ଜ ନଇଁ ଆସିଲେ ଭଡ଼ା ଘରେ ଲାଗୁଥିଲା ଗ୍ରାହକଙ୍କ ପ୍ରବଳ ଭିଡ଼। ରବିବାର ବିଳମ୍ବିତ ରାତିରେ ସେହି ଘରେ ପୁଲିସ ଚଢ଼ଉ କରି ୪ ଯୁବତୀ ଓ ୪ ଗ୍ରାହକଙ୍କୁ ଉଦ୍ଧାର କରିଛି। ହେଲେ ଚମ୍ପଟ ମାରିଛନ୍ତି ରାଣୀ ମହୁମାଛି ଓ ତାଙ୍କ ପୁରୁଷ ବନ୍ଧୁ।

ରାଜଧାନୀ ଭୁବନଶ୍ୱରର ରାଣୀ ମହୁମାଛି ଓ ତାଙ୍କ ପୁରୁଷ ବନ୍ଧୁ ବଲାଙ୍ଗୀର ଟାଉନ ଖରସେଲପଡାରେ ଗୋଟିଏ ଘର ଭଡ଼ା ନେଇଥିଲେ। ଦୀର୍ଘ ଦିନ ଧରି ସେମାନେ ସେଠାରେ ଚଳାଇଥିଲେ ସେକ୍ସ ର୍ୟାକେଟ୍। ଭୁବନେଶ୍ୱରରୁ ଯୁବତୀମାନଙ୍କୁ ନେଇ ଦେହ ବେପାରରେ ନିୟୋଜିତ କରୁଥିଲେ। ଯେତେ ସୁନ୍ଦରୀ, ସେତେ ଟଙ୍କା। ସେହି ହିସାବରେ ଗ୍ରାହକଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ଆଉ ମାଲାମାଲ ହେଉଥିଲେ। ତେଣୁ ରାତି ହେଲେ ସେଠାରେ ଲାଗୁଥିଲା ଭିଡ। ରାତି ଯେତେ ବଢୁଥିଲା ଗ୍ରାହକଙ୍କ ଭିଡ ସେତେ ହେଉଥିଲା।

## ଚନ୍ଦ୍ରରେ ଦୌଡ଼ିବ ବୁଲେଟ ଟ୍ରେନ୍



ୱାଶିଂଟନ, ୧୮।୩

ମହାକାଶ କ୍ଷେତ୍ରରେ ବିକାଶ ଧାରା ଦ୍ରୁତଗତି ଲାଗି ରହିଛି। ଆଗାମୀ ସମୟରେ ଚନ୍ଦ୍ରରେ ବୁଲେଟ ଟ୍ରେନ ଚଳାଇବା ପାଇଁ ଯୋଜନା ଆରମ୍ଭ ହୋଇ ଗଲାଣି। ଏହା ସହିତ ମହାକାଶରେ ହାଇପରସୋନିକ ଜେଟ୍ ମଧ୍ୟ ଚାଲିବ। ଜାପାନ ଏବଂ ଚୀନ ଏଭଳି ଯୋଜନା ପ୍ରସ୍ତୁତ କରିଛନ୍ତି। ଏହାର ଭିଡ଼ିଓ ମଧ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଜାପାନର କ୍ୟୁଟୋ ବିଶ୍ୱବିଦ୍ୟାଳୟର ଗବେଷକମାନେ ୨୦୨୨ରେ ଘୋଷଣା କରିଥିଲେ। କାଜିମା କନଷ୍ଟ୍ରକସନ ସହିତ ମିଳିତ ଭାବେ ଚନ୍ଦ୍ର ଏବଂ ମଙ୍ଗଳକୁ ଯୋଡୁଥିବା ଇଣ୍ଟରପ୍ଲାନେଟାରୀ ଟ୍ରେନ ଏବଂ ଏକ



## ଶିମିଳିପାଳ ସୁରକ୍ଷା ପାଇଁ କୁମକି ହାତୀକୁ ଗୁରୁତ୍ୱ

# ଚନ୍ଦକାରୁ ଆସିଲା ଯୋଶଦା, ସାତକୋଶିଆରୁ ଫେରିବେ ମହେନ୍ଦ୍ର ଓ ରାଜକୁମାର

**ବାରିପଦା, ନ୍ୟୁଜ ବ୍ୟୁରୋ**





ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘ ବଂଶ ବୃଦ୍ଧି ବନବିଭାଗକୁ ଉତ୍ସାହିତ କରିଛି । ବାଘଙ୍କ ସୁରକ୍ଷା ଓ କଳାବାଘ ପାଇଁ ଶିମିଳିପାଳ ସ୍ୱତନ୍ତ୍ର ପରିଚୟକୁ ଅତୁଟ ରଖିବା ପାଇଁ ବନବିଭାଗ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛି । ଏଥିପାଇଁ ଚନ୍ଦକା ଅଭୟାରଣ୍ୟରୁ ଏକ କୁମକି ହାତୀ 'ଯୋଶଦା'କୁ ଅଣାଯାଇ କୋର ଏରିଆ ଜେନାବିଲର ସ୍ଥାୟୀ ଆଶ୍ରୟ ସ୍ଥଳରେ ରଖାଯାଇଛି । ସେଠାରେ ପୂର୍ବରୁ ୮ବର୍ଷର 'ବବଲୁ', ୧୭ବର୍ଷର 'ଶିବାନୀ' ଓ ଅନ୍ୟ ଏକ ବୟସ୍କ ହାତୀ 'ଶୋଭା' ରହୁଛନ୍ତି । ଅପରପକ୍ଷରେ ବାରିପଦାରୁ ଉଦ୍ଧାର ହାତୀ ଶାବକ ଜଗନ୍ନାଥ(୩ବର୍ଷ) ଜେନାବିଲରେ ରହୁଥିବା ବେଳେ ତାକୁ ଚନ୍ଦକା ନିଆଯାଇଥିବା ବେଳେ ଚଳିତ ମାସରେ ଶିମିଳିପାଳରୁ ସାତକୋଶିଆ ଯାଇଥିବା ୨ଟି କୁମକି ହାତୀ 'ମହେନ୍ଦ୍ର' ଓ 'ରାଜକୁମାର' ପୁଣି ଶିମିଳିପାଳକୁ ଫେରିବେ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ନିକଟରେ ଶେଷ ହୋଇଥିବା ବାଘ ଘଣନା ରିପୋର୍ଟରେ ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧି ଉତ୍ସାହ ଜନକ । ରିପୋର୍ଟ ଅନୁସାରେ ୨୭ଟି ବାଘ ରହିଛନ୍ତି । ସେମାନଙ୍କ ସୁରକ୍ଷା ସହିତ ବଂଶ ବୃଦ୍ଧି ପାଇଁ ବାଘଙ୍କ ସମ୍ବନ୍ଧରେ ନିୟମିତ ତଥ୍ୟ ହାସଲ ପାଇଁ କୁମକି ହାତୀଙ୍କ ସହଯୋଗ ଜରୁରୀ । ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଅନେକ ହାତୀ ନିୟୋଜିତ ଥିବା ବେଳେ ଶିମିଳିପାଳରେ ଅନୁରୂପ ହାତୀ ସହଯୋଗରେ ପେଟ୍ରୋଲିଂ ଓ ଅନୁଧ୍ୟାନ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିଷ୍ପତ୍ତି ହୋଇଛି। ୨୭୫୦ ବର୍ଗ କିମି ପରିବ୍ୟାପ୍ତ ଶିମିଳିପାଳର ୨୫୦୦ବର୍ଗ କିମି କୋର ଅଞ୍ଚଳରେ କର୍ମଚାରୀ ଚାଲିଚାଲି ବାଘଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିବା ଅସମ୍ଭବ । ହାତୀଙ୍କ ସହାୟତାରେ ବାଘଙ୍କ ଚଳପ୍ରଚଳ ଅଗମ୍ୟ ଅଞ୍ଚଳରେ କର୍ମଚାରୀ ପହଞ୍ଚି ପାରିବେ । ସେମାନଙ୍କ ସମ୍ବନ୍ଧରେ ନିୟମିତ ତଥ୍ୟ ବିଭାଗକୁ ଦେଇପାରିବେ । ଏଣୁ 'ମହେନ୍ଦ୍ର' ଓ 'ରାଜକୁମାର' ଫେରିଲେ ହାତୀଙ୍କ ସଂଖ୍ୟା ୬ରେ ପହଞ୍ଚିବ । ସମସ୍ତେ ଜେନାବିଲର ସ୍ଥାୟୀ ଆଶ୍ରୟ ସ୍ଥଳରେ ରହି ବିଭିନ୍ନ ଅଞ୍ଚଳକୁ ପେଟ୍ରୋଲିଂରେ ଯିବେ । ଯୋଶଦା, ମହେନ୍ଦ୍ର ଓ ରାଜକୁମାରଙ୍କ ଦାୟିତ୍ୱ ପାଇଁ ସ୍ଥାନୀୟ ମାହୁନ୍ତଙ୍କୁ ନିଯୁକ୍ତ କରାଯିବ । ଏହି ମାହୁନ୍ତଙ୍କୁ ତାଲିମ ଦେବା ପାଇଁ ଆସାମରୁ ୨ଜଣ ପ୍ରଶିକ୍ଷକ ମାହୁନ୍ତ ଆସିବେ । ତାଲିମଦାନ ଶେଷ ହେବା ପରେ ସେମାନେ ପୁଣି ଫେରିଯିବେ । ସୂଚନାଯୋଗ୍ୟ ସାତକୋଶିଆ ଅଭୟାରଣ୍ୟରେ ବାଘବଂଶ ବୃଦ୍ଧି ପାଇଁ ମହାବୀର ଓ ସୁନ୍ଦରୀ ୨ଟି ବାଘ ଅଣାଯାଇଥିବା ବେଳେ ମହାବୀରର ମୃତ୍ୟୁ ଘଟିଥିଲା । ଏଣୁ ସୁନ୍ଦରୀ ବାଘୁଣୀ ହିଂସ ପ୍ରବୃତ୍ତି ବଢିଥିଲା । ତାହାକୁ ନିୟନ୍ତ୍ରଣକୁ ଆଣିବା ପାଇଁ ୨୦୧୮ ମସିହା ଜାନୁଆରୀ ୨୬ତାରିଖରୁ ମହେନ୍ଦ୍ର ଓ ରାଜକୁମାରକୁ ସାତକୋଶିଆ ନିଆଯାଇଥିଲା । ତେବେ ଯୋଜନା ଅସଫଳ ସହିତ ସୁନ୍ଦରୀକୁ ମଧ୍ୟପ୍ରଦେଶ ବାନ୍ଧଗଡ ଜାତୀୟ ବ୍ୟାଘ୍ର ଉଦ୍ୟାନକୁ ଫେରାଇ ନିଆଯାଇଥିଲା। ତା' ସତ୍ତ୍ୱେ ମହେନ୍ଦ୍ର ଓ ରାଜକୁମାରକୁ ଶିମିଳିପାଳ ଫେରା ଯାଇନଥିଲା । ଏନେଇ ବନବିଭାଗ, ପରିବେଶବିତ ଓ ଜିଲ୍ଲାବାସୀ ବିଭିନ୍ନ ସମୟରେ ଦାବି କରିଆସୁଥିଲେ । ତେବେ ବନବିଭାଗର ନିଷ୍ପତ୍ତି ଅନୁସାରେ ସେମାନେ ଫେରୁଥିବା ଖବର ସାଧାରଣରେ ଖୁସି ଆଣିଛି । ଏଦ୍ୱାରା ଶିମିଳିପାଳ ସୁରକ୍ଷାରେ ବିଶେଷ ସଫଳତା ମିଳିବ ।

## ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କୁ ସାକ୍ଷାତ କଲେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ନିର୍ବାଚନ ପୂର୍ବରୁ ନବୀନ ନିବାସ ଆଗରେ ଲାଗିଛି ଭିଡ଼ । ଟିକେଟ ପାଇଁ ଗହଳି ଲଗାଇଛନ୍ତି ଆଶାୟୀ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ଅଧକ୍ଷ ଭିକେ ପାଣ୍ଡିଆନଙ୍କୁ ଭେଟିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନ କରିଛନ୍ତି। କେନ୍ଦ୍ରାପଡ଼ାରୁ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଥିବା ପ୍ରିୟଙ୍କା ମଲିକ ନବୀନ ନିବାସରେ ପହଞ୍ଚି ନିଜର ପ୍ରୋଫାଇଲ ଦେଇଛନ୍ତି । ଶାଶୂ ଓ ଶ୍ୱଶୁର ଦଳ ପାଇଁ ଦୀର୍ଘ ଦିନରୁ କାମ କରୁଥିବାରୁ ତାଙ୍କୁ ଟିକେଟ ମିଳିବା ନେଇ ସେ ଆଶା ରଖିଛନ୍ତି । ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଉଥିବାରୁ ଟିକେଟ ପାଇଁ ଆଶାବାଦୀ ଅଛନ୍ତି ପ୍ରିୟଙ୍କା । ଏହାଛଡ଼ା ମେହେର, ଅଗରିଆ, କୁଲତା ସମାଜ, ସନ୍ଥ କବି ଭୀମ ଭୋଇ ଟ୍ରଷ୍ଟ ଓ ୟୁନିଟ ୪ ମସଜିଦ ଭଳି ୧୪ଟି ସଂଗଠନର ପ୍ରତିନିଧି ଦଳ ନବୀନ ନିବାସ ଯାଇ ଆଲୋଚନା କରିଛନ୍ତି । ସେହିଭଳି ନବୀନ ନିବାସକୁ ଯାଇ ଭେଟିଛନ୍ତି ନବରଙ୍ଗପୁର ସାଂସଦ ରମେଶ ମାଝୀ। ବିଧାନସଭା କି ଲୋକସଭା କଣ ଲଢିବି ସେ ବାବଦରେ ପୂର୍ବରୁ ଆଲୋଚନା ହୋଇଛି । ଆଗକୁ ମୁଖ୍ୟମନ୍ତ୍ରୀ ଯାହା ନିଷ୍ପତ୍ତି ନେବେ ତାହାକୁ ପାଳନ କରିବି ବୋଲି କହିଛନ୍ତି ରମେଶ । ଟିକେଟ ଆଶାୟୀଙ୍କ ସଂଖ୍ୟା ବଢିବାକୁ ନେଇ ରମେଶ କହିଛନ୍ତି, ଓଡ଼ିଶାରେ ବିଜେଡି ଏକ ବୃହତ ଦଳ ଭାବେ ଉଭା ହୋଇଛି । ଅନେକ ଆଶାୟୀ ଟିକେଟ ଆବେଦନ କରିବେ। ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ। ଓଡ଼ିଶାରେ ବିଜେଡି ପୁଣିଥରେ ବିଜୟୀ ହେବ ବୋଲି କହିଛନ୍ତି ରମେଶ ।

## ବିଳମ୍ବିତ ରାତିରେ ଘରେ ପଶି ତିନି ଜଣଙ୍କୁ ହାଣିଲେ, ମା' ମୃତ ପୁଅ ବୋହୂ ଗୁରୁତର

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଘରେ ପଶି ମାଆ, ପୁଅ ଓ ବୋହୂଙ୍କୁ ହାଣିଲେ ଦୁର୍ବୃତ୍ତ । ମାଆ ମୃତ, ପୁଅ-ବୋହୂ ଗୁରୁତର। ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଓଗରପୁରରେ ଏହି ଘଟଣା ଘଟିଛି। ଗତକାଲି ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ କଳା କପଡ଼ା ମୁହଁରେ ବାନ୍ଧି ସିଲୁ ବିଶ୍ୱାଳଙ୍କ ଘରେ ପଶିଥିଲେ। ଦୁର୍ବୃତ୍ତମାନେ ସିଲୁ, ତାଙ୍କ ସ୍ତ୍ରୀ ଟିକିନା ଓ ମାଆ ମାନିଆ ବିଶ୍ୱାଳଙ୍କୁ ଅତି ନୃଶଂସ ଭାବେ ହାଣି ପକାଇଥିଲେ। ଗୁରୁତର ଅବସ୍ଥାରେ ମାଆ ମାନିଆ ବିଶ୍ୱାଳ, ପୁଅ ସିଲୁ ବିଶ୍ୱାଳ ଓ ବୋହୂ ଟିକିନା ବିଶ୍ୱାଳଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ମାଆ ମାନିଆ ବିଶ୍ୱାଳଙ୍କ ମୃତ୍ୟୁ ହୋଇଛି। ପୁଅ ସିଲୁ ଓ ବୋହୂ ଟିକିନାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

## ପୁଲିସ ବାରାକ୍‌ରୁ ବନ୍ଧୁକ ଚୋରି

### ସପ୍ତମ ବାଟାଲିଅନ କ୍ୟାମ୍ପରୁ ଯବାନଙ୍କ ରାଇଫଲ ଚୋରି ହୋଇଥିବା ଅଭିଯୋଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁଲିସ ବାରାକ୍‌ରୁ ବନ୍ଧୁକ ଚୋରି ଅଭିଯୋଗ ହୋଇଛି। ଭୁବନେଶ୍ୱର ସପ୍ତମ ବାଟାଲିୟନ କ୍ୟାମ୍ପରୁ ଯବାନଙ୍କ ରାଇଫଲ ଚୋରି ହୋଇଥିବା ନେଇ ମୈତ୍ରୀ ବିହାର ଥାନାରେ ଅଭିଯୋଗ ପରେ ପୁଲିସ ତନାଘନା ଆରମ୍ଭ କରିଛି। ଗତ ୧୦ ତାରିଖରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ସମୟରେ ଡ୍ୟୁଟି ପାଇଁ ଆସିଥିବା ଯବାନଙ୍କ ବନ୍ଧୁକ ଚୋରି ହୋଇଛି। ଇନସାସ ରାଇଫଲ ଓ ଗୁଳି ଚୋରୀ ହୋଇଥିବା ନେଇ ମୈତ୍ରୀବିହାର ଥାନାରେ ଅଭିଯୋଗ କରିଛନ୍ତି ଯବାନ। ଗଞ୍ଜାମ ଛତ୍ରପୁର ଅଷ୍ଟମ ସ୍ପେଶାଲ ଆଇ. ଆର.ବି.ଏନରେ କାମ କରୁଥିବା ଏସ୍‌ଆଇ ପି.ଲଛମୟ ଏହି ଅଭିଯୋଗ କରିଛନ୍ତି । ରାଷ୍ଟ୍ରପତିଙ୍କ ଡ୍ୟୁଟି ପାଇଁ ଭୁବନେଶ୍ୱର ଆସିଥିଲେ । ସେ ସପ୍ତମ ବାଟାଲିୟନର ବାରକରେ ରହୁଥିଲେ। ୨ ତାରିଖରେ ଡ୍ୟୁଟି ସାରି କ୍ୟାମ୍ପକୁ ଫେରିଥିଲେ । ନିୟମ ଦୃଷ୍ଟିରୁ ସବୁଦିନ ଭଳି ସେ ଦିନ ସଂଧ୍ୟାରେ ରୋଲକଲ୍ କରାଯାଇଥିଲା । ହାବିଲଦାର ଓ ଯବାନମାନେ ନିଜର ବନ୍ଧୁକ ଓ ଗୁଳି ଧରି ରୋଲକଲ୍‌ରେ ଠିଆ ହୋଇଥିଲେ। ବିଭିନ୍ନ ପ୍ରକାର ୨୮ ବନ୍ଧୁକ ମଧ୍ୟରୁ ରୋଲକଲ ସମୟରେ ୨୭ଟି ମିଳିଥିଲା। ଗୋଟିଏ ଇନ୍‌ସାଇ ରାଇଫଲ ମିଳିନଥିଲା । ଶେଷରେ କିଛି ଉପାୟ ନପାଇ ଏସ୍‌ଆଇ ପି. ଲଛମୟ ବରିଷ୍ଠ ଅଧିକାରୀଙ୍କୁ ଏ ବିଷୟରେ ଜଣାଇଥିଲେ । ଏହି ଘଟଣାକୁ ଗୁପ୍ତ ରଖିବାକୁ ବରିଷ୍ଠ ଅଧିକାରୀମାନେ କହିଥିଲେ । ହେଲେ ତାପରେ ବି ବନ୍ଧୁକର କୌଣସି ଖୋଜଖବର ମିଳିନଥିଲା । ଆଉ ଏବେ ମୈତ୍ରୀବିହାର ଥାନାରେ ଅଭିଯୋଗ କରିଛନ୍ତି ପି. ଲଛମୟ । ଯାହା ପରେ ମୈତ୍ରୀ ବିହାର ଥାନା ପୁଲିସ ଘଟଣାକୁ ନେଇ ତନାଘନା ଆରମ୍ଭ କରିଛି।

## ଲଳିତ ଦାସ ଓ ସ୍ୱପ୍ନା ତିୱାରୀଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୧୯୯୨ ବ୍ୟାଚ୍‌ର ଦୁଇ ବରିଷ୍ଠ ଆଇପିଏସ୍ ଅଫିସର ଲଳିତ ଦାସ ଓ ସପ୍ନା ତିୱାରୀଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ମିଳିଛି। ଅନ୍ୟାଦେଶ ପର୍ଯ୍ୟନ୍ତ ଲଳିତ ଦାସଙ୍କୁ ତାଙ୍କ ପୂର୍ବ ସ୍ଥାନରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର। ଅନ୍ୟପକ୍ଷରେ ଏବେ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି ସପ୍ନା ତିୱାରୀ।ଲଳିତ ଦାସ ଏବେ ରାଜ୍ୟ ପୁଲିସ ର ସ୍ୱତନ୍ତ୍ର ଶାଖା ମାନବାଧିକାର ସୁରକ୍ଷା ସେଲ୍ ଦାୟିତ୍ୱରେ ଅଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ।

## ସ୍ୱର୍ଣ୍ଣକାତର ଗଞ୍ଜାମରେ ବର୍ଷ ଆରମ୍ଭରୁ ରକ୍ତର ଛିଟା

# ୨୦୨୩ରେ ୧୨୩, ଚଳିତ ୨ ମାସରେ ୧୧ ହତ୍ୟା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ବର୍ଷ ଆରମ୍ଭରୁ ଆଇନଶୃଂଖଳା ସ୍ଥିତି ବିଗିଡ଼ିଲାଣି। ସଂଗଠିତ ଅପରାଧ, ପ୍ରତିଶୋଧ ପାଇଁ ହତ୍ୟା, ମଦ ସାମ୍ରାଜ୍ୟ ଦଖଲ ପାଇଁ ମୁଣ୍ଡ ଗଡ଼ାଇବାକୁ ସୁପାରି କିଲିଂ, ଜେଲ୍ ଭିତରୁ ଗ୍ୟାଙ୍ଗ୍ ପରିଚାଳନା ଆଦି କାରଣରୁ ସବୁବେଳେ ସ୍ୱର୍ଣ୍ଣକାତର ଗଞ୍ଜାମ ଜିଲ୍ଲାରେ କଥା କଥାକେ ଗୁଳି ଓ ଖଣ୍ଡା ବୁଲୁଛି। ନିୟମିତ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ହତ୍ୟା ଓ ହତ୍ୟା ଉଦ୍ୟମ ଧାରା ଜାରି ରହିଛି। ଉଦ୍‌ବେଗର କାରଣ ହେଲା, ଗତ ୨୦୨୩ରେ ଜିଲ୍ଲାରେ ରେକର୍ଡ଼ ୧୨୩ଟି ହତ୍ୟାକାଣ୍ଡ ଘଟିଥିଲା। ଚଳିତ ବର୍ଷ ଜାନୁଆରିରୁ ଫେବୃଆରି ସୁଦ୍ଧା ୨ ମାସ ମଧ୍ୟରେ ୧୧ ଜଣଙ୍କ ମୁଣ୍ଡ ଗଡ଼ିଲାଣି। ଏହାଛଡ଼ା ଜଣେ ସମିତିସଭ୍ୟଙ୍କୁ ଗୁଳି କରି ହତ୍ୟା ଉଦ୍ୟମ ହୋଇଛି। ଏହି ନିର୍ବାଚନ ବର୍ଷ ହୋଇଥିବାରୁ ଜିଲ୍ଲା ପୁଲିସ ଓ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ଅପରାଧୀ ଧରପଗଡ଼କୁ ଜୋରଦାର କରାଯାଇଛି। ମୋଷ୍ଟ୍ ୱାଣ୍ଟେଡ୍ ଓ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ତାଲିକା ପ୍ରସ୍ତୁତି ସହ ଜାତୀୟ ସୁରକ୍ଷା ଆଇନ ବଳରେ ତିନି ଜଣଙ୍କୁ ଗିରଫ କରାଯାଇଛି। ଅଧିକାଂଶ ହତ୍ୟା ପଛରେ ପୂର୍ବ ଶତ୍ରୁତା, ପ୍ରତିଶୋଧ, ରାଜନୈତିକ ଛତ୍ରଛାୟା ତଳେ ପତିଆରା ଜାହିର ଉଦ୍ୟମ, ବେଆଇନ ମଦ ସାମ୍ରାଜ୍ୟ କବ୍‌ଜା ସହ ଗୁଣିଗାରେଡ଼ି, ଜମି ଓ ଟଙ୍କା କାରବାରଜନିତ ବିବାଦ ମୂଳ କାରଣ। ସବୁଠୁ ଚିନ୍ତାର ବିଷୟ ହେଉଛି, ହତ୍ୟାକାଣ୍ଡରେ ସଂପର୍କୀୟ ସଂପୃକ୍ତି ସାମ୍ନାକୁ ଆସୁଛି। ସବୁଠୁ ସମ୍ବେଦନଶୀଳ ହେଉଛି, ଗୁଣିଗାରେଡ଼ି ସନ୍ଦେହକୁ ନେଇ ହିଂସା ବୃଦ୍ଧି। ଆମ ପୁଲିସ ପକ୍ଷରୁ ବାରମ୍ବାର ବିଭିନ୍ନ ସ୍ତରରେ ସଚେତନତା ସତ୍ତ୍ୱେ କୌଣସି ସୁଫଳ ମିଳୁନି। ଜାନୁଆରି ୧୦ ତାରିଖରେ ପୋଲସରା ଥାନା ଅଧୀନ ଗରେଇଝୁଲି ଗ୍ରାମରେ କେନ୍ଦୁବାଡ଼ିର ସମିତିସଭ୍ୟ ନରେନ୍ଦ୍ର ସ୍ୱାଇଁଙ୍କୁ ଗୁଳି କରି ହତ୍ୟା ଉଦ୍ୟମ ହୋଇଥିଲା। ଏଥିରେ ସଂପୃକ୍ତ ମୁଖ୍ୟ ଅଭିଯୁକ୍ତ ଗୁରୁମୂର୍ତ୍ତି ନାହାକକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗୁରୁମୂର୍ତ୍ତି ତା'ର ସହଯୋଗୀଙ୍କ ସହ ଗାଁ ଭିତରେ ଦ୍ରୁତ ଗତିରେ ଗାଡ଼ି ଚଳାଇବାକୁ ନେଇ ଶ୍ରୀ ସ୍ୱାଇଁ ତାଗିଦ୍ କରିବାରୁ ଦେଶୀ ବନ୍ଧୁକରୁ ତାଙ୍କୁ ଗୁଳି କରାଯାଇଥିଲା। କିନ୍ତୁ ସୌଭାଗ୍ୟବଶତଃ ସେ ବର୍ତ୍ତିଯାଇଥିଲେ।

ଏହାପରେ ୧୩ ତାରିଖରେ ହିଞ୍ଜିଳିକାଟୁ ଥାନା ଗଣ୍ଡଳା ଗ୍ରାମରେ ଟଙ୍କା ଚୋରି କରିଥିବା ସନ୍ଦେହରେ ବିଜୟ ପାଣିଗ୍ରାହୀ (୩୩)ଙ୍କୁ ତାଙ୍କ ସାଙ୍ଗ ତଥା ସେହି ଗ୍ରାମର ରାମକୃଷ୍ଣ ସାହୁ (୪୬) ଏକ ହାତକୋଡ଼ି ବେଣ୍ଟରେ ପିଟି ହତ୍ୟା କରିଥିଲା। ରାମକୃଷ୍ଣର ଘରୁ ୬୦୦୦ ଟଙ୍କା ଚୋରି ହୋଇଯାଇଥିଲା। ସେ ସାଙ୍ଗ ବିଜୟଙ୍କ ଉପରେ ସନ୍ଦେହ କରି ଏଭଳି ଏକ ଚରମ ପଦକ୍ଷେପ ନେଇଥିଲା। ୧୯ ତାରିଖରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ସାକିରି ଗ୍ରାମ ?ରେ ଡାକ୍ତର ଡାକୁଆ ନାମକ ଜଣେ ଯୁବକ ତା'ର ଦାଦା ଶିବ ଡାକୁଆ (୬୦) ଓ ଭାଉଜ ଜୟନ୍ତୀ ଡାକୁଆ (୪୦) ଙ୍କୁ ଅତ୍ୟନ୍ତ ବୀଭତ୍ସ ଭାବେ ଖଣ୍ଡାରେ ହାଣି ହତ୍ୟା କରିଥିଲା। କାଜୁ ତୋଟାକୁ ନେଇ ବିଭିନ୍ନ ସମୟରେ ଶିବଙ୍କ ସହ ବିବାଦରୁ ଏହି ହତ୍ୟାକାଣ୍ଡର ସୂତ୍ରପାତ ହୋଇଥିଲା। ୩୦ ତାରିଖରେ ଖଲ୍ଲିକୋଟ ଥାନା ଇଲାକାରେ ଜଣେ ନାବାଳକଙ୍କୁ (୧୭) ଆଉ ଜଣେ ନାବାଳକ (୧୭) ଛୁରୀରେ ଭୁସି ହତ୍ୟା ଘଟଣା ସାମ୍ନାକୁ ଆସିଥିଲା। ପୂର୍ବ ଗଣ୍ଡଗୋଳର ପ୍ରତିଶୋଧ ନେବାକୁ ଯାଇ ସଂପୃକ୍ତ ନାବାଳକ ଏଭଳି ଏକ ପଦକ୍ଷେପ ନେଇଥିଲା।

ଅନ୍ୟପକ୍ଷରେ ଗତ ଫେବୃଆରି ୪ ତାରିଖରେ ଗୋଳନ୍ଥରା ଥାନା କଇଠା ଗ୍ରାମ ଓଡିଆରପି କଲୋନିରେ କିଆଫୁଲ ଚାଷଜମି ବିବାଦକୁ ନେଇ ଭୀମ ବେହେରା(୫୫)ଙ୍କୁ ତାଙ୍କ ବଡ଼ଭାଇ ସୁରେନ୍ଦ୍ର ବେହେରା ଓ ପୁତୁରା ମୋହନ ବେହେରା ଟାଙ୍ଗିଆ ଏବଂ କାତିରେ ହାଣି ହତ୍ୟା ଗିରଫ ହୋଇଥିଲେ। ୧୧ ତାରିଖରେ ପାତ୍ରପୁର ବ୍ଲକ୍ ଓ ଜରଡ଼ା ଥାନା ଆଙ୍କୁଲି ପଞ୍ଚାୟତ ଆଦିବାସୀଅଧ୍ୟୁଷିତ ହଳଦୀବାଡ଼ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଗୁରୁବାରିଆ ଡାକୁଆ (୪୫)ଙ୍କୁ ହତ୍ୟା ପରେ ଶବକୁ ପୋଡ଼ି ଦିଆଯାଇଥିବା ଭଳି ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା। ଏଥିରେ ସଂପୃକ୍ତ ୧୧ ଜଣ ଗିରଫ ହୋଇଥିଲେ।

ତେବେ ୧୯ ତାରିଖରେ ଜରଡ଼ା ଥାନା ଚୁଡ଼ିଆଲାଞ୍ଜି ଗ୍ରାମରେ ଗତ ୧୯ ତାରିଖରେ ଶୋଇଥିବା ଅବସ୍ଥାରେ ଡାଲି ନିଲାବେଣୀ (୩୦) ଓ ତାଙ୍କ ପୁଅ ରୁଷି (୭)ଙ୍କୁ ହତ୍ୟା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ମାଇଁ ଓ ଭଣଜାଙ୍କ ପରକୀୟା ପ୍ରେମ ଧରିବା ଯୋଗୁଁ ହିଁ ଉଭୟେ ମିଶି ମାଆପୁଅକୁ ହତ୍ୟା କରିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିଲା। ୨୬ ତାରିଖରେ ଡି.ଦେବେନ୍ଦ୍ର ରେଡ୍ଡୀ (୨୫) ଓ ତାଙ୍କ ମାଇଁ ଡି. ଗୁନାମ୍ମାଙ୍କୁ ଗିରଫ କରାଯାଇଥିଲା। ୨୫ ତାରିଖରେ ପୋଲସରାରେ ସୁରତ ବ୍ୟବସାୟୀ ଗୋହିଲ ହେମନ୍ତ ସିଂଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ବେଳେ? ଏହା ପଛରେ ବେଆଇନ ମଦ କାରବାର ମୁଖ୍ୟ କାରଣ ବୋଲି ଜଣାପଡ଼ିଥିଲା। ୨ ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ୨୯ ତାରିଖ ରାତିରେ ଧାର ଟଙ୍କାକୁ କେନ୍ଦ୍ର କରି କବିସୂର୍ଯ୍ୟନଗର ଥାନା ବଡ଼ଆଗୁଳ ଗାଁ ତଳସାହିରେ ତ୍ରିଲୋଚନ ପ୍ରଧାନଙ୍କୁ ଖଣ୍ଡାରେ ହାଣି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଅଭିଯୁକ୍ତ କୈଳାସ ସ୍ୱାଇଁ ଗିରଫ ହୋଇଥିଲା। ୨୭ ତାରିଖରେ କବିସୂର୍ଯ୍ୟନଗର ଥାନା ଦେଓଗାଁ ନିକଟ ବିଲରୁ ରମାକାନ୍ତ ପ୍ରଧାନ (୬୦)ଙ୍କ ଶବ ମିଳିଥିବା ବେଳେ ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିଲା।

## ବ୍ରାଉନସୁଗାର ଡିଲ୍‌ବେଳେ ଚଢ଼ଉ

## କଲା ପୋଲିସ : ୬ଗିରଫ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧାରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଧଳା ଜହର ବେପାର। ପୋଲିସ ଯେତେ ଧରିଲେ ମଧ୍ୟ ଏହି ନିଶା କାରବାର ସେତେ ବଢୁଛି। ଜେଲ ଭିତରେ ଥାଇ ମୋବାଇଲ ଯୋଗେ କରୁଥିଲେ ଡିଲ। ଜେଲ ସୁପରିଟେଣ୍ଡଙ୍କ ଠାରୁ ସୁରାକ ପାଇ ଏସଡିପିଓ ଦିଲ୍ଲୀପ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ମହୋତ୍ସବ ପଡ଼ିଆରେ ଚଢ଼ାଉ କରିଥିଲା। ସେଠାରୁ ୬ଜଣଙ୍କୁ ଗିରଫ କରିବା ସହ ୨୬୨ଗ୍ରାମ ବ୍ରାଉନ ସୁଗର, ଦାମୀ ମୋବାଇଲ, ଏକ ସ୍କର୍ପିଓ ଗାଡ଼ି ଜବତ କରିଛି। ଗିରଫ ନିଶା ମାଫିଆମାନେ ପୂର୍ବରୁ ମଧ୍ୟ ଏହି ଧଳା ଜହର ବେପାରରେ ସଂପୃକ୍ତ ରହିଥିଲେ ବୋଲି ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବ୍ରାଉନସୁଗର ବେପାରକୁ ରୋକିବା ଲାଗି ପୋଲିସ ମଧ୍ୟ ଦୃଢ଼ ପଦକ୍ଷେପ ନେଇ ନିଶା ମାଫିଆଙ୍କୁ ଗିରଫ କରିଛି।

## ରକ୍ତ ପିଉଛି ଜୟଦେବବିହାର-ନନ୍ଦନକାନନ ରାସ୍ତା

# ୩ ମାସରେ ୩୬ ଦୁର୍ଘଟଣାରେ ୮ ମୃତ, ଶତାଧିକ ଆହତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଜନଗହଳିପୂର୍ଣ୍ଣ ଜୟଦେବବିହାର-ନନ୍ଦନକାନନ ରାସ୍ତା ଭିଡ଼ କମାଇବାକୁ ୨ଟି ସମାନ୍ତରାଳ ରାସ୍ତା ନିର୍ମାଣ ଚାଲିଛି। ସାଲିଆସାହି ବ୍ୟତୀତ ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଡାହାଣ ପାର୍ଶ୍ୱ ସମାନ୍ତରାଳ ରାସ୍ତା କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ତା'ସତ୍ତ୍ୱେ ମଧ୍ୟ ଜୟଦେବବିହାର-ନନ୍ଦନକାନନ ରାସ୍ତାରେ ଦୁର୍ଘଟଣା ବନ୍ଦ ହେଉନାହିଁ। ପ୍ରତିଦିନ ଏହି ଅଞ୍ଚଳରେ ଛୋଟ ବଡ଼ ଦୁର୍ଘଟଣା ଘଟିଚାଲିଛି। ମୁଣ୍ଡ ବି ଗଡୁଛି। 'ମୋ ବସ୍' ଦୁର୍ଘଟଣା ତ ଏହି ରାସ୍ତାରେ ନିତିଦିନିଆ କଥା ହୋଇଗଲାଣି। ରାତିରେ ସ୍ଥିତି ଆହୁରି ଭୟଙ୍କର ହୋଇ ଯାଉଛି। ଗତ ୧୦ ଦିନ ମଧ୍ୟରେ ନାଲ୍‌କୋ ଛକ ନିକଟରେ ହିଁ ରାତିରେ ୩ଟି ଦୁର୍ଘଟଣା ଘଟି ୫ରୁ ଅଧିକ ଆହତ ହେଲେଣି।

ତ୍ରିଶୁଳିଆ ବ୍ରିଜ୍ ହେବା ପରେ ଏହି ରାସ୍ତା ଏବେ କଟକ-ଭୁବନେଶ୍ୱର ସହର ପାଇଁ ଲାଇଫ୍ ଲାଇନ୍ ପାଲଟିଛି। ବାଟ କମ୍ ପଡୁଥିବାରୁ ଦ୍ୱୈତନଗରୀର ଲୋକେ ଏହି ରାସ୍ତାରେ ଯିବା ଆସିବା କରିବାକୁ ପସନ୍ଦ କରୁଛନ୍ତି। ଏହା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବାର ପ୍ରମୁଖ କାରଣ ପାଲଟିଛି। ସକାଳ ୯ଟାରୁ ୧୧ଟା ଓ ସନ୍ଧ୍ୟା ୫ଟାରୁ ୮ଟା ପର୍ଯ୍ୟନ୍ତ ଏହି ରାସ୍ତାରେ ନାହିଁ ନଥିବା ଗହଳି ହେଉଛି ଓ ଦୁର୍ଘଟଣା ମଧ୍ୟ ଘଟୁଛି। ପୁଣି ରାତି ୧୧ଟା ପରେ ଟ୍ରାଫିକ୍ ହଟିବା କ୍ଷଣି ଗାଡ଼ିଗୁଡ଼ିକ ଘଣ୍ଟା ପ୍ରତି ୮୦ରୁ ୧୦୦ କିମି ବେଗରେ ଯାଉଛି। ତେଣୁ ରାତି ଦୁର୍ଘଟଣାର ସଂଖ୍ୟା ବଢ଼ିଚାଲିଛି। ରାତି ଦୁର୍ଘଟଣାର ଏକ ମୁଖ୍ୟ କାରଣ ହେଉଛି, ପ୍ରାୟ ୨ମାସ ହେଲା ଏହି ରାସ୍ତାରୁ ହମ୍ପସ୍ ଉଠାଇ ଦିଆଯାଇଛି। ମେଟ୍ରୋ ଟ୍ରେନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ତ୍ରିଶୁଳିଆ ଯିବାକୁ ଥିବାରୁ କିଟ୍ ଛକରୁ ତ୍ରିଶୁଳିଆ ଛକ ମଧ୍ୟରେ ଥିବା ହମ୍ପସ୍‌ଗୁଡ଼ିକ ଉଠାଇ ରାସ୍ତାକୁ ସମାନ କରି ଦିଆଯାଇଥିଲା। କାର୍ଯ୍ୟକ୍ରମ ପରେ ଆଉ ହମ୍ପସ୍ ନିର୍ମାଣ କରାଯାଇ ନାହିଁ। ସେଥିପାଇଁ ରାତିରେ ଗାଡ଼ିଗୁଡ଼ିକ କ୍ଷୀପ୍ରଗତିରେ ଯିବା ଆସିବା କରୁଛି। ତେଣୁ ମୁଖ୍ୟତଃ କାରଗୁଡ଼ିକ ଦୁର୍ଘଟଣାର ଶିକାର ହେଉଛି। ରାତିରେ ଟ୍ରକ୍ ମଧ୍ୟ ଏହି ରାସ୍ତାରେ ଘଣ୍ଟାପ୍ରତି ୬୦ରୁ ୮୦ କିମି ବେଗରେ ଯାଉଛନ୍ତି। କେବେ କେବେ ସମ୍ପୂର୍ଣ୍ଣ ରାସ୍ତାକୁ ୨-୩ଟି ଟ୍ରକ୍ ଅକ୍ତିଆର କରି ନେଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି।

ଏମିତି ପ୍ରତିଦିନ ହେଉଥିଲେ ହେଁ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା କଟକଣା ଲଗାଯାଉନାହିଁ। ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ସାଜିଛନ୍ତି ବୁଲା ଗାଈଗୋରୁ। ଅବଶ୍ୟ ଜୟଦେବ ବିହାର ଛକରୁ ପଟିଆ ବିଗ୍‌ବଜାର ଛକ ପର୍ଯ୍ୟନ୍ତ ରାସ୍ତାରେ ଆଗଭଳି ଗାଈଗୋରୁଙ୍କୁ ଦେଖିବାକୁ ମିଳୁନି। ତେବେ ପଟିଆଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତା ଏବେ ବୁଲା ଗାଈଗୋରୁଙ୍କ କବ୍‌ଜାରେ। ଦିନ ରାତି ସବୁ ସମୟରେ ରାସ୍ତାକୁ କବ୍‌ଜା କରି ଗୋରୁମାନେ ଶୋଇ ରହୁଛନ୍ତି। ସେମାନଙ୍କୁ ହଟାଇବା ଦିଗରେ କେହି ଗୁରୁତ୍ୱ ଦେଉ ନାହାନ୍ତି। ନିଜ ଅଞ୍ଚଳ ହୋଇ ନ ଥିବା କହି ବିଏମ୍‌ସି କର୍ତ୍ତୃପକ୍ଷ ନିରବ ରହୁଥିବାବେଳେ ପୁଲିସ ତାହା ତା'ଦାୟିତ୍ୱ ନୁହେଁ ବୋଲି କହି ଖସି ଯାଉଛି। ମୋଟ୍ ଉପରେ ଏହି ରାସ୍ତା ଦୁର୍ଘଟଣାପ୍ରବଣ ଭାବେ ପରିଚିତ ହୋଇ ସାରିଲା ପରେ ମଧ୍ୟ ସମସ୍ୟାର ସମାଧାନ ପାଇଁ କୌଣସି ବଡ଼ ପଦକ୍ଷେପ ଗ୍ରହଣ କରା ଯାଇନାହିଁ। ଫଳରେ ସ୍ଥିତି ଆହୁରି ବିଗିଡ଼ିବାରେ ଲାଗିଛି। କମିଶନରେଟ୍ ପୁଲିସର ତଥ୍ୟ ଅନୁଯାୟୀ, ଗତ ୩ ମାସ ମଧ୍ୟରେ ଜୟଦେବବିହାର-ନନ୍ଦନକାନନ ରାସ୍ତା ଓ ବାମପାର୍ଶ୍ୱ ସମାନ୍ତରାଳ ରାସ୍ତାରେ ୩୬ଟି ବଡ଼ ଦୁର୍ଘଟଣା ହୋଇଛି।

ସେଥିରେ ୮ଜଣଙ୍କର ପ୍ରାଣ ଗଲାଣି ଓ ଶତାଧିକ ଆହତ ହୋଇଛନ୍ତି। ଏହା ଭିତରୁ ମୈତ୍ରୀବିହାର ଥାନା ଅଧୀନ ୨୦୦ ଫୁଟିଆ ରୋଡ୍‌ରେ ୧୨ଟି ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଥାନା ଅଧୀନ ଜୟଦେବବିହାର-ନନ୍ଦନକାନନ ରାସ୍ତାରେ ୯ଟି ଦୁର୍ଘଟଣାରେ ୨ ଜଣଙ୍କ ଜୀବନ ଯାଇଛି। ଯଦି ଚନ୍ଦ୍ରଶେଖରପୁର ଥାନା କଥା ଦେଖିବା, ଏହି ୩ମାସରେ ୭ଟି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ଇନ୍‌ଫୋସିଟି ଥାନା ଅଧୀନରେ ମଧ୍ୟ କମ୍ ଦୁର୍ଘଟଣା ହେଉନାହିଁ। ଜୟଦେବବିହାର-ନନ୍ଦନକାନନ ରାସ୍ତାରେ ୬ଟି ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୨ରୁ ଅଧିକ ଆହତ ହୋଇଛନ୍ତି। ଇନ୍‌ଫୋସିଟି-ଶିଖରଚଣ୍ଡୀ ରୋଡ୍‌ରେ ୨ଟି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି।

## ଆକ୍ସନ ମୋଡକୁ ଆସିବ ବନ ବିଭାଗର ରାପିଡ଼ ରେସ୍ପନ୍ସ ଟିମ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରାଣୀ ମଣିଷ ସଂଘର୍ଷରେ ପଡ଼ିବ ପୂର୍ଣ୍ଣଛେଦ । ଆକ୍ସନ ମୋଡକୁ ଆସିବ ବନ ବିଭାଗର ରାପିଡ଼ ରେସ୍ପନ୍ସ ଟିମ୍ । ଷ୍ଟନ ଗନ୍ ହେଉ ବା ଟ୍ରାଙ୍କୁଲାଇଜର୍ ବା ସ୍ମାର୍ଟ ଷ୍ଟିକ, ଏ ପରି ଉପକରଣର ବ୍ୟବହାର ନେଇ ମିଳୁଛି ଟ୍ରେନିଂ । ଗୋଟେ କି ଦୁଇଟା ନୁହେଁ, ଟ୍ରାକିଂରୁ ଟ୍ରାନକୁଲାଇଜେସନ ଯାଏ, ଉଦ୍ଧାରରୁ ଯନ୍ତାରେ ଛାଡ଼ିବା ପର୍ଯ୍ୟନ୍ତ ୧୦୦ରୁ ଅଧିକ ଉପକରଣ ଆସିବ କାମରେ । ହଠାତ୍ ଜନବସତିମୁହାଁ ହାତୀର ଖବର ଆସୁ କି ଜଙ୍ଗଲରେ ମହାବଳ ଝାମ୍ପିବାକୁ ଚେଷ୍ଟା କଲେ, ଷ୍ଟନ୍ ଗନ୍ ଦେବ ସାମାନ୍ୟ ଝଟକା । ଦୂରେଇ ଯିବ ବାଘ, ହେଲେ କ୍ଷତି ପହଞ୍ଚିବ ନାହିଁ। ସେହିପରି ବଡ଼ ବଡ଼ ରଶି ଓ ଚେନ୍ ଦ୍ୱାରା ଆୟତ୍ତ ହେବେ ଜଙ୍ଗଲୀ ଜନ୍ତୁ। ଏହି କାମ ପାଇଁ ରାପିଡ଼ ରେସ୍ପନ୍ସ ଟିମ୍ ଘଣ୍ଟେରୁ ଦେଢ ଘଣ୍ଟା ଭିତରେ ଘଟଣା ସ୍ଥଳରେ ପହଞ୍ଚି ଆରମ୍ଭ କରିବ ଅପରେସନ୍ । ଆବଶ୍ୟକ ସ୍ଥଳେ ଟ୍ରାଙ୍କୁଲାଇଜ୍ ହେବା ପରେ କିପରି ଯନ୍ତାରେ ଛଡ଼ା ଯିବ, ସେ ଦିଗରେ ବି ଟ୍ରେନିଂ ପାଉଛନ୍ତି ରାପିଡ୍ ରେସ୍ପନ୍ସ ଟିମ୍ । ଏଥିସହ ଉଦ୍ଧାର ପ୍ରାଣୀକୁ ଭେଟେନାରି ସହାୟତା ଯୋଗାଇବାକୁ ବି ଟ୍ରେନିଂରେ ଦିଆଯାଉଛି ପ୍ରାଥମିକତା । ମାର୍ଚ୍ଚ ଶେଷ ସୁଦ୍ଧା ଟ୍ରେନିଂ ସାରି ଏପ୍ରିଲ ପହିଲାରୁ ଏହି ଟିମ ଜଙ୍ଗଲରେ ଟ୍ରାକିଂ ଓ ଟ୍ୟାଙ୍କିଂ ଆରମ୍ଭ କରିବ। ୧୮ଟି ବନଖଣ୍ଡ ପାଇଁ ୧୮ଟି ରାପିଡ଼ ରେସ୍ପନ୍ସ ଟିମ ଗଠନ କରିଛି ବନ ବିଭାଗ । ଏଥିରେ ବନ ବିଭାଗର ୬ ଜଣ ଯୁବକ ଓ ଜଣେ ରେଞ୍ଜର ସ୍ତରୀୟ ଟିମ ଲିଡର ଅଛନ୍ତି। ଦିନ ତମାମ୍ ସେମାନେ ବନ ସୁରକ୍ଷା କାମରେ ଲାଗି ପଡ଼ିବ ।

## କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହ

# ସଂସ୍କୃତ ଆମର ଅସ୍ମିତା, ସଭ୍ୟତା ଏବଂ ସଂସ୍କୃତିର ମୂଳ ଆଧାର : ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସଂସ୍କୃତ ଆମର ଅସ୍ମିତା, ସଭ୍ୟତା ଓ ସଂସ୍କୃତିର ମୂଳ ଆଧାର ବୋଲି ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତିଙ୍କ ସହ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସଂସ୍କୃତ ଭାଷା ବହୁ ଭାଷାର ଜନନୀ ଅଟେ। ସଂସ୍କୃତ ଭାଷା ଆମର ପ୍ରଗତିର ପରିଚୟ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସ୍କୃତ ଭାଷା ଏବଂ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ଭାରତର ଛାତ୍ରଛାତ୍ରୀ ସମଗ୍ର ଶିକ୍ଷା ପ୍ରାପ୍ତ କରି ଆତ୍ମନିର୍ଭର ହେବା ସହ ସମର୍ପଣ ଭାବନାର ସହିତ ରାଷ୍ଟ୍ର ନିର୍ମାଣରେ ଯୋଗଦାନ ରଖିବା ପାଇଁ ଜାତୀୟ ଶିକ୍ଷା ନୀତି ଗୁରୁତ୍ୱ ଦେଉଛି। ମୋଦୀ ସରକାରରେ ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ସଂସ୍କୃତ, ବେଦ ଏବଂ ଭାରତୀୟ ଜ୍ଞାନ ପରମ୍ପରାକୁ ଏକବିଂଶ ଶତାବ୍ଦୀର ଆଧୁନିକ ଶିକ୍ଷା ବ୍ୟବସ୍ଥା ସହ ଯୋଡାଯାଉଛି। ସଂସ୍କୃତ ଭାଷାର ଉନ୍ନତି ପାଇଁ ଭାରତ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ସଂସ୍କୃତ ଗବେଷଣାକୁ ପ୍ରୋତ୍ସାହନ, ସ୍କୁଲ ଓ କଲେଜରେ ସଂସ୍କୃତ ଛାତ୍ରବୃତ୍ତି ସହ ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନରେ ସଂସ୍କୃତ ସେଣ୍ଟର ପ୍ରତିଷ୍ଠା କରାଯାଉଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସଂସ୍କୃତ ଓ ଅନ୍ୟ ଭାଷା ସହିତ ଯୋଡିବା ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭାରତ ସରକାରଙ୍କ ସହଯୋଗରେ ବିଶେଷତଃ ପାଞ୍ଚଟି ପରିଯୋଜନା ଯଥା ଆୟୁର୍ବେଦ ଗୁରୁକୁଳମ, ଭାରତୀୟ ଜ୍ଞାନ ପ୍ରଣାଳି, ହିନ୍ଦୁ ଅଧ୍ୟୟନ କେନ୍ଦ୍ର, ଇଣ୍ଡିଆନ୍ ନଲେଜ୍ ସିଷ୍ଟମ ପ୍ରଶିକ୍ଷଣ କେନ୍ଦ୍ର ପରିଚାଳିତ କରୁଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଦେଶରେ ବୌଦ୍ଧିକ ଶିକ୍ଷା ପ୍ରଦାନ କରିବା ପାଇଁ ୨୦୨୨ରେ ମହର୍ଷି ସନ୍ଦିପାନୀ ରାଷ୍ଟ୍ରୀୟ ବେଦ ବିଦ୍ୟା ପ୍ରତିଷ୍ଠାନ ଓ ସଂସ୍କୃତ ଶିକ୍ଷା ବୋର୍ଡର ସ୍ଥାପନା କରିଛନ୍ତି।

ସେ ଆହୁରି ରହିଛନ୍ତି ଯେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଂସ୍କୃତ ଓ ଆୟୁର୍ବେଦ ମଧ୍ୟରେ ଥିବା ଦୂରତାକୁ ପୂରଣ କରିବାରେ ବିଶ୍ୱବିଦ୍ୟାଳୟ ଅଭିନବ ପ୍ରୟାସ କରିଛି। ଜାତୀୟ ଶିକ୍ଷା ନୀତିକୁ କ୍ରିୟାନ୍ୱୟନ କରିଥିବା ଏହି ବିଶ୍ୱବିଦ୍ୟାଳୟରେ ଅପାର ଆଇଡି, ଏକାଡେମିକ୍ ବ୍ୟାଙ୍କ୍ ଅଫ୍ କ୍ରେଡିଟ୍ ଭଳି ଟେକ୍ନୋଲୋଜି ପୂର୍ବରୁ ଉପଲବ୍ଧ ହେବା ଖୁସିର ବିଷୟ। ବିଦ୍ୟାର୍ଥୀ ୱେଲଥ୍ କ୍ରିଏସନ ଏବଂ ୱେଲ ଫେୟାର ମଧ୍ୟରେ ସମନ୍ୱୟ ସ୍ଥାପିତ କରି ଏକବିଂଶ ଶତାବ୍ଦୀକୁ ଭାରତୀୟ ଶତାବ୍ଦୀ ରୂପରେ ପରିବର୍ତ୍ତିତ କରିବା ପାଇଁ ପ୍ରତିବଦ୍ଧ କରିବେ ବୋଲି ମୋର ବିଶ୍ୱାସ ରହିଥିବ। ଆମ ସମସ୍ତଙ୍କୁ ଭାରତୀୟ ଦର୍ଶନ ଏବଂ ଭାରତର ଜ୍ଞାନକୁ ସମଗ୍ର ଦୁନିଆର ନାଗରିକଙ୍କ ପାଖରେ ଅଧିକରୁ ଅଧିକ ଭାଷାରେ ଉପଲବ୍ଧ କରାଇବା ପାଇଁ ପ୍ରୟାସ କରିବା ଦରକାର ବୋଲି କେନ୍ଦ୍ରମନ୍ତ୍ରୀ କହିବା ସହ ଆଜିର ଅବସରରେ ଡିଗ୍ରୀ ଓ ସ୍ୱର୍ଣ୍ଣ ପଦକ ପାଇଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଫେରିଲେ ବିଦେଶୀ ନିବେଶକ

ଗତ ମାସରେ ମୁହଁ ଫେରାଇ ନେଇଥିବା ବିଦେଶୀ ନିବେଶକମାନେ ପୁଣି ଥରେ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେମାନେ ଭାରତୀୟ ଷ୍ଟକ୍ ବଜାର ପ୍ରଦର୍ଶନ ଉପରେ ଭରସା ପ୍ରକଟ କରିଛନ୍ତି। ଭାରତୀୟ ଅର୍ଥନୀତିର ଚମତ୍କାର ପ୍ରଦର୍ଶନ ସେମାନଙ୍କୁ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ କରିଛି। ସେଥିପାଇଁ ମାର୍ଚ୍ଚ ମାସର ପ୍ରଥମ ୧୫ ଦିନରେ ବିଦେଶୀ ନିବେଶକମାନେ ଇକ୍ୱିଟି ବଜାରରେ ୪୦,୭୧୦ କୋଟି ଟଙ୍କା ନିବେଶ କରିଛନ୍ତି। ୨୦୨୪ର ପ୍ରଥମ ମାସ ବିଦେଶୀ ନିବେଶକଙ୍କ ଲାଗି ଚଳନୀୟ ଥିଲା। ସେମାନେ ଜାନୁଆରିରେ ପ୍ରାୟ ୨୫,୭୪୩ କୋଟି ଟଙ୍କା ଇକ୍ୱିଟି ବଜାରରେ ନିବେଶ କରିଥିଲେ। ମାତ୍ର ଫେବ୍ରୁଆରିରେ ସ୍ଥିତି ଓଲଟିଯାଇଥିଲା। ଭାରତୀୟ ଅର୍ଥନୀତିର ପ୍ରଦର୍ଶନ ଉପରେ ସନ୍ଦେହ ହେବାରୁ ସେମାନେ ଅନ୍ୟତ୍ର ପଳାୟନ କରିଥିଲେ। ବିଦେଶୀ ନିବେଶକମାନେ ଏହି ମାସରେ ମାତ୍ର ୧୫୩୯ କୋଟି ଟଙ୍କା ଭାରତୀୟ ଇକ୍ୱିଟି ବଜାରରେ ନିବେଶ କରିଥିଲେ। ସାଧାରଣତଃ ଆମେରିକାର ବଣ୍ଡ୍ ୟିଲ୍ଡ ଆଧାରରେ ବିଦେଶୀ ନିବେଶକମାନେ ସେମାନଙ୍କ ନିବେଶ ରଣନୀତି ପ୍ରସ୍ତୁତ କରୁଛନ୍ତି। ତେବେ ବଜାର ବିଶେଷଜ୍ଞମାନେ କହିଛନ୍ତି ଯେ ମାର୍ଚ୍ଚରେ ଷ୍ଟକ୍ ବଜାର ଜରିଆରେ କେତେକ ବଡ଼ ଧରଣର ଡିଲ୍ ହୋଇଥିବାରୁ ନିବେଶ ପରିମାଣ ଅଧିକ ପ୍ରଦର୍ଶିତ ହୋଇଛି। ଏହା ବିଦେଶୀ ନିବେଶକମାନଙ୍କ ଆଚରଣର ପ୍ରକୃତ ପ୍ରତିଫଳନ ନୁହେଁ। କିନ୍ତୁ ନିବେଶରେ ଏହି ବୃଦ୍ଧିର ଧାରା ଆଗାମୀ ଦିନରେ ଜାରି ରହିବ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି। ଭାରତୀୟ ଅର୍ଥନୀତି ଭଲ ପ୍ରଦର୍ଶନ କରୁଥିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ସୁଧ କମ୍ କରିବା ସମ୍ଭାବନା ସୃଷ୍ଟି ହୋଇଛି। ନିର୍ବାଚନକୁ ନେଇ ମଧ୍ୟ ଦେଶରେ ଉତ୍ସାହ ଦେଖାଦେଇଛି। ସେଥିପାଇଁ ବିଦେଶୀ ନିବେଶକମାନେ ଭାରତୀୟ ଷ୍ଟକ୍ ବଜାର ପ୍ରତି ଆଗ୍ରହ ଦେଖାଇଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାଯସ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)
(କ୍ରମଶଃ)

# "ଡେଭିଲ ଧୂମକେତୁ" ଆସୁଅଛି, ହେଲୀ କେବେ ? (୮)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪

ପୂର୍ବ ଥର ଇତିହାସକୁ ଭାଗ ଭାଗ କରି ପ୍ରତ୍ୟେକ ସମୟରେ ମନୁଷ୍ୟର ଧୂମକେତୁ ବିଷୟରେ କି ଚିନ୍ତାଧାରା ଥିଲା ସେ ବିଷୟରେ ସମ୍ୟକ ଧାରଣା ମିଳିଥିଲା। ପ୍ରଥମ ଆଲେଖ୍ୟରେ ପୁରାତନ ଗ୍ରୀକ୍ ସଭ୍ୟତାରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ତଥ୍ୟ ଦିଆଯାଇଥିଲା। ତା ପରେ ଆଜି ଆଧୁନିକ ଯୁଗରେ ବିଜ୍ଞାନର ଅଗ୍ରଗତି ହେବା ପରେ ଧୂମକେତୁକୁ କିପରି ଭାବେ ବର୍ଣ୍ଣନା କରାଗଲା ସେ ବିଷୟରେ ଅଧିକ ତଥ୍ୟ ଆଣିବାକୁ ଚେଷ୍ଟା କରିବା। ପ୍ରଥମେ "ଡେଭିଲ୍ ଧୂମକେତୁ"ର ଆଗମନ ବିଷୟରେ ସାମାନ୍ୟ ସୂଚନା ଦେବା।

ଆମେ ଆଗରୁ ଦ୍ୱିତୀୟ ଭାଗରେ ଚର୍ଚ୍ଚା କରିଥିଲୁ ଯେ **"ଡେଭିଲ୍ ଧୂମକେତୁ"** ଶେଷ ଥର ପାଇଁ ପେରିହେଲିଅନ୍ ବା ପରିକ୍ରମା ପଥର ବିନ୍ଦୁ ଯାହା ସୂର୍ଯ୍ୟର କେନ୍ଦ୍ରରୁ ନିକଟତମ ସ୍ଥାନ ୧୯୫୪ରେ ଅତିକ୍ରମ କରିଥିଲା । ତେଣୁ ଅନୁମାନ କରାଯାଉଥିଲା ଯେ ଏପ୍ରିଲ୍ ୨୧, ୨୦୨୪ ରେ ଏହା ଦୃଶ୍ୟମାନ ହେବ। ନାସାର ସଦ୍ୟ ଅଧ୍ୟୟନ ଅନୁଯାୟୀ, ଏପ୍ରିଲ୍ ସେହି ଦିନ ଡେଭିଲ୍ ଧୂମକେତୁ ପେରିହେଲିଅନ୍‌ରେ ରହିବ କିମ୍ବା ସୂର୍ଯ୍ୟଙ୍କ ନିକଟତର ହେବ। ସେହି ଦିନ ପୃଥିବୀର ଲୋକମାନେ ଧୂମକେତୁକୁ ଏହାର ଉଜ୍ଜ୍ୱଳ ତାରକା ଭାବରେ ଦେଖିପାରିବେ।

ଆମେ ଭାରତରେ ଏହାକୁ ଦେଖିପାରିବା କି? ଏନଡିଟିଭି ଏକ ରିପୋର୍ଟ ଅନୁଯାୟୀ, ଧୂମକେତୁ ଚିହ୍ନିବା ଟିକେ କଷ୍ଟସାଧ ହୋଇପାରେ ଏବଂ ଦୃଶ୍ୟମାନତା ପାଇଁ ମଧ୍ୟମ ଆକାରର ଟେଲିସ୍କୋପ ବ୍ୟବହାର କରିବାକୁ ଦେଖଣାହାରୀଙ୍କୁ ପରାମର୍ଶ ଦିଆଯାଇଛି। ଧୂମକେତୁ ପୃଥିବୀକୁ ଧକ୍କା ଦେବାର ସମ୍ଭାବନା ଅଛି କି? ଏହାର ଉତ୍ତରରେ ନାସା କହେ , ନା। କେବଳ ନାମ ଭୟାନକ ଅଟେ । ଏହା ହେଉଛି ଧୂମକେତୁ ୧୨ / P ପନ୍ସ-ବ୍ରୁକ୍ସ, ଏବଂ ଏହା ପୃଥିବୀ ପାଇଁ କୌଣସି ବିପଦ ସୃଷ୍ଟି କରେ ନାହିଁ । କାରଣ ଯେତେବେଳେ ପନ୍ସ-ବ୍ରୁକସ୍ ପେରିହେଲିଅନ୍ ସୂର୍ଯ୍ୟଙ୍କୁ ଘେରିଥାଏ, ଏହା ୦.୮ ଜ୍ୟୋତିର୍ବିଜ୍ଞାନ ୟୁନିଟ୍ (୧୧୯.୭ ମିଲିୟନ୍ କିଲୋମିଟର ଦୂରତା) ରେ ରହେ।

ଏଠାରେ ସୂଚାଇ ଦିଆଯାଇପାରେ ଯେ ୧ ଜ୍ୟୋତିର୍ବିଜ୍ଞାନ ୟୁନିଟ୍ [AU] ହେଉଛି ହାରାହାରି ପୃଥିବୀ ଠାରୁ ସୂର୍ଯ୍ୟର ଦୂରତା। ବର୍ତ୍ତମାନ ଭାରତରେ ଧୂମକେତୁ କେଉଁଠାରେ ଦେଖାଯିବ? କେତେ ଗୁଡ଼ିଏ ସଂସ୍ଥା ପୂର୍ବାନୁମାନ କରିଛନ୍ତି ଯେ ଏହି ଧୂମକେତୁ ପଶ୍ଚିମବଙ୍ଗ, ଓଡିଶା, ଲଦାଖ ଏବଂ ଦେଶର ଅନେକ ଉତ୍ତର-ପୂର୍ବ ରାଜ୍ୟ ସମେତ ଭାରତର ବିଭିନ୍ନ ସ୍ଥାନରେ ଦୃଶ୍ୟମାନ ହେବ। ଏହା ଉତ୍ତର ଗୋଲାର୍ଦ୍ଧର ସମସ୍ତ ସ୍ଥାନରୁ, ପୋଲାରିସର ଦକ୍ଷିଣରେ ଥିବା କାମେଲୋପାର୍ଡାଲିସ୍ ନକ୍ଷତ୍ରରେ ଦୃଶ୍ୟମାନ ହେବା କଥା। ଆଜି ୧୯ ମାର୍ଚ୍ଚ । ଉପରୋକ୍ତ ଗଣନା ଅନୁଯାୟୀ ଆଉ ଦିନେ ପରେ ଏହି ଧୂମକେତୁ ଦୃଶ୍ୟମାନ ହେବା କଥା। ଦେଖା ଯାଉ। ଏବେ ଆଧୁନିକ ଯୁଗରେ ବିଜ୍ଞାନର ଅଗ୍ରଗତି ହେବା ପରେ ଧୂମକେତୁକୁ କିପରି ଭାବେ ବର୍ଣ୍ଣନା କରାଗଲା ସେ ବିଷୟରେ ଅଧିକ ତଥ୍ୟ ଆଣିବାକୁ ଚେଷ୍ଟା କରିବା । ଓ୍ୱାନ୍ ଓ୍ୱର୍କମ୍‌ଙ୍କ ଗବେଷଣା ନିବନ୍ଧର ପରାମର୍ଶଦାତା ଥିଲେ ନେଦରଲାଣ୍ଡ ଜ୍ୟୋତିର୍ବିଜ୍ଞାନ ଜନ ଓର୍ଟ, ଯିଏକି ଲଞ୍ଜା ତାରା ଛାୟାପଥର ଗଠନ ଏବଂ ଘୂର୍ଣ୍ଣନ ଉପରେ କାର୍ଯ୍ୟ କରି ୧୯୨୦ ଦଶକରେ ପ୍ରସିଦ୍ଧ ହୋଇଥିଲେ। ଦୀର୍ଘ ସମୟର ଧୂମକେତୁ କେଉଁଠୁ ଆସିଲା ଏହି ସମସ୍ୟାରେ ଓର୍ଟ ଆଗ୍ରହ ପ୍ରକାଶ କଲେ । ଭ୍ୟାନ୍ ଓ୍ୱର୍କମ୍‌ଙ୍କ କାର୍ଯ୍ୟ ଉପରେ ନିର୍ଭର କରି, ଓର୍ଟ ଦୀର୍ଘ ଦିନର ଧୂମକେତୁ ମୂଳ କକ୍ଷପଥଗୁଡିକର ଶକ୍ତି ବଣ୍ଟନକୁ ଷ୍ଟ୍ରୋମଗ୍ରେନ୍ ଯନ୍ତ୍ର ଦ୍ୱାରା ନିର୍ଣ୍ଣୟ କରିଥିଲେ । ସେ ଜାଣିବାକୁ ପାଇଲେ ଯେ, ଯେପରି ଭ୍ୟାନ୍ ଓ୍ୱାନ୍ ଓ୍ୱର୍କମ୍‌ଙ୍କ ପୂର୍ବାନୁମାନ କରିଥିଲେ, ତାହାହିଁ ଠିକ, ତେଣୁ ଅଧିକାଂଶ ଶକ୍ତି ମୂଲ୍ୟ ପାଇଁ କକ୍ଷପଥ ଶକ୍ତିର ସମାନ ବଣ୍ଟନ ହୋଇଥିଲା । ଓର୍ଟ ପରାମର୍ଶ ଦେଇଛନ୍ତି ଯେ ବହୁତ ବଡ ଦୂରତାରେ କକ୍ଷପଥ ଗୁଡ଼ିକର ବହୁଳତା କେବଳ ଦୀର୍ଘ ସମୟର ଧୂମକେତୁ କେଉଁଠାରୁ ଆସିଲେ ତାହା ହିଁ ବ୍ୟାଖ୍ୟା କରାଯାଇପାରିବ । ସେ ଆହୁରି ପ୍ରସ୍ତାବ ଦେଇଛନ୍ତି ଯେ ସୌର ପ୍ରଣାଳୀ ଧୂମକେତୁର ଏକ ବିଶାଳ ମେଘ ଦ୍ୱାରା ଘେରି ରହିଥିଲା ଯାହା ନିକଟସ୍ଥ ତାରାଗଣ ପର୍ଯ୍ୟନ୍ତ ବିସ୍ତାର କରିଥିଲା । ସେ ଦର୍ଶାଇଛନ୍ତି ଯେ ଅନିୟମିତ ଭାବେ ପାସ୍ କରୁଥିବା ତାରାମାନଙ୍କ ଦ୍ୱାରା ମାଧ୍ୟାକର୍ଷଣ ବିଘ୍ନଗୁଡିକ ଧୂମକେତୁ ମେଘରେ ଥିବା କକ୍ଷପଥକୁ ଅବରୋଧ କରିପାରେ, ବେଳେବେଳେ ଗ୍ରହ ଗ୍ରହକୁ ଏକ ଧୂମକେତୁ ଠେଲିବ ଯେଉଁଠାରେ ଏହା ଦୃଶ୍ୟମାନ ହୋଇପାରେ। ଓର୍ଟ ସେହି ଧୂମକେତୁମାନଙ୍କୁ ଗ୍ରହ ଅଞ୍ଚଳ ଦେଇ ସେମାନଙ୍କର ପ୍ରଥମ ପାସ୍ "ନୂତନ" ଧୂମକେତୁ ବୋଲି କହିଥିଲେ। ଯେହେତୁ ନୂତନ ଧୂମକେତୁର ଗ୍ରହ ଗ୍ରହ ଅଞ୍ଚଳ ଦେଇ ଗତି କରେ, ବୃହସ୍ପତିର ମାଧ୍ୟାକର୍ଷଣ ସେମାନଙ୍କର କକ୍ଷପଥକୁ ନିୟନ୍ତ୍ରଣ କରେ, ସେମାନଙ୍କୁ କକ୍ଷପଥରେ ଶକ୍ତି ବିସ୍ତାର କରେ, କିମ୍ବା ସେମାନଙ୍କୁ ସ୍ୱଳ୍ପ ସମୟ ପର୍ଯ୍ୟନ୍ତ କାବୁ କରେ କିମ୍ବା ମହାକାଶକୁ ଠେଲି ଦିଏ।

ପ୍ରତିବର୍ଷ ଦେଖାଯାଉଥିବା ଧୂମକେତୁର ସଂଖ୍ୟା ଉପରେ ଆଧାର କରି, ଓର୍ଟ ଆକଳନ କରିଥିଲେ ଯେ ମହାକାଶରେ ୧୯୦ ବିଲିୟନ ଧୂମକେତୁ ଅଛି। ଆଜି ଏହି ସଂଖ୍ୟା ଏକ ଟ୍ରିଲିୟନ୍ ଧୂମକେତୁର ନିକଟତର ବୋଲି ଅନୁମାନ କରାଯାଏ। ଓର୍ଟଙ୍କ ଅନୁମାନ ଅଧିକ ପ୍ରଭାବଶାଳୀ ଥିଲା କାରଣ ଏହା କେବଳ ୧୯ ଟି ଧୂମକେତୁ ପାଇଁ ସଠିକ୍ ମୂଳ କକ୍ଷପଥ ଉପରେ ଆଧାରିତ ଥିଲା । ତାଙ୍କ ସମ୍ମାନାର୍ଥେ, ସୌରପ୍ରଣାଳୀକୁ ଘେରି ରହିଥିବା ଧୂମକେତୁର ମେଘାଚ୍ଛନ୍ନ ଅଞ୍ଚଳକୁ 'ଓର୍ଟ କ୍ଲାଉଡ୍' କୁହାଯାଏ । ପରବର୍ତ୍ତୀ ସମୟରେ ଓର୍ଟ ଲକ୍ଷ୍ୟ କଲେ ଯେ ଗ୍ରହ ପ୍ରଣାଳୀକୁ ଫେରି ଆସୁଥିବା ଦୀର୍ଘକାଳୀନ ଧୂମକେତୁର ସଂଖ୍ୟା ତାଙ୍କ ମଡେଲ ପୂର୍ବାନୁମାନ କରିଥିବା ତୁଳନାରେ ବହୁତ କମ୍ ଥିଲା । ଏଥିପାଇଁ ହିସାବ ଦେବାକୁ ସେ ପରାମର୍ଶ ଦେଇଥିଲେ ଯେ ଧୂମକେତୁମାନେ ବସ୍ତୁତଃ ବାଧା ପାଇ ପାଇ ହଜିଯାଉଥିଲେ (ଯେପରି ବିଏଲାଙ୍କ ଧୂମକେତୁ କ୍ଷେତ୍ରରେ ଘଟିଥିଲା)। ପ୍ରତ୍ୟେକ ପେରିହେଲିଅନ୍ କକ୍ଷପଥରେ ଧୂମକେତୁର ବ୍ୟାଘାତ ହାର ପାଇଁ ଓର୍ଟ ଦୁଇଟି ପ୍ରସ୍ତାବ ଦେଇଥିଲେ ଯାହା ୦.୩ ଏବଂ ୧.୯ ପ୍ରତିଶତ ଅଟେ। ଏହା ପ୍ରକୃତ ଶକ୍ତି ବଣ୍ଟନ ସହିତ ତୁଳନା କରିବା ସମୟରେ ଯଥେଷ୍ଟ ଭଲ ଫଳାଫଳ ଦେଇଥିଲା। ୧୯୭୯ ମସିହାରେ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ ପଲ୍ ୱିସମ୍ୟାନ୍ (ଏହି ପ୍ରବନ୍ଧର ଲେଖକ) ବୃହସ୍ପତି ଏବଂ ଶନିଙ୍କ ଦ୍ୱାରା ଗ୍ରହର ବିକ୍ଷୁବ୍ଧତା (ପର୍ଟବର୍ଟେସନ୍) କୁ ବ୍ୟବହାର କରି ଓର୍ଟ କ୍ଲାଉଡ୍ ଶକ୍ତି ବିତରଣର କମ୍ପ୍ୟୁଟର ମୂଳ ଉଦ୍ଭବ (simulation) ଏବଂ ପ୍ରକୃତ ପର୍ଯ୍ୟବେକ୍ଷଣ ଉପରେ ଆଧାର କରି କ୍ଷତି ଯନ୍ତ୍ରର ଭୌତିକ ମଡେ଼ଲଗୁଡିକ ବ୍ୟବହାର କରିଥିଲେ ।

୧୯୮୧ ମସିହାରେ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ ଜ୍ୟାକ୍ ହିଲ୍ସ ପରାମର୍ଶ ଦେଇଥିଲେ ଯେ 'ଓର୍ଟ କ୍ଲାଉଡ୍' ବ୍ୟତୀତ ସୂର୍ଯ୍ୟଙ୍କଠାରୁ ପ୍ରାୟ ୧୦୦୦ ଏୟୁ ପର୍ଯ୍ୟନ୍ତ ଗ୍ରହ ଆଡକୁ ମଧ୍ୟ ଏକ ଆଭ୍ୟନ୍ତରୀଣ ମେଘ ବିସ୍ତାର କରିଥିଲା। ଧୂମକେତୁ ଏହି ଅଞ୍ଚଳରୁ ଆସୁଥିବା ଦେଖାଯାଏ ନାହିଁ କାରଣ ସେମାନଙ୍କର କକ୍ଷପଥ ସୂର୍ଯ୍ୟ ସହିତ ଅତି ଦୃଢ଼ ଭାବରେ ବନ୍ଧା। ନକ୍ଷତ୍ର ବିପର୍ଯ୍ୟୟ ସାଧାରଣତଃ ସେମାନଙ୍କର କକ୍ଷପଥକୁ ପରିବର୍ତ୍ତନ କରିବାକୁ ଯଥେଷ୍ଟ ଶକ୍ତିଶାଳୀ ନୁହେଁ । ଅନୁମାନ କରାଯାଇଛି ଯେ ଯଦି କେବଳ ଏକ ତାରା ଅତି ନିକଟତର ହୁଏ, ଏପରିକି ଓର୍ଟ କ୍ଲାଉଡ୍ ମଧ୍ୟକୁ ପ୍ରବେଶ କରେ, ତେବେ ଏହା ଆଭ୍ୟନ୍ତରୀଣ ମେଘରେ ଧୂମକେତୁ କକ୍ଷପଥକୁ ଉତ୍ସାହିତ କରିପାରେ ଏବଂ ଗ୍ରହ ପ୍ରଣାଳୀରେ ଧୂମକେତୁର ଗୁଚ୍ଛ ପଠାଇପାରେ। କିନ୍ତୁ 'ଓର୍ଟ କ୍ଲାଉଡ୍' କେଉଁଠୁ ଆସିଲା? ସୂର୍ଯ୍ୟଙ୍କଠାରୁ ବହୁ ଦୂରତାରେ, ଥିବାରୁ ଏ ସମ୍ବନ୍ଧରେ ଅନେକ ବୈଜ୍ଞାନିକ ମତ ଦିଆଯାଏ। ଆର ଥରକୁ ଶୀର୍ଷକର ଗୁରୁତ୍ୱ କଣ ହେବ କେଜାଣି ? କାରଣ 'ଡେଭିଲ୍ ଧୂମକେତୁ' ୨୧ ତାରିଖ ଦିନ ଆକାଶରେ ଦେଖାଦେବ, ଏପରିକି ଓଡ଼ିଶାରେ ମଧ୍ୟ ଦେଖାଦେଇପାରେ। ଯଦି ଦେଖାଦିଏ ଏହା ଏକ ଆନନ୍ଦର କଥା ହେବ। ଧୂମକେତୁର ପ୍ରକୃତି ଓ ଅନ୍ୟାନ୍ୟ ବିଷୟରେ ଅଧିକ ତଥ୍ୟ ଆର ଥରକୁ ଦେଖିବା।

# ସ୍ୱପ୍ନ କ'ଣ ମାର୍ଗଦର୍ଶକ ?



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ଜନ୍ମ ହେବା ଦିନରୁ ମୃତ୍ୟୁର ପୂର୍ବ ପର୍ଯ୍ୟାୟ ପର୍ଯ୍ୟନ୍ତ ଏ ମଣିଷ ୧ଲକ୍ଷ ୩୬ହଜାର ସ୍ୱପ୍ନ ଦେଖେ, ଦେଖିଥାଏ, ଦେଖିବାଟା ବିଜ୍ଞାନର ପରିସଂଖ୍ୟାନଗତ ସୂଚନା ମାତ୍ର ଏବେ ଆସିଛି ବିଭୀଷିକାମୟ ଏକ ବ୍ୟତିକ୍ରମର ବିଡମ୍ବନା । ଯେତେବେଳେ ଜୀବନ ଦୁଃସହ ଦୁସ୍ଥିତିରେ ବଞ୍ଚି ଥାଉଥାଉ ଅହୋରାତ୍ର ମରଣ ଆତଙ୍କରେ ଜର୍ଜରିତ – ସେତେବେଳେ ବଡ ଶୋଚନୀୟ ଭାବରେ ଏ ସଂସାର ସାମ୍ନା କରୁଛି ଶୋଚନୀୟ ଏକ ସ୍ୱପ୍ନ ହ୍ରାସର ବିଷମ ସଙ୍କଟକାଳ । ପ୍ରତ୍ୟେକଦିନ ଏହି ପୃଥିବୀରେ ଜନ୍ମହାର ଅନୁଯାୟୀ ଲୋକସଂଖ୍ୟା ବଢୁଛି । ଅଥଚ ସେହି ଅନୁପାତରେ ସ୍ୱପ୍ନର ସଂଖ୍ୟା କମି କମି ଯାଉଛି । ଔଷଧ ଆଉ କାମ କରିବନି ନିଦ ଦେବାକୁ ମଣିଷକୁ – ଛଟପଟ ରାତିର ବିଛଣା ଉପରେ ନିଦ ଟିକିଏ ଯୋଗାଇଦେବାକୁ । ଯଦି ନିଦ ନାହିଁ ତ ସ୍ୱପ୍ନ କାହିଁ ? ଯଦି ସ୍ୱପ୍ନ ନାହିଁ ତ ମଣିଷ କାହିଁ ? ଯଦି ମଣିଷ ନାହିଁ ତ ସଂସାର କାହିଁ ? ଯଦି ସଂସାର ନାହିଁ ତ ସାର କାହିଁ ? ଯଦି ସାର ନାହିଁ ତ ସ୍ପନ୍ଦନ କାହିଁ ? ଯଦି ସ୍ପନ୍ଦନ ନାହିଁ ତ – ତା'ହେଲେ ଜିଇବା ଲାଏକ୍ ଜୀବନ କାହିଁ ? ଯଦି ଜୀବନ ନାହିଁ ତ – ତା'ହେଲେ ଜୀବତୀର୍ଥ ଜଗତ କାହିଁ ? ଏ ଜଗତ କ'ଣ ଗତ ହୋଇ ଚିରକାଳ କେବଳ ଭବିଷ୍ୟତରେ କେଉଁ ରୂପ କାହାଣୀକାରର ଏକ ଅର୍ଦ୍ଧବିସ୍ମୃତ ଅଧ୍ୟାୟ ପାଲଟିଯିବ ? ଅସୁମାରୀ ପ୍ରଶ୍ନ ଆସେ – ଯାହାର ସବୁଠୁ ତାତ୍ପର୍ଯ୍ୟପୂର୍ଣ୍ଣ ସହଜ ଉତ୍ତର ହେଉଛି – ଭଲ ଭଲ ସ୍ୱପ୍ନ ଦେଖ । ଆଖି ବୁଜିଲେ ତ ଏତେ ଏତେ ସ୍ୱପ୍ନର ରଙ୍ଗବେରଙ୍ଗ ବଜାର – ଏହି ବଜାରର କୋଉ ଦୋକାନରୁ ମୁଁ ବିନା କଉଡିରେ ମନଲାଖି ସ୍ୱପ୍ନଟିଏ କିଣିପାରିବି ! ଅବଦୁଲ୍ କାଲାମ୍ କହୁଥିଲେ – "ଆଖି ଖୋଲି ସ୍ୱପ୍ନ ଦେଖ" । ଆଖି ଖୋଲିଲାବେଳେ ତ ଦିଶେ ଯେତେ ଯେଉଁଠି ଲୋକସଂଖ୍ୟା – ସେତେ ସେଇଠି ତା'ର ଦି'ଗୁଣା ତି'ଗୁଣା ଶୋକସଂଖ୍ୟା । ଏହି ଲୋକସଂଖ୍ୟା ଆଉ ଶୋକସଂଖ୍ୟାର ମଝିରେ ଭଲ ଭଲ ସ୍ୱପ୍ନ ଦେଖ । ବିଜୁ ପଟ୍ଟନାୟକ କହିଥିଲେ – "ବଡ ବଡ ସ୍ୱପ୍ନ ଦେଖିବା ଭଲ" । ହେଲେ ମୁଁ କହେ – ଛୋଟ ଛୋଟ ସ୍ୱପ୍ନ ଦେଖ – ଆଉ ସବୁ ଛୋଟ ଛୋଟ ସ୍ୱପ୍ନକୁ ମିଶାଇଦେଇ ଗୋଟାଏ ବଡ ପୃଥିବୀ ତିଆରି କର – ଯାହା ସାମ୍ନାରେ ସେ ସାତସ୍ୱର୍ଗ ସୁଦ୍ଧା ତୁଚ୍ଛ, ସପ୍ତପାତାଳର ହୀରାଲୀଳା, ମଣିମାଣିକ୍ୟ ଭଣ୍ଡାର ମଧ୍ୟ ତୁଚ୍ଛାତିତୁଚ୍ଛ ମନେହେବାକୁ ବାଧ୍ୟ ।

ସ୍ୱପ୍ନ ବେଳେବେଳେ ମାର୍ଗଦର୍ଶକ ହୁଏ । ସ୍ୱପ୍ନର ବହୁତ ଅବଦାନ ଅଛି ବାସ୍ତବ ଜୀବନକୁ ଅନୁପ୍ରେରିତ କରିବା ପାଇଁ । ଜୀବନରେ ଫୁଲ ଫୁଟିବା ପାଇଁ ସ୍ୱପ୍ନ ହିଁ ମୂଳ ଆଧାର । ମଣିଷ ମନେମନେ ସ୍ୱପ୍ନ ଦେଖେ ସେ ଶୋଇକି ହେଉ କି ଚେଇଁକି ହେଉ । ଅସୁମାରୀ ସ୍ୱପ୍ନରେ ବିଭୋର ହୁଏ । ଯେତେବେଳେ ଯୌବନରେ ଉବୁଟୁବୁ – ସେତେବେଳେ ସାଂସାରିକ ସାଗରଜଳରେ ଡୁବୁଡୁବୁ ଜନ୍ମିତ ସନ୍ତାନଗଣ ଭବିଷ୍ୟତରେ କ'ଣ ହେବେ ସ୍ୱପ୍ନ ଦେଖନ୍ତି । ସ୍ୱପ୍ନ କେତେ ସଫଳ ହୁଏ କି ବିଫଳ ହୁଏ – ସେମାନେ ଜାଣନ୍ତି ।

ଏଇ ଭଲ ଭଲ ସ୍ୱପ୍ନ ତ ମଣିଷ ସମାଜ ସକାଶେ ଗଢିଦେଇଛି ନୂଆ ଦୁନିଆ । ମଣିଷ ଯେଉଁଦିନ ପକ୍ଷୀକୁ ଅନାଇ ରାତିରେ ସ୍ୱପ୍ନ ଦେଖିଲା – ସିଏ ବି ଦିନେ ଉଡିବ, ଉଡି ପାରିବ – ସେ ରାତିର ସ୍ୱପ୍ନ ଦୁନିଆକୁ ଦେଇଗଲା ଉଡାଜାହାଜ । ଏବେ ତ ଉଡାଜାହାଜକୁ ନେଇ ସେ ସ୍ୱପ୍ନ ପାଲଟିଯାଇଛି ଏକ ମହାଅଭିଯାନ – ଆଶ୍ଚର୍ଯ୍ୟର ଚକିତକାରୀ ଅନ୍ତରୀକ୍ଷ ଯାନ ଜରିଆରେ ଆକାଶରୁ ମହାକାଶକୁ ଉଚ୍ଚାତିଉଚ୍ଚ ଉଡାଣ ଉଲଂଘନ ଉତ୍ତରଣ – ଗ୍ରହଗ୍ରହାନ୍ତରର ଶୂନ୍ୟ ଗଳିମାନ ଗସ୍ତ କରୁକରୁ ମଣିଷ କରୁଛି ନବ ନବ ଗ୍ରହନକ୍ଷତ୍ରର ଅତନ୍ଦ୍ର ଅନ୍ୱେଷଣ ! ଏଇତ ହେଉଛି ଭଲ ଭଲ ସ୍ୱପ୍ନ ଭିତରୁ ଗୋଟିଏ ବଛା ସ୍ୱପ୍ନର ନମୂନା – ଅର୍ଥାତ୍ ଉଡାଣ, ଉତ୍ତରଣ, ଉର୍ଦ୍ଧାରୋହଣ !

ଉଚ୍ଚତାକୁ ଛୁଇଁବାର ଇଚ୍ଛା ଆଗରୁ ଅତଳତଳ ପାତାଳର ରହସ୍ୟଭେଦ ନିମନ୍ତେ ମଣିଷ ମନରେ ଦିନେ ଅଙ୍କୁରି ଉଠିଥିଲା ଆଉ ଗୋଟିଏ ଅଦମ୍ୟ ଇଚ୍ଛାର କଳ୍ପତରୁ – ହଁ, ଏଥର ଆହୁରି ଗଭୀର ଜଳର ଅନ୍ଧକାର ମଧ୍ୟରେ ବୁଡିବ ସେ – ସାତସାଗର ସନ୍ତରିବ – ଜଳ ଗର୍ଭର ତଳକୁ ତଳକୁ ଯାଇ ଲେଉଟି ଆସିବ ସ୍ଥଳଭାଗ ସକାଶେ ନୂତନ ସନ୍ଦେଶ ନେଇ । ସେ ସନ୍ଦେଶ ତ ଶାମୁକାଗର୍ଭର ମହାର୍ଘମୁକ୍ତା ! ଅର୍ଥାତ୍ ଭଲ ଭଲ ସ୍ୱପ୍ନ ସେଇ ଶାମୁକା – ଯାହା ଗର୍ଭରେ ଛପି ରହିଛି ମୁକ୍ତାଠୁ ଆହୁରି ଅକଳ୍ପନୀୟ ମୂଲ୍ୟବାନ୍ ଆମର ଏଇ ମଣିଷ ଜୀବନର ଅସଲ ଅର୍ଥ ଓ ଅଭିପ୍ରାୟ । ଭାଗେ ସ୍ଥଳଭାଗର ମନୁଷ୍ୟ କ'ଣ ତିନିଭାଗର ଜଳରାଶିକୁ ଚାହିଁ କେବେହେଲେ ଶଙ୍କିଯାଇଛି କି ? ନା, ସେ ସ୍ୱପ୍ନ ଦେଖିଛି – ଏଇ ବିସ୍ତୀର୍ଣ୍ଣ ଜଳଭାଗ ଉପରେ ମଧ୍ୟ ସେ ସାବ୍ୟସ୍ତ କରିବ ନିଜ ବିଜୟ ବୈଜନ୍ତୀର ଏକାଧିପତ୍ୟ । ପ୍ରଥମେ ଛୋଟଛୋଟ କଦଳୀପଟୁକା, କାଗଜଡଙ୍ଗା, ହୁଲିଡଙ୍ଗା, ଭେଳା ଓ ନାବ ନିର୍ମାଣର ସ୍ୱପ୍ନକୁ ସାକାର କରୁକରୁ ମଣିଷ ଆଖିରେ ଦିନେ ଉଭାସୀ ଉଠିଲା ବଡବଡ ପୋତ, ମସ୍ତବଡ଼ ଜାହାଜ, ବୁଡ଼ାଜାହାଜ ଗମନାଗମନର ବିଚିତ୍ର ବାସ୍ତବତା ! ମଣିଷର ଏଇ ବୁଡ଼ିବାର ଇଚ୍ଛାକୁ ନେଇ ସଭ୍ୟତା ଯେଉଁଦିନଠୁ ଭଲ ଭଲ ସ୍ୱପ୍ନ ଦେଖିବାକୁ ଆରମ୍ଭ କଲା, ସେଇଦିନଠୁ ଗୋଟିଏ ପରେ ଗୋଟିଏ ଆଉ ଗୋଟିଏ ନୂତନ ଭୂଖଣ୍ଡମୟ ଦୀପଦୀପାନ୍ତର, ଦେଶମହାଦେଶର ଦୁନିଆ ଆବିଷ୍କାର ତା' ଅନ୍ତସ୍ଥଳରେ ଅଦ୍‌ଭୂତ ରୋମାଞ୍ଚଭରା ଜାଗରଣ । ହଁ, ଭଲ ଭଲ ସ୍ୱପ୍ନ ଏମିତି ତ ଆଣିଦେଇଥାଏ ଉନ୍ମାଦନାମୟ ଜାଗରଣର ଇତିହାସ ଆଲୋଡ଼ନକାରୀ ଯୁଗ ସବୁ – ଯାହାର ସାକ୍ଷ୍ୟ ମଣିଷର ସଭ୍ୟତା, ମଣିଷର ଭୌଗଳିକ ମହାଭିଯାନ ଯାତ୍ରା ।

ବିଜ୍ଞାନଠାରୁ ଆରମ୍ଭକରି ମନୋବିଜ୍ଞାନର ଇଲାକା ଯାଏ ସ୍ୱପ୍ନକୁ ନେଇ ନାନା ତର୍ଜମା । ଆର୍କମେଡିସ୍ ଦିନେ ମଣିଷ କିପରି ବେଶ୍ ସହନସାଧ କୌଶଳଗତ ସୂତ୍ରରେ ସୁନା ତିଆରି କରିପାରିବ, ତାହାରି ଉଦ୍‌ଭାବନ ରହସ୍ୟକୁ ଲୋକାର୍ପଣ କରିବା ପୂର୍ବରୁ ଅକାଳ ମୃତ୍ୟୁର ଶିକାର ହୋଇଗଲେ ଖ୍ରୀଷ୍ଟପୂର୍ବ ୨୧୧ – କାଣ୍ଡଜ୍ଞାନଶୂନ୍ୟ ଜଣେ ଗ୍ରୀକ୍ ସୈନିକର ତୀକ୍ଷ୍ଣ ତରବାରୀ ଚୋଟରେ ! ଚୂନା ହୋଇଗଲା ବିଜ୍ଞାନର ସେ ସୁନା ସ୍ୱପ୍ନ । ମନୋବିଜ୍ଞାନ କିନ୍ତୁ ସୁନା ନୁହେଁ, ସ୍ୱପ୍ନକୁ ନେଇ ଗବେଷଣା କରୁକରୁ ଦୁନିଆ ଆଗରେ ବାଢିଦେବାକୁ ଲାଗିଲା ଗୋଟିକ ପରେ ଗୋଟିଏ ମଣିଷ ମନର ଗୋପନ ଗୁଢତଥ୍ୟ । ଫ୍ରଏଡ୍ ଓ ୟିଂଗ୍ ସ୍ୱପ୍ନ ପ୍ରତୀକ ଉପରେ ନୀରବଚ୍ଛିନ୍ନ ଗବେଷଣା କରିଯାଇଛନ୍ତି । ଦିନ ଦିନର ଦୁନିଆକୁ ଦର୍ଶାଇଯାଇଛନ୍ତି ରାତିରାତିର ଅନ୍ଧକାର ମନରହସ୍ୟ ! ବଡ ବିଚିତ୍ର ଏ ମନ – ଅଜବ, ଉଦ୍‌ଭଟ – ଅସୁମାର ଚିତ୍ରତାର ଘନଗହନ ଅନ୍ଧାରୀ ମୂଳକରେ ! ସ୍ୱର୍ଗ ଆଉ ପାତାଳ ଭେଦ କରୁଥିବା ଆଧୁନିକ ମଣିଷ କିନ୍ତୁ ଏଯାଏ ବି ପହଂଚିପାରିନି ଖୋଦ୍ ନିଜ ମନ ମହାଭୂମିର ଅନେକ ଦେଶରେ – ଭାବିଲେ ଭେଳିକି ଭଳି ଲାଗେ !

ହେଉ ପଛେ ଛୋଟ ଛୋଟ, ହେଲେ ସ୍ୱପ୍ନ ସବୁ ହେଉ ଭଲ । ସବୁଠୁ ଭଲ । ଛୋଟ ମଣିଷଛୁଆ ଏଇ ବଡ ଦୁନିଆରେ ତା' ପହିଲୁ ହାଜରା ପକାଏ କୁଆଁ କୁଆଁ କାନ୍ଦ ଶୁଣାଇ । ହାତ ପାଦ ଛାଟି ତା'ପରେ କାନ୍ଦୁ କାନ୍ଦୁ ହାଲିଆ ହୁଏ, କ୍ଷୀର ପିଇ ଶୋଇପଡେ । ସେଇ ଶୋଇପଡିଥିବା ଅବସ୍ଥାରେ ନୀରବ ନିଶବ୍ଦ ସ୍ମିତହାସ୍ୟ ଫୁଟିଉଠୁଥାଏ ତା' ଓଠକଣରେ । କାହିଁକି ? ବକଟେନାକୁ ସେଇ ଶିଶୁ ଓଠରେ ନରମ କଅଁଳ ସ୍ୱପ୍ନଟିମାନ ଚହଟି ଉଠୁଥାଏ – କାନ୍ଦ ଭୁଲାଇ ଦେଉଥାଏ ତାକୁ – କ'ଣ ସେ ଭାଷାଶୂନ୍ୟ ଭସା ଭସା ସ୍ୱପ୍ନଟିମାନ ଶିଶୁମନରେ ଭରି ଦେଉଥାଏ କେତେ ପୁଲକର ପରସ ଯେ, ଉକୁଟି ଉଠୁଥାଏ ଚୂନା ଚୂନା ଏମିତି ମହୁଆ ହସ ! ଲୋକବିଶ୍ୱାସ କହେ ଯେ, ଏମିତି ସ୍ୱପ୍ନ ସବୁରେ କୁଆଡେ ଷଠୀଦେବୀ, ପରିକ୍ଷୀଦେବୀ ମାତୃକା ଆସି ତାକୁ ଦେଖୁଥାନ୍ତି, ତାକୁ ଆଖିମୁଦି ଅନାଉ ଅନାଉ କେତେବେଳେ ନିଶବ୍ଦ ତ ଆଉ କେତେବେଳ ଅସ୍ଫୁଟ ହସ ହସିଦେଉଥାଏ ଅବୋଧ ଶିଶୁ ! ଧର୍ମତତ୍ତ୍ୱବାଦୀ କହିଥାନ୍ତି ଯେ, ନିଜ ପୂର୍ବଜନ୍ମ ସବୁ ଆଖି ପିଛୁଳାକେ ଗୋଟିଏ ଗୋଟିଏ ସ୍ୱପ୍ନ ପାଲଟିଯାଇ ମେଲାଣୀ ମାଗିନେଉଥାନ୍ତି ନବଜାତ ଶିଶୁ ନିକଟରୁ । ଏ ହସ ସେଇ ବିଦାୟସ୍ମୃତିକୁ ସୁରକ୍ଷିତ କରିବାର ସ୍ୱପ୍ନକାଳେ । ସାଧାରଣ ବୁଦ୍ଧି ଅନୁସାରେ କହିବାକୁ ଗଲେ ଗୋଟିଏ ଶିଶୁ ଏ ଦୁନିଆରେ ଜନ୍ମ ନେଲାବେଳେ ଏକାସାଂଗେ ଜନ୍ମ ନେଉଥାଏ ତା' ନିଦ – ଆଉ ତା' ନିଦ ଭିତରେ ବୁଣା ହେଉଥାଏ ଛୋଟିଆ ଛୋଟିଆ ସ୍ୱପ୍ନ ମଂଜିମାନ । ନିଦ ଓ ସ୍ୱପ୍ନ ମଝିରେ ଆରମ୍ଭ ହୁଏ ଶିଶୁର ଜୀବନ । ଅଥଚ ଶିଶୁ ଦିନେ କିଶୋର ହୁଏ, ତରୁଣ ହୁଏ, ଯୁବାବସ୍ଥା ପରେ ଜୀବନର ଅପରାହ୍ନ ଛାୟାମୁଖୀ ହେଉ ହେଉ ଭୁଲିଯାଏ – କ'ଣ ପାଇଁ ସେ ଆସିଥିଲା ଏ ଦୁନିଆକୁ ?

ଆଧୁନିକ ମଣିଷ ବିନିଦ୍ର ବିବ୍ରତ ଜୀବନଟାଏ ଏବେ । ତାକୁ ନିଜ ଉଣା, ସୁତରାଂ ସ୍ୱପ୍ନ ଅଲଣା ! ଯଦି ସରସସୁନ୍ଦର ଜୀବନଶୈଳୀଟିକୁ ପାଳିପୋଷି ମଣିଷ ବଡ଼ ହେବାକୁ ଚାହେଁ, ତା'ହେଲେ ଛୋଟ ଛୋଟ ସ୍ୱପ୍ନର ମଧୁର ମିଶାଣଟିଏ ନିତାନ୍ତ ଜରୁରୀ । କୁଟିଳତା ନୁହେଁ, ଜଟିଳତା ନୁହେଁ – ସରଳ ସ୍ୱଚ୍ଛନ୍ଦ ସତ୍ ଜୀବନର ଛନ୍ଦ ଦରକାର । ଏଥିପାଇଁ ସବୁଠୁ ଦରକାର ଛୋଟ ଛୋଟ ସ୍ୱପ୍ନ ଦେଖ ପଛେ, ମାତ୍ର ଭଲ ଭଲ ସ୍ୱପ୍ନ ଦେଖ !

# ଆଇପିଏଲ ଟି୨୦, ୨୦୨୪



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ଆଇପିଏଲ୍ ହେଉଛି ଭାରତର ଏକ ଘରୋଇ କ୍ରିକେଟ୍ ଫର୍ମାଟ୍ ଖେଳ । ପ୍ରତି ବର୍ଷ ଆମ ଦେଶରେ ଆଇପିଏଲ ଖେଳା ଯାଇଥାଏ । ଆଇପିଏଲ କ୍ରିକେଟ ଖେଳାଳିଙ୍କ ପାଇଁ ଉତ୍ସାହ ଦାୟକ ଖେଳ। ବିଭିନ୍ନ ଦେଶ ତଥା ରାଜ୍ୟରୁ କ୍ରିକେଟ ଖେଳାଳିମାନେ ଆଇପିଏଲ୍ ଟି -୨୦ ଖେଳ ଖେଳିବାର ସୁଯୋଗ ପାଆନ୍ତି । ଆଇପିଏଲ୍ (ବିସିସିଆଇ) ଦ୍ୱାରା ପ୍ରାୟୋଜିତ ହୋଇଥାଏ । ଏହି ବର୍ଷର ଆଇପିଏଲ ଖେଳ ହେଉଛି ୧୭ ତମ ସଂସ୍କରଣ, ମାର୍ଚ୍ଚ ୨୩ ତାରିଖରୁ ଆଇପିଏଲ ଖେଳ ଆରମ୍ଭ ହେବାକୁ ଯାଉଛି । ଚେନ୍ନାଇର ସୁପର କିଙ୍ଗସ୍ ବନାମ ରୋୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ପ୍ରଥମ ଆଇପିଏଲ୍ ମ୍ୟାଚ୍ ଖେଳାଯିବ। ଚେନ୍ନାଇ ସୁପର କିଙ୍ଗସ୍‌ର ରୋୟାଲ ଚ୍ୟାଲେଞ୍ଜର୍ସ ଉପରେ ଦବଦବା ରହିଛି କାରଣ ଚେନ୍ନାଇ କ୍ରିକେଟ୍ ଗ୍ରାଉଣ୍ଡରେ ଚେନ୍ନାଇ ସୁପର କିଙ୍ଗସ୍ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜରସ ବେଙ୍ଗଲୋର ଆଜି ଯାଏଁ କ୍ରିକେଟ୍ ମ୍ୟାଚ୍ ଜିତି ନାହିଁ। ଆଇପିଏଲର ଅନ୍ତିମ ଖେଳ, ୭ ଏପ୍ରିଲରେ ଖେଳାଯିବ। ଭାରତର ଭିନ୍ନ ଭିନ୍ନ ଷ୍ଟାଡିୟମରେ ଏହି ଖେଳ ଖେଳାଯିବ । ଏହି ସମସ୍ତ ଷ୍ଟାଡ଼ିୟମ ଗୁଡ଼ିକୁ ପୂର୍ବରୁ ପ୍ରସ୍ତୁତ କରାଯାଇଛି । ସେହି ଗୁଡ଼ିକ ହେଲେ ଚେନ୍ନାଇ ଏମ ଚିଦାମ୍ବରମ୍ ଷ୍ଟାଡ଼ିୟମ୍, ଚଣ୍ଡିଗଡ଼ ମହାରାଜା ଯାଦବେନ୍ଦ୍ର ସିଂ ଆନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡ଼ିୟମ୍, ମଲାନପୁର, କୋଲକାତା ଇଡେନ୍ ଗାର୍ଡ଼େନ ଷ୍ଟାଡ଼ିୟମ୍, ଜୟପୁର ସାଓ୍ୱାଇ ମାନସିଂହ ଷ୍ଟାଡ଼ିୟମ୍, ଅହମ୍ମଦାବାଦ ଶ୍ରୀ ନରେନ୍ଦ୍ର ମୋଦୀ ଷ୍ଟାଡ଼ିୟମ୍, ବାଙ୍ଗାଲୋର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡ଼ିୟମ୍, ଲକ୍ଷ୍ନୌ ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକାନା କ୍ରିକେଟ୍ ଷ୍ଟାଡ଼ିୟମ୍, ବିଶାଖାପାଟନମ୍, ଡ.ୱାଇଏସ ରାଜ ଶେଖର ରେଡ୍ଡୀ ACA-VDCA ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡ଼ିୟମ । ଅନଲାଇନରେ ଆଇପିଏଲ୍ ଟିକେଟ୍ ମଧ୍ୟ ବିକ୍ରି ହେଉଛି । ଏହି ବର୍ଷ ଆମେ ଅନେକ ଆଇପିଏଲ୍ ଖେଳାଳିଙ୍କୁ ଭାରତୀୟ ଜାତୀୟ କ୍ରିକେଟ୍ ଦଳରେ ସୁଯୋଗ ପାଇଥିବାର ଦେଖିଛୁ। ଯେଉଁ ଖେଳାଳିମାନେ ଆଇପିଏଲ୍ ଟୁର୍ଣ୍ଣାମେଣ୍ଟରେ ସୁଯୋଗ ପାଆନ୍ତି ସେମାନଙ୍କୁ ବିପୁଳ ପରିମାଣର ଟଙ୍କା ମିଳିଥାଏ । ଆଇପିଏଲ୍ କ୍ରିକେଟ୍ ଖେଳରେ ଆମେ ଦେଖିଛୁ ଯେ ବିଭିନ୍ନ ରାଜ୍ୟ ତଥା ବିଭିନ୍ନ ଦେଶରୁ ବହୁ ସଂଖ୍ୟକ ଲୋକ ଆଇପିଏଲ୍ କ୍ରିକେଟ୍ ଖେଳ ଦେଖିବା ପାଇଁ ଏବଂ ସେମାନଙ୍କ ପ୍ରିୟ ଦଳକୁ ଉତ୍ସାହିତ କରିବା ପାଇଁ ଆସିଥାନ୍ତି । ଦଳର ବିଜୟ ପାଇଁ ପ୍ରାର୍ଥନା ମଧ୍ୟ କରିଥାନ୍ତି। ବିଭିନ୍ନ ଦେଶରୁ ଆସିଥିବା ଚିୟରସ୍ ଗାର୍ଲ୍ସ ମାନେ ଆସି ଷ୍ଟାଡ଼ିୟମରେ ନୃତ୍ୟ ପରିବେଷଣ କରନ୍ତି । ଯେତେବେଳେ ଚୌକା ବା ଛକା ବାଜେ ସେତେବେଳେ ଖେଳାଳିଙ୍କୁ ଉତ୍ସାହିତ କରିବାପାଇଁ ସେମାନେ ନାଚନ୍ତି । ଆଇପିଏଲ୍ କ୍ରିକେଟ୍‌ରେ ଦୁଇଟି ବ୍ରେକ୍ ଥାଏ । ଗୋଟିଏ ହେଉଛି ଷ୍ଟ୍ରାଟେଜିକ୍ ଟାଇମ୍ ଆଉଟ୍ ଏବଂ ଅନ୍ୟଟି ହେଉଛି ମ୍ୟାକ୍ସ ଷ୍ଟ୍ରାଟେଜିକ୍ ଟାଇମ୍ ଆଉଟ୍। ବେଳେବେଳେ ୮ ଓଭର ଖେଳିବା ପରେ ଷ୍ଟ୍ରାଟେଜିକ୍ ଟାଇମ ଆଉଟ ସମୟ ଆରମ୍ଭ ହୁଏ । ଆଇପିଏଲ୍ ଖେଳକୁ ଦର୍ଶକମାନେ ଭଲ ପାଇଥାନ୍ତି । ବିଜୟୀ ଦଳର ଅଧିନାୟକ ମ୍ୟାଚ୍ ପରେ ଜଣେ ସେଲିବ୍ରେଟି ହୋଇଯାନ୍ତି । ଆଇପିଏଲ୍ ଗେମରେ ସର୍ବାଧିକ ୱିକେଟ୍ ପାଇଥିବା ଖେଳାଳୀଙ୍କୁ ବାଇଗଣୀ ରଙ୍ଗର କ୍ୟାପ୍ ଦିଆଯାଇଥାଏ, ଯେଉଁ ଖେଳାଳି ସର୍ବାଧିକ ରନ୍ ସ୍କୋର କରନ୍ତି ତାଙ୍କୁ କମଳା ରଙ୍ଗର କ୍ୟାପ ଦିଆଯାଇଥାଏ। ପ୍ଲେୟାର ଯିଏ ସର୍ବୋତ୍ତମ କ୍ୟାଚ୍ ନେଇଥାଏ ସେ କାର୍ବନ କମାଲ କ୍ୟାଚ୍ ନଗଦ ପୁରସ୍କାର ପାଇଥାଏ । ଏହି ଆଇପିଏଲ୍‌ର ୧୭ ତମ ସଂସ୍କରଣରେ ୧୦ ଟି ମହଙ୍ଗା ଖେଳାଳି ବିଭିନ୍ନ ଫ୍ରାଞ୍ଚାଇଜ୍ ଦ୍ୱାରା କ୍ରୟ କରାଯାଇଛି । ସେହି ଖେଳାଳିମାନେ ହେଉଛନ୍ତି ମିଚେଲ ଷ୍ଟାର୍କ, ଅଷ୍ଟ୍ରେଲୀୟ ବୋଲରଙ୍କୁ କୋଲକାତା ନାଇଟ ରାଇଡ଼ରସ ୨୪.୭୫ କୋଟି ଟଙ୍କାରେ କ୍ରୟ କରିଛନ୍ତି। ମିଚେଲ ଷ୍ଟାର୍କ ୨୦୨୩ ଆଇସିସି ବିଶ୍ୱକପ୍‌ର ହିରୋ ଥିଲେ। ପ୍ୟାଟ୍ କମିନ୍ସଙ୍କୁ ସନରାଇଜର୍ସ ହାଇଦ୍ରାବାଦ ୨୦.୫୦ କୋଟିରେ କିଣିଛି। ପେଟ କମିନ୍ସ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ଅଧିନାୟକ ଥିଲେ। ପେଟ୍ କମିନ୍ସଙ୍କ ଅଧିନାୟକତ୍ୱରେ ଅଷ୍ଟ୍ରେଲିଆ ସପ୍ତମ ବିଶ୍ୱକପ୍ ଟାଇଟଲ୍ ଜିତିଥିଲା, ଡାରେଲ୍ ମିଚେଲ୍ କିଓ୍ୱି ବ୍ୟାଟ୍ସମ୍ୟାନଙ୍କୁ ଚେନ୍ନେଇ ସୁପର କିଙ୍ଗସ .୧୪ କୋଟିରେ କିଣିଛି, ହର୍ଷଲ ପଟେଲଙ୍କୁ କିଙ୍ଗସ x1 ପଞ୍ଜାବ ୧୧.୭୫ କୋଟିରେ କିଣିଛି , ଅଲଜାରୀ ଜୋସେଫଙ୍କୁ ରୟାଲ ଚ୍ୟାଲେଞ୍ଜରସ ବାଙ୍ଗାଲୋର ୧୧.୫ କୋଟି ଟଙ୍କାରେ କିଣିଛି। ସ୍ପେନ୍ସର୍ ଜୋନସେନଙ୍କୁ ଗୁଜୁରାଟ ଟାଇଟେନ୍ସ ୧୦କୋଟି ଟଙ୍କା ରେ କିଣିଛି , ସମୀର ରିଜ୍ୟୁ ଙ୍କୁ ଚେନ୍ନାଇ ସୁପର କିଙ୍ଗ ୮.୪ କୋଟିରେ ଟଙ୍କାରେ କିଣିଛି। ରାଲେ ରୋସୋଙ୍କୁ କିଙ୍ଗସ୍ X1 ପଞ୍ଜାବ ୮ କୋଟି ଟଙ୍କାରେ କିଣିଛି।

ଚେନ୍ନାଇ ସୁପର କିଙ୍ଗସ୍ ପାଞ୍ଚଟି ଆଇପିଏଲ୍ ଟାଇଟଲ୍, ମୁମ୍ବାଇ ଇଣ୍ଡିଆନ୍ସ ପାଞ୍ଚଟି ଆଇପିଏଲ୍ ଟାଇଟଲ ଜିତିଲାବେଳେ କୋଲକାତା ନାଇଟରାଇଡର୍ସ କେବଳ ଗୋଟିଏ ଆଇପିଏଲ୍ ଟାଇଟଲ୍ ଜିତିଛି , ସନରାଇଜର୍ସ ହାଇଦ୍ରାବାଦ କେବଳ ଗୋଟିଏ ଆଇପିଏଲ୍ ଟାଇଟଲ୍ ଜିତିଛି। ରାଜସ୍ଥାନ ରୋୟାଲ୍ସ ପ୍ରଥମ ସଂସ୍କରଣର ଆଇପିଏଲ୍ ଟାଇଟଲ୍ ଜିତିଛି, ଡେକାନ୍ ଚାର୍ଜର୍ସ କେବଳ ଗୋଟିଏ ଆଇପିଏଲ୍ ଟାଇଟଲ୍ ଜିତିଛି । ରୋୟାଲ ଚ୍ୟାଲେଞ୍ଜରସ ପାଞ୍ଚ ଥର ଆଇପିଏଲ୍ ରନର୍ସଅପ୍ ହୋଇଛି । ଚେନ୍ନାଇ ସୁପର କିଙ୍ଗ ଆଇପିଏଲ ଖେଳର ଡିଫେଣ୍ଡିଂ ଚାମ୍ପିୟନ ।୨୦୨୪ ର ଆଇପିଏଲ ଖେଳ ସମସ୍ତ ଟିମ ପାଇଁ ବଡ ଚ୍ୟାଲେଞ୍ଜ ରହିବ । ଦେଖିବାକୁ ବାକି ରହିଲା କେଉଁ ଦଳ ଏହି ବର୍ଷର ଆଇପିଏଲ ଖେଳ ଜିତିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy    E-mail : sambadkalikanews@gmail.com    City Office : Qtr No.-4R-12, Unit-IX (Flat), Bhubaneswar, Pin-751022    ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ମାର୍ଚ୍ଚ ୨୦୨୪ ମଙ୍ଗଳବାର





||||||||| ଆଭାସୀ ମାଧ୍ୟମରେ ପିଏମ୍-ସୁରଜ ପୋର୍ଟାଲ ଉନ୍ମୋଚିତ |||||||||

# ସମାଜର ସବୁଠାରୁ ଅବହେଳିତ ବର୍ଗର ଉନ୍ନତି:ପ୍ରଧାନମନ୍ତ୍ରୀ

**ବାଲେଶ୍ୱର, ନ୍ୟୁଜ୍**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅବହେଳିତ ବର୍ଗଙ୍କୁ ଋଣ ସହାୟତା ପାଇଁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜଳଶକ୍ତି ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ମୟୂରଭଞ୍ଜ ସାଂସଦ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଏଥି ସହିତ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟର ଯୋଜନା ବିଭାଗର ନିର୍ଦ୍ଦେଶକ ଦିପ୍ତୀଭାନୁ ଦାସ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ବିଦ୍ୟୁତଲତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ସାମାଜିକ ଉତ୍ଥାନ ଏବଂ ରୋଜଗାର ଆଧାର ଜନକଲ୍ୟାଣ (ପିଏମ-ସୁରଜ) ଜାତୀୟ ପୋର୍ଟାଲ ଉନ୍ମୋଚନ କରିବା ସହ ଦେଶର ଅବହେଳିତ ବର୍ଗର ଏକ ଲକ୍ଷ ଉଦ୍ୟୋଗୀଙ୍କୁ ଋଣ ସହାୟତା ମଞ୍ଜୁର କରିଛନ୍ତି । ଅନୁସୂଚିତ ଜାତି, ପଛୁଆ ବର୍ଗ ଓ ସଫେଇ କର୍ମଚାରୀଙ୍କ ସମେତ ପଛୁଆ ବର୍ଗର ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା କରିଛନ୍ତି ଦଳିତ, ପଛୁଆ ଓ ବଞ୍ଚିତ ବର୍ଗଙ୍କ କଲ୍ୟାଣ ଦିଗରେ ଦେଶ ଆଉ ଏକ ବଡ଼ ସୁଯୋଗ ଦେଖୁଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ । ସେ କହିଥିଲେ ଯେ ଆଜିର ଏହି ଅବସର ଗରିବ ଲୋକଙ୍କୁ ପ୍ରାଥମିକତା ଦେବା ପାଇଁ ସରକାରଙ୍କ ପ୍ରତିବଦ୍ଧତାର ଝଲକ ପ୍ରଦାନ କରୁଛି । ଅନୁସୂଚିତ ଜାତି, ଜନଜାତି ଓ ଓବିସିଙ୍କ ସମେତ ବଞ୍ଚିତ ବର୍ଗଙ୍କ କଲ୍ୟାଣ ଅଭିଯାନର ଏକ ଅଂଶ ବିଶେଷ ଭାବେ ସେବା ସମ୍ପ୍ରସାରଣ କରାଯାଇଛି ବୋଲି ସେ କହିଛନ୍ତି ଏବଂ ଏହି ଯୋଜନା ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅବହେଳିତ ବର୍ଗଙ୍କୁ ଋଣ ସହାୟତା ପାଇଁ ପିଏମ-ସୁରଜ ଜାତୀୟ ପୋର୍ଟାଲ ଗରିବ ଲୋକଙ୍କୁ ପ୍ରାଥମିକତା ଦେବା ପାଇଁ ଏକ ପରିବର୍ତ୍ତନମୂଳକ ପଦକ୍ଷେପ, ଯାହାର ଉଦ୍ଦେଶ୍ୟ ହେଉଛି ସମାଜର ସବୁଠାରୁ ଅବହେଳିତ ବର୍ଗର ଉନ୍ନତି । ସମଗ୍ର ଦେଶରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଏହି ଋଣ ସହାୟତା ପ୍ରଦାନ କରାଯିବ ଏବଂ ବ୍ୟାଙ୍କ, ଏନବିଏଫସି-ଏମଏଫଆଇ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ମାଧ୍ୟମରେ ସୁବିଧା ଯୋଗାଇ ଦିଆଯିବ । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନ୍ୟାସନାଲ ଆକ୍ସନ ଫର ମେକାନିକାଲ ସେନିଟେସନ ଇକୋସିଷ୍ଟମ୍ ଅଧିନରେ ସଫେଇ ମିତ୍ର (ନର୍ଦ୍ଦମା ଓ ସେପ୍ଟିକ୍ ଟାଙ୍କି କର୍ମଚାରୀ)ଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଏବଂ ପିପିଇ କିଟ୍ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦେଶର ୫୦୦ରୁ ଅଧିକ ଜିଲ୍ଲାରୁ ପଛୁଆ ବର୍ଗର ପ୍ରାୟ ୩ ଲକ୍ଷ ହିତାଧିକାରୀ ଏବଂ ବିଭିନ୍ନ ସରକାରୀ ଯୋଜନାର ପ୍ରାୟ ୩ ଲକ୍ଷ ହିତାଧିକାରୀ ଅଂଶଗ୍ରହଣ କରିଥିଲେ । ଉକ୍ତ ସଭାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୧୨୫ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ୭୫ ସଫାଇ କର୍ମଚାରୀ ଯୋଗ ଦେଇଥିଲେ ।



# ପାଣି ପାଇପ୍ ଲାଇନ୍ ବିଛା କାର୍ଯ୍ୟକୁ ନେଇ ଅସନ୍ତୋଷ:ଡଷ୍ଟ ଓ ଧୂଳିରେ ବାସିନ୍ଦା ହନ୍ତସନ୍ତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ରାଜପଥ ପାର୍ଶ୍ୱରେ ବିଶୁଦ୍ଧ ଜଳ ପାଇବା ପାଇଁ ପାଇପ୍ ଲାଇନ୍ ବିଛା କାର୍ଯ୍ୟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଆସନ୍ତୋଷ ପ୍ରକାଶ ପାଇଛି । ଫୁଟ୍‌ଫାତ୍ ଉପରେ ଏଇ ପାଇପ୍ ବିଛାଯାଉଛି ଏବଂ ରାସ୍ତାକୁ ଲଗେଇ ମେସିନ୍ ଦ୍ୱାରା ଗଭୀର ଖୋଳାଯାଉଛି । ଯାହାଦ୍ୱାରା ରାସ୍ତାର ସ୍ଥାୟିତ୍ୱ ଉପରେ କୁପ୍ରଭାବ ପକାଇବ ବୋଲି ଅଭିଯୋଗ ହୋଇଛି । ପାଇପ୍ ବିଛାଇବା ପାଇଁ ମାଟି ଖୋଳିବା ପରେ ଉକ୍ତ ମାଟିକୁ ରାସ୍ତା ଉପରେ ପକାଯାଉଛି । ଯାହାଦ୍ୱାରା ସାଧାରଣ ଲୋକଙ୍କ ଯାତାୟାତରେ ବହୁତ ସମସ୍ୟା ଉପୁଜି ଥିବା ଠିକାଦାରଙ୍କୁ ଅଭିଯୋଗ ବାଢିଛନ୍ତି । ଏହି ପାଇପ୍ ବିଛା କାର୍ଯ୍ୟ ସମୟରେ ରାସ୍ତାରେ ଚଳାଚଳ କରିଥିବା ଯାନବାହାନ ଓ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ଠିକାଦାର ଦୃଷ୍ଟି ଦେଉନଥିବା ଅଭଯୋଗ ହେଉଛି । ଏଥିସହ ସଡ଼କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତତ୍ ସହିତ ଖରାଦିନ ଚାଲୁରହିଥିବାରୁ ରାସ୍ତା ପାର୍ଶ୍ୱର ଗଚ୍ଛିତ ମାଟି ପବନରେ ଉଡି ଆବାଳ ଠାରୁ ବୃଦ୍ଧ ବନିତା ପର୍ଯ୍ୟନ୍ତ ତଥା ପାର୍ଶ୍ୱରେ ଥିବା ମିଷ୍ଟାନ୍ନ ଭଣ୍ଡର, ତେଜରାତି ଦୋକାନ, ହୋଟେଲ, ତଥା ପନିପରିବା ଦୋକାନରେ ଧୂଳି ଆଚ୍ଛାଦିତ ହୋଇ ଖାଉଟି ସାମଗ୍ରୀ କ୍ରୟ କରିବାରେ ବାସିନ୍ଦା ଓ ଗ୍ରହୀତା ମହାଜନ ସହିତ ବାକ୍‌ବିତଣ୍ଡା ହେଉଥିବା ଲକ୍ଷ୍ୟ କରାଯାଇଛି । ସହରକୁ ସରସ ସୁନ୍ଦର କରିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେଉଛି । କିନ୍ତୁ ସରକାରଙ୍କ ଠାରୁ ଆରମ୍ଭ କରି ପି.ଏଚ.ଡି ପଦସ୍ଥ ଅଧିକାରୀ ମାନେ ଉପରୋକ୍ତ କାର୍ଯ୍ୟ ପ୍ରତି ଧ୍ୟାନ ଦେଉନଥିବା କିମ୍ବା ବାସିନ୍ଦାଙ୍କ ଅସନ୍ତୋଷକୁ ଉପଲବ୍ଧ କରୁନଥିବା ସାଧାରଣ ଚର୍ଚ୍ଚା ହେଉଛି । କୁଆଡେ ଭୋର୍‌ରୁ ଏଇ କାର୍ଯ୍ୟ କରିବା ପାଇଁ ନିୟମ ରହିଥିଲେ ମଧ୍ୟ ଦିନ ୧୦ଟା ସମୟରେ ଅଫିସ୍ କାମ ଚାଲୁ ରହିଥିବା ବେଳେ ବେନିୟମ ଭାବେ କିମ୍ବା ଠିକାଦାର ସେମାନଙ୍କ ସୁବିଧା ଅନୁସାରେ କରୁଥିବା ଅଭିଯୋଗ ହୋଇଛି । ସବୁ ସ୍ତରରେ ଏ ନେଇ ଅଭିଯୋଗ ହେଉଥିଲେ ମଧ୍ୟ ଏହିପରି ଗୁରୁତର ଘଟଣାକୁ ନିମ୍ନସ୍ତର ଠାରୁ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କ ଘଟଣାକୁ ଗୁରୁତ୍ୱ ଦେଉନଥିବା ସାଧାରଣରେ ଆଲୋଚନା ହେଉଛି ।

# ନିର୍ମାଣ ଓ ଅଣ ସଂଗଠିତ ଶ୍ରମିକ ମାନଙ୍କୁ ଆର୍ଥିକ ସହାୟତା ପାଇଁ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଶ୍ରମ ବିଭାଗ ଶ୍ରମିକ ମାନଙ୍କୁ ମୃତ୍ୟୁ କାଳୀନ ସହାୟତା, କନ୍ୟା ବିବାହ ସହାୟତା ପ୍ରଭୃତି ରାଜ୍ୟ ସରକାରଙ୍କ ଅନୁଦାନ ସହାୟତା ପ୍ରଦାନ ପାଇଁ ତତ୍ପରତା ପ୍ରକାଶ କରୁନଥିବା ବେଳେ ଜିଲ୍ଲାର ନିର୍ମାଣ ଶ୍ରମିକ ଓ ଅଣ ସଂଗଠିତ ଶ୍ରମିକମାନେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ପ୍ରାୟ ଷ୍ଠନ ବର୍ଷ ହେବ ଏହିସବୁ ସହାୟତା ରାଶି ପ୍ରଦାନରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଅସହଯୋଗ କରୁଥିବାରୁ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ଶ୍ରମିକ ମାନଙ୍କ ନାଯ୍ୟ ଦାବି ପୁରଣ ପାଇଁ ଲିଖିତ ଅନୁରୋଧ କରାଯାଇଛି । ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଏ ବାବଦ ସହାୟତା ରାଶି ପ୍ରାୟ ୨୫ କୋଟି ଟଙ୍କା ଜମା ରହିଥିବା ବେଳେ ପ୍ରାୟ ୨ ଶହରୁ ଅଧିକ ମୃତ ଶ୍ରମିକଙ୍କ ଆବେଦନ ପତ୍ର, ଶିକ୍ଷା ସହାୟତା ଆବେଦନ ପତ୍ର ଓ କନ୍ୟା ବିବାହ ଆବେଦନ ପତ୍ର ସବୁ ପଡିରହିଛି । ଏଗୁଡିକୁ ତୁରନ୍ତ ଫଏସଲା କରିବା ପାଇଁ ଜିଲ୍ଲା ଶ୍ରମିକ ଟ୍ରେଡ୍ ୟୁନିୟନ୍ ପକ୍ଷରୁ ଜିଲ୍ଲାପାଳଙ୍କୁ ଜଗତ ଜୀବନ ଦାସ, ସୁଷମା ଦଲାଲ, ପ୍ରକାଶ ଚନ୍ଦ୍ର ମହାନ୍ତି, ପ୍ରଶାନ୍ତ ତ୍ରିପାଠୀ, ଗୋପବନ୍ଧୁ ବେହେରା, ଅମୀୟ କୁମାର ପ୍ରଧାନ, ସେରାଜ ଦାସ, ଅରୁଣ କୁମାର ସାହୁ ପ୍ରମୁଖ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି ।

# କଟକ ଜିଲ୍ଲା ନିମନ୍ତେ ନୂତନ ୱେବ୍‌ସାଇଟ୍ ଉଦ୍‌ଘାଟିତ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ନିମନ୍ତେ ନୂତନ ୱେବ୍‌ସାଇଟ୍ (https://cuttack.odisha.gov.in) ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୩୦ଟି ଜିଲ୍ଲା ନିମନ୍ତେ ନୂତନ ୱେବ୍‌ସାଇଟ୍‌ର ଉଦ୍‌ଘାଟନ କରି ଏହା ଇ-ଗଭର୍ଣ୍ଣାନସ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ କରିବ ବୋଲି କହିଛନ୍ତି । ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ୍) ଦ୍ୱାରା ବିକଶିତ ଏହି ୱେବ୍‌ସାଇଟ୍ ରାଜ୍ୟ ସରକାରଙ୍କ ଫାଇଭ୍‌ଟି ରୂପାନ୍ତରିକରଣ ପଦକ୍ଷେପର ଅଂଶବିଶେଷ । ଏହି ୱେବ୍‌ସାଇଟ୍‌କୁ ଜନସାଧାରଣଙ୍କ ନିମନ୍ତେ ସହଜରେ ବ୍ୟବହାର ଉପଯୋଗୀ କରାଯାଇଛି । ଏହା ସରକାରଙ୍କ ସ୍ୱଚ୍ଛତା ଓ ଦକ୍ଷତାକୁ ଅଧିକ ସଶକ୍ତ କରିବା ଦିଗରେ କାର୍ଯ୍ୟ କରିବ । ଏହି ଅବସରରେ ଉଦ୍‌ବୋଧନ ଦେଇ ଫାଇଭଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଜିଲ୍ଲାପାଳମାନଙ୍କର ପ୍ରଶଂସା କରିଥିଲେ । ହାଇସ୍କୁଲ ରୂପାନ୍ତରୀକରଣ ଠାରୁ ଆରମ୍ଭ କରି, ମୋ କଲେଜ, ନୂଆ ଓ, ଆମ ହସ୍ପିଟାଲ, ଲକ୍ଷ୍ମୀ ବସ୍ ସେବା ଓ ଧାର୍ମିକ ପୀଠଗୁଡିକର ଉନ୍ନତିକରଣ ଆଦି କାର୍ଯ୍ୟ ଜିଲ୍ଲାଗୁଡିକରେ ଖୁବ୍ ସଫଳତାର ସହ ଆଗେଇ ନେବାରେ ଜିଲ୍ଲାପାଳ ତଥା ଅଧିକାରୀମାନଙ୍କର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଶ୍ରୀ ପାଣ୍ଡିଆନ୍ କହିଥିଲେ । ଏଥିସହ ଦେଶର ସର୍ବପ୍ରଥମ ଅନ୍‌ଲାଇନ୍ ଇନସେନଟିଭ ମ୍ୟାନେଜମେଣ୍ଟ ସିଷ୍ଟମ ପୋର୍ଟାଲକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି । ଏହା ହିତାଧିକାରୀମାନଙ୍କ ନିମନ୍ତେ ବେଶ୍ ସହାୟକ ହେବ । କଟକ ଜିଲ୍ଲାପାଳଙ୍କ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆଭାସୀ ସମ୍ମିଳନୀରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ୍, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ନିର୍ଦ୍ଦେଶକ (ସୂଚନା ପ୍ରଯୁକ୍ତି) ତଥା ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ଏନ୍‌ଆଇସି ଇତିଶ୍ରୀ ନନ୍ଦ ଏବଂ ଏନ୍‌ଆଇସିର ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।

# ଜିଲ୍ଲା ଶିକ୍ଷକ ଭବନର ହେବ ନବକଳେବର:ଶିଳାନ୍ୟାସ କଲେ ନଗରପାଳ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୪ ନଂ ୱାର୍ଡରେ ଲାଲବଜାର ସ୍ଥିତ ଶିକ୍ଷକ ଭବନ ସ୍ଥାନରେ ନୂତନ ଭବନ ନିର୍ମାଣ ଅବସରରେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣନନ୍ଦ ମହାନ୍ତି ଶିଳାନ୍ୟାସ କରିବା ସହ ଭୂମିପୂଜନ କରି ଏହି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ନୂତନ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଣ୍ଠିରୁ ମୁଖ୍ୟମନ୍ତ୍ରୀ ୨୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି ବୋଲି ନଗରପାଳ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀୟା ଅତିଥି ଭାବେ ଉପ ନଗରପାଳ ସୀମା ଦାସ, ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ, ସ୍ଥାନୀୟ କାଉନସିଲର ଶିଖା ସ୍ୱାଇଁଙ୍କ ସମେତ ଶତାଧିକ ଶିକ୍ଷକ/ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ । ନୂତନ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁଦାନ ତଥା



ନଗରପାଳଙ୍କ ଉଦ୍ୟମ ପାଇଁ ଜିଲ୍ଲା ଶିକ୍ଷକ ସମାଜ ତରଫରୁ କୃତଜ୍ଞତା ଜଣାଇଥିଲେ । ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ବିମଳ କୁମାର ଆଚାର୍ଯ୍ୟ ଶିକ୍ଷକ ମାନଙ୍କର ବହୁ ଦିନର ଆଶା ପୂରଣ ହେବାକୁଯାଉଛି ବୋଲି ବରିଷ୍ଠ ଶିକ୍ଷକ ନେତା ଶମ୍ଭୁନାଥ ପାଣି ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଏହି ଭବନ ଜିଲ୍ଲାର ସମସ୍ତ ବର୍ଗର ଶିକ୍ଷକମାନଙ୍କ ପାଇଁ ସହାୟକ ହେବ ଜାଣି ଜିଲ୍ଲାରେ ଶିକ୍ଷକ ମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ସୋମନାଥ ସିଂହ, ହରେକୃଷ୍ଣ ବାରିକ, ଗଦାଧର ନାୟକ, ଛବିଲତା ବାରିକ, ଯାମିନୀକାନ୍ତ ପଣ୍ଡା, ପ୍ରଦୀପ କୁମାର ନାଥ, ସିଦ୍ଧେଶ୍ୱର ମିଶ୍ର, ଶିବ ନାରାୟଣ ମହାନ୍ତ, ସୂର୍ଯ୍ୟ ସେଠୀ, ଗୌର ଗୋପାଳ ଲେଙ୍କା, ଶୀତଲ ବେହେରା, ଦିଲ୍ଲୀପ ପାତ୍ର, ବନୋଜିନି ମିଶ୍ର, ରାକେଶ ପ୍ରଧାନ, ବେଣୁଗୋପାଳ ମହାନ୍ତ, ବଳରାମ ନାଥ, ଶିବଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅବସରପ୍ରାପ୍ତ ବର୍ଷିଆନ ଶିକ୍ଷକ ନେତା ଈଶ୍ୱର ଚନ୍ଦ୍ର ଷଡଙ୍ଗୀ, ପ୍ରଶାନ୍ତ ଦାସ, ଗଣେଶ୍ୱର ପଣ୍ଡାଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ ।

# ଜିଲ୍ଲା ପ୍ରଶାସନର ୧୪୪ ଧାରା ଜାରିକୁ ମାନୁନାହାନ୍ତି ବାଲି ମାଫିଆ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ତହସିଲ ଅଧିନ ଆନନ୍ଦପୁର ପଞ୍ଚାୟତର ବିଭିନ୍ନ ସ୍ଥାନରେ ବୈତରଣୀ ନଦୀରୁ ବାଲି ଚୋରି ରୋକିବା ଲାଗି ଭଦ୍ରକ ଉପଜିଲ୍ଲାପାଳ ଲଗାଇଥିବା ୧୪୪ ଧାରାକୁ ବାଲି ମାଫିଆ ମାନୁନାହାନ୍ତି । ଓଲଟି ପ୍ରଶାସନ ଇଙ୍ଗିତରେ ବାଲି ମାଫିଆମାନେ ବୈତରଣୀ ନଦୀରୁ ଅହରହ ବାଲି ଚୋରି କରୁଛନ୍ତି । ପ୍ରକାଶଥାଉକି ଭଦ୍ରକ ଉପଜିଲ୍ଲାପାଳ ଧାମନଗର ବ୍ଲକର ବୈତରଣୀ ନଦୀର ଯେଉଁ ସବୁ ବାଲିଘାଟରେ ୧୪୪ ଧାରା ଲାଗୁ କରିଛନ୍ତି, ସେ ନିୟମକୁ ଫୁ କରି ବାଲି ଉଠାଯାଉଛି । ଉପଜିଲ୍ଲାପାଳ ଫେବୃୟାରୀ ୨୬ ତାରିଖରେ ଚିଠି ସଂଖ୍ୟା ୬୭୧/୨୪ରେ ଆନନ୍ଦପୁର ପଞ୍ଚାୟତର ବିଭିନ୍ନ ବାଲିଘାଟରେ ୧୪୪ ଧାରା ଜାରି କରିଥିଲେ । ନିର୍ଦ୍ଦେଶ ଅନୁସାରେ ଆନନ୍ଦପୁର ମୌଜାର ଖାତା ନମ୍ବର ୫୪୮ର ପ୍ଲଟ୍ ୬୩୯, ଉତେଇପୁର ମୌଜାର ଖାତା ନମ୍ବର ୪୮୧/୪୭୯ର ପ୍ଲଟ୍ ନମ୍ବର ୭୧୬, ୬୯୨, ୧୩୯୭ ଉପରେ



୧୪୪ ଧାରା ଜାରି କରାଯାଇଥିଲା । ଏହି ନିର୍ଦ୍ଦେଶ ଆସିବା ପରେ ଧାମନଗର ତହସିଲ ପକ୍ଷରୁ ତହସିଲ ସୁପରଭାଇଜର ଧନେଶ୍ୱର ମାରାଣ୍ଡି ଓ ସୋଧ ରାଜସ୍ୱ ନିରୀକ୍ଷକ ଚୁଲବୁଲ ସିଂ ଆସି ନଦୀଘାଟ ଗୁଡ଼ିକରୁ ସଂଯୋଗ କରୁଥିବା ଗଡ଼ାରେ ନାଲି ପତାକା ଲଗାଇ ଦେଇଗଲେ । ଯେଉଁସବୁ ପ୍ଲଟ୍‌ରେ ନାଲି ପତାକା ପୋତା ହେଲା ତାପର ଦିନ ଠାରୁ ପୁଣି ବାଲି ଉଠାଗଲା । ଆନନ୍ଦପୁର ପଞ୍ଚାୟତ ଅଧୀନ ମାନଲାପୁର ଗାଁର ପ୍ଲଟ୍ ନମ୍ବର ୩୨୩, ୩୨୨ ଓ ୩୨୧ ଉପରେ ନୂଆ ଗଡ଼ା କରି ବୈତରଣୀରୁ ବାଲି ଚୋରି ହେଉଛି । ଠିକ୍ ସେମିତି ଆନନ୍ଦପୁର ମୌଜାର ୧୧୪୩ ପ୍ଲଟ୍‌ରେ ହୋଇଥିବା ଗଡ଼ାରେ ବାଲି ଉଠାଯାଉଛି । ୨୦୨୧ ମସିହାର ଉତେଇପୁର-୧ ନାଁରେ ଏକ ବାଲିଘାଟ ଥିବା ବେଳେ ମଝିରେ କିଛିଦିନ ଘାଟ ବନ୍ଦ ହୋଇଥିବା ବେଳେ ଏବେ ଏବେ ସେହି ଘାଟରୁ ବାଲି ଉଠାଯାଉଛନ୍ତି । ସୂଚନାଯୋଗ୍ୟ ଯେ ୧୪୪ ଧାରା ଜାରି କରିବା ପରେ ନିୟମ ଉଲ୍ଲଂଘନ କଲେ ବାଲି ମାଫିଆଙ୍କ ଉପରେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିବା ବେଳେ ୧୪୪ ଧାରା ଜାରି ପରେ ବାଲି ମାଫିଆ ମାନେ ବେଶି ବେଶି ବାଲି ଚୋରି କରୁଛନ୍ତି । ଯାହାକି ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଛି । ପ୍ରକାଶଥାଉକି କିଛିଦିନ ପୂର୍ବରୁ ଉପଜିଲ୍ଲାପାଳଙ୍କ ଦ୍ୱାରା ଲାଗୁ ହୋଇଥିବା ୧୪୪ ଧାରାକୁ କେହି ମାନୁନାହାନ୍ତି ବୋଲି ଖବର ପ୍ରକାଶ ପରେ ବି ଧାମନଗର ତହସିଲ କିମ୍ବା ପୋଲିସ ପକ୍ଷରୁ ଏହିସବୁ ସ୍ଥାନରେ କୌଣସି ଚଢ଼ଉ କରାଯାଇନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି । ସେପଟେ ଏନେଇ ଧାମନଗର ତହସିଲଦାର ଦୀପକ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆମ ପାଖରେ କର୍ମଚାରୀଙ୍କ ଅଭାବ କ୍ଷେତ୍ରୀୟ କର୍ମଚାରୀମାନେ ନିର୍ବାଚନ ପାଇଁ ଟ୍ରେନିଂରେ ଯାଇଛନ୍ତି । ଏଣୁ ସବୁବେଳେ ଚଢ଼ଉ କରିବା ସମ୍ଭବ ହେଉନାହିଁ । ତଥାପି ଯେତେବେଳେ ସୁଯୋଗ ମିଳୁଛି ବେଆଇନ୍ ବାଲି ଚାଲାଣ ରୋକିବା ଲାଗି ପଦକ୍ଷେପ ନିଆଯାଉଛି । ତାଛଡ଼ା ବାଲିଘାଟ ପରିଚାଳନା ଦାୟିତ୍ୱ ଖଣିବିଭାଗ ଅଧୀନରେ ରହିଥିବାରୁ ସେମାନେ ଏନେଇ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି । ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଇଛି ।

# ୪ ମାସ ହେଲା ସରକାରୀ ବସ୍ ବନ୍ଦ:ଯାତ୍ରୀ ହନ୍ତସନ୍ତ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାର ସଦର ମହକୁମା ଫୁଲବାଣୀ ଠାରୁ ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଜନସାଧାରଣମାନଙ୍କ ଗମନାଗମନ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଗତ ୨୦୧୪ ମସିହାରେ ଫୁଲବାଣୀ ଠାରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଏକ ଶାଖା ପ୍ରତିଷ୍ଠା କରାଯାଇଥିଲା । ଶାଖା ପ୍ରତିଷ୍ଠା ହେବା ପରଠାରୁ ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ବସ୍ ଚଳାଚଳ କରୁଥିଲା । ଯାହାଦ୍ୱାରା ଜନସାଧାରଣଙ୍କ ଯାତାୟାତ କ୍ଷେତ୍ରରେ ସୁବ୍ୟବସ୍ଥା ହୋଇପାରୁଥିଲା । ଏହି ପରିପ୍ରେକ୍ଷୀରେ ଫୁଲବାଣୀ ଠାରୁ କାଟିଙ୍ଗିଆ ପର୍ଯ୍ୟନ୍ତ ଭାୟା- ଘୁ.ଉଦୟଗିରି, ରାଇକିଆ, ଦାରିଙ୍ଗିବାଡ଼ି ଏବଂ ବ୍ରାହ୍ମଣୀ ଗାଁ ଦେଇ ପ୍ରତ୍ୟେକ ଦିନ ୨ ଗୋଟି ସରକାରୀ ବସ୍ ଚଳାଚଳ କରୁଥିଲା, ଯାହାଦ୍ୱାରା ଜନସାଧାରଣ ମାନେ ଗ୍ରାମାଞ୍ଚଳ ଠାରୁ ଜିଲ୍ଲାର ସଦର ମହକୁମାକୁ ସୁବିଧାରେ ଯାତାୟାତ କରିପାରୁଥିଲେ । ଏ ସମ୍ପର୍କରେ ଫୁଲବାଣୀ ଡିପୋ ମ୍ୟାନେଜର କୁମାର ବର୍ଗାଡ଼ୀ ଏବଂ ଶାଖା ପରିଚାଳକ ବନ୍ଧନ ଦାସଙ୍କୁ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ ସେ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଆଗାମୀ ଏକ ସପ୍ତାହ ମଧ୍ୟରେ ଉଭୟ ଫୁଲବାଣୀ ଠାରୁ କାଟିଙ୍ଗିଆ ଏବଂ କାଟିଙ୍ଗିଆ ଠାରୁ ଫୁଲବାଣୀ ପର୍ଯ୍ୟନ୍ତ ୨ ଗୋଟି ମାର୍ଗରେ ପୁନର୍ବାର ବସ୍ ଚଳାଚଳ କରିବାର ବ୍ୟବସ୍ଥା କରିବା ପାଇଁ ବ୍ରାହ୍ମଣୀଗାଁ, ଦାରିଙ୍ଗିବାଡ଼ି, ରାଇକିଆ ଏବଂ ଘୁ.ଉଦୟଗିରି ଅଞ୍ଚଳବାସୀ ଦାବି କରିଛନ୍ତି । ଯଦିଓ ଆଗାମୀ ଦିନ ମଧ୍ୟରେ ନିର୍ଦ୍ଧାରିତ ମାର୍ଗରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ତରଫରୁ ପୁନର୍ବାର ବସ୍ ଚଳାଚଳର ବ୍ୟବସ୍ଥା କରାନଯାଏ ତାହା ହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

# ଲୁଣାନଦୀର ତେରଗାଁ ସେତୁ ଦ୍ୱାରା ୯ ପଞ୍ଚାୟତବାସୀଙ୍କୁ ମିଳିବ ତ୍ୱରିତ ସେବା



**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ବ୍ଲକ ଗମନାଗମନ କ୍ଷେତ୍ରରେ ପୁଣି ଏକ ଆଶା ସଞ୍ଚାର ସୃଷ୍ଟି ହୋଇଛି । ଦୀର୍ଘ ବର୍ଷ ଧରି ତେରଗାଁ ଲୁଣାନଦୀ ଉପରେ ତେରଗାଁ ସେତୁ ନିର୍ମାଣ ପାଇଁ ୯ ପଞ୍ଚାୟତ ତରଫରୁ ଦାବି ହୋଇ ଆସୁଥିଲା । ପଞ୍ଚାୟତବାସୀଙ୍କ ଦାବିକୁ ସରକାର ଗ୍ରହଣ କରି ପଦକ୍ଷେପ ନେଇଛନ୍ତି । ଏଥିପାଇଁ ସେତୁର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏହି ସେତୁ ନିର୍ମାଣ କରାଯିବ । ପ୍ରାଥମିକ ପର୍ଯ୍ୟାୟରେ ପାଖାପାଖି ୭୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ସେତୁ ନିର୍ମାଣ ହେବ । ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ଯୋଗାଣ, ଖାଉଟିକଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହି ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ । ଅଞ୍ଚଳର ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ରହିଛି । ଏହି ସେତୁ ନିର୍ମାଣ କରାଗଲେ ମହାକାଳପଡ଼ା ବ୍ଲକର ୯ ପଞ୍ଚାୟତ ତେରଗାଁ, ଗଡ଼ରୋମିତ, ପାଟଳିପଙ୍କ, ଖୁରୁସିଆ, ଅମେଇପାଳ, ତିଖିରି, ଟକରପଙ୍ଗା, ଜୟଚନ୍ଦ୍ରପୁର ଓ ଯଦୁପୁର ପଞ୍ଚାୟତର ଅଧୀବାସୀମାନଙ୍କୁ ବିଭିନ୍ନ ସମୟରେ ତ୍ୱରିତ ସେବା ମିଳିପାରିବ । ବନ୍ୟା ବାତ୍ୟା ବେଳେ ରିଲିଫ୍ ଅପରେସନ୍, ସ୍ୱାସ୍ଥ୍ୟ ସେବା ଓ ବିଭିନ୍ନ ପ୍ରକାରର ସେବା ମିଳିବା ପାଇଁ ହେଲେ ସଡ଼କ ପଥରେ ବ୍ଲକ ସଦରମହକୁମା ଠାରୁ ୩୫ରୁ ୪୦ କିଲୋମିଟର ଯିବାକୁ ପଡୁଥିଲା । ଏହାର ଦୂରତା ତିନିଭାଗର ଏକ ଭାଗକୁ ପଳାଇ ଆସିଛି । ଖାଲି ଏତିକି ନୁହେଁ, ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ବିକାଶ ହେଉଛି । ମହାକାଳପଡ଼ାର ଲୋକମାନେ ପାରାଦ୍ୱୀପ ଶିଳ୍ପାଞ୍ଚଳକୁ କାମ କରିବାକୁ ଯାଉଥିବା ବେଳେ ଘାଟ ପାର୍ ହୋଇ ଯିବାକୁ ସମୟ ଅପଚୟ ହେଉଥିଲା । ଡାକ୍ତରଖାନା, ତହସିଲ ଓ ବିଭିନ୍ନ କାର୍ଯ୍ୟାଳୟକୁ ଆସିବାକୁ ହେଲେ ୯ ପଞ୍ଚୟତବାସୀ ବହୁ ସମୟରେ ଘାଟ କୂଳରେ ଅପେକ୍ଷା କରି ରହୁଥିଲେ । ଏହି ସମସ୍ୟା ଦୂର ହେବ । ଏହି ସେତୁ ନିର୍ମାଣ ପାଇଁ ଦୀର୍ଘଦିନ ହେବ ପ୍ରଶାସନିକ ସ୍ତରରେ ବ୍ୟଗ୍ରତା ଦେଖିବାକୁ ମିଳିଥିଲା । ସେହିପରି ଗୋଗୁଆ ପଞ୍ଚାୟତର ରତନପୁର ଠାରେ ବିଜୁସେତୁ ଶିଳାନ୍ୟାସ ଉତ୍ସବ ଓ ପାଣିଟାଙ୍କି ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।



# ଭିନ୍ନକ୍ଷମ ଯୁବତୀଙ୍କୁ ବ୍ୟାଟେରୀ ଗାଡ଼ି ପ୍ରଦାନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ବ୍ଲକ ଆଳିପିଙ୍ଗଳ ପଞ୍ଚାୟତ ଶାଳ ଗାଁ ଗ୍ରାମର ଅଞ୍ଜଳି ଭୂୟାଁ (୪୦)ଙ୍କୁ ପ୍ରଶାସନ ପକ୍ଷରୁ ବ୍ୟାଟେରୀ ଚାଳିତ ଗାଡି ପ୍ରଦାନ କରାଯାଇଛି । ଦୁଇ ଗୋଡ଼ ବଙ୍କା ଫଳରେ ବେଶ କଷ୍ଟରେ ବଢ଼ି ଆସିଥିବା ଅଞ୍ଜଳି ପାଖ ଅଞ୍ଚଳରେ କଣ୍ଢେଇ ତିଆରି କରନ୍ତି । ଚଲା ବୁଲା ନିମନ୍ତେ ଅଞ୍ଜଳିଙ୍କ ପାଇଁ ଏକ ବ୍ୟାଟେରୀ ଚାଳିତ ଗାଡି ଆବଶ୍ୟକତା ଅନୁଭବ କରି ନିକଟରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାୟକଙ୍କ ପରାମର୍ଶ କ୍ରମେ ଜଗତସିଂହପୁର ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଏ ବିଡ଼ିଓ ଅଜୟ ବେହେରା ବ୍ଲକ ଉପ ସଭାପତି ରତି ରଞ୍ଜନ ବେହେରା ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପରେଖା ସାହୁଙ୍କ ଉପସ୍ଥିତିରେ ଭିନ୍ନକ୍ଷମ ଯୁବତୀ ଅଞ୍ଜଳିଙ୍କୁ ବ୍ୟାଟେରୀ ଚାଳିତ ଗାଡି ପ୍ରଦାନ କରାଯାଇଛି । ଆଶୀର୍ବାଦ ସେବା ସଂଗଠନ ସଭାପତି ଜଗନ୍ନାଥ ବେହେରାଙ୍କ ସମେତ ରଶ୍ମୀ ରଞ୍ଜନ ମହାନ୍ତି ଦୈତାରୀ ଭୋଇ ସୌମ୍ୟକାନ୍ତ ଦାସ ସନ୍ତୋଷ କରଣ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଭଳି ଭଳି ଯୋଜନା ସତ୍ତ୍ୱେ ଗ୍ରାମ୍ୟ ଶ୍ରମିକ କାମ ଅନ୍ୱେଷଣରେ ସହରାଭିମୁଖୀ



**କେନ୍ଦୁଝର, ନ୍ୟୁଜ୍**

ଶ୍ରମିକ ମାନଙ୍କୁ ରୋଜଗାରକ୍ଷମ କରାଇବା ଲାଗି ସରକାରଙ୍କର ଭଳି ଭଳି ଯୋଜନା ସତ୍ତ୍ୱେ ଗ୍ରାମାଞ୍ଚଳର ଶହ ଶହ ଶ୍ରମିକ କାମ ପାଇଁ ସହରାଭିମୁଖୀ ହେଉଥିବାର ଦେଖାଯାଉଛି । ଅନୁସନ୍ଧାନରୁ ଜଣାପଡିଛି ଯେ, କେନ୍ଦୁଝର ସଦର ମହକୁମା ସ୍ଥିତ ଦୈନିକ ବଜାରରେ ପ୍ରତି ସୋମବାର ଦିନ ଦୂର ଦୂରାନ୍ତରୁ ଶ୍ରମିକମାନେ ଆସି ଠୁଳ ହେଉଛନ୍ତି । ତନ୍ମଧ୍ୟରୁ କିଛି କାମ ପାଉଥିବାବେଳେ କିଛି ଶ୍ରମିକ କାମ ନପାଇ ନିରାଶ ହୋଇ ନିଜ ଘରକୁ ଫେରୁଛନ୍ତି । ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କୁ ରୋଜଗାର ଦେବା ପାଇଁ କେନ୍ଦ୍ରସରକାର ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା )ଯୋଜନା ପ୍ରଣୟନ କରିଛନ୍ତି, ଯାହାକି ଏହି ଯୋଜନାରେ ଲୋକଙ୍କୁ ବର୍ଷକୁ ଶହେ ଦିନର କାମ ଯୋଗାଇ ଦିଆଯିବାର ନିର୍ଦ୍ଦେଶ ରହିଛି ଏବଂ ଏଥିପାଇଁ ଶ୍ରମିକ ମାନଙ୍କୁ ଜବ୍‌କାର୍ଡ ପ୍ରଦାନ କରିଛନ୍ତି ଏବଂ ଏହିଭଳି ଆହୁରି ବ୍ୟବସ୍ଥା ମଧ୍ୟ ରହିଛି, ହେଲେ ନିର୍ମାଣକାରୀମାନେ ଅଧିକାଂଶ ସମୟ ମେସିନ୍ ଦ୍ୱାରା କାମ କରାଇନେଉଥିବାରୁ ବହୁ ଶ୍ରମିକ କାମ ପାଇପାରୁନାହାଁନ୍ତି । କେନ୍ଦୁଝର ସଦର ଉପକଣ୍ଠ ସମେତ ବାଂଶପାଳ, କାଞ୍ଜିପାଣି, ଖଣ୍ଡାଧାର, ଅଞ୍ଜର, ଟିକରପଡା, ଶୁଆକାଟି, ବରଦାପାଳ, ବେଲଦା, ରାଇସୁଆଁ, ପିପିଳିଆ, ନାରଣପୁର, ନେଲୁଙ୍ଗ, ଭୁଲଦା, ଉଅଁରପୁର, ବାଉଁସୁଳି, ଗୋପାଳପୁର, ଜଦୀପଡା, ବରଦାପାଳ, ନାଉପଡା, ସଲରାପେଣ୍ଟ, ମଦରଙ୍ଗଯୋଡି, ମହାଦେଇଯୋଡ଼ା, କଣ୍ଟାକୋଳି, ରେଇଟାଙ୍ଗିରି ପ୍ରଭୃତି ବହୁ ଅଞ୍ଚଳରୁ କାମ ପାଇଁ ସହରକୁ ଆସିଥାନ୍ତି । ପ୍ରତି ସୋମବାର ଦିନ ସାପ୍ତାହିକ କାମ ପାଇଁ ସଦର ମହାକୁମା ଦୈନିକ ବଜାରରେ ଶହ ଶହ ଠୁଳ ହୁଅନ୍ତି । ଖରା, ବର୍ଷା, ଶୀତ, କାକରରେ ମଧ୍ୟ ସପ୍ତାହେ କାମ ଆଶାରେ ଠୁଳ ହୁଅନ୍ତି । ଏଠାରେ ଶ୍ରମିକ ମାନଙ୍କ ଲାଗି କୌଣସି ବିଶ୍ରାମ ଘର, ପରିସ୍ରାଘର କିମ୍ବା ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ଶ୍ରମିକମାନେ ସେହିଭଳି ଖରା, ବର୍ଷା, କାକରରେ ଠିଆ ହୋଇ କାମ ପାଇଁ ଅପେକ୍ଷାରତ ଥିବାର ଦେଖାଯାଉଛି । ଯାହାକି ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି ।

# ବିଏମ୍‌ସିରେ ପଥ ହୁଡୁଛି 'ମୁକ୍ତା' ଯୋଜନା !

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଏବଂ ଅଞ୍ଚଳବାସୀଙ୍କ ମତାମତ ନେଇ ଆବଶ୍ୟକ ମୁତାବକ, ସହରର ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟ ହାତକୁ ନେବା ପାଇଁ ଆରମ୍ଭ ହୋଇଥିଲା ମୁଖ୍ୟମନ୍ତ୍ରୀ କର୍ମ ତତ୍ପରତା ଅଭିଯାନ । ବିଏମ୍‌ସିରେ ଏହି ଅଭିଯାନ ପଥ ହୁଡ଼ିଲା ଭଳି ମନେ ହେଉଛି । ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୨-୨୩ ଆର୍ଥିକ ବର୍ଷରେ ବିଏମ୍‌ସି ପକ୍ଷରୁ ୨୨ କୋଟି ଟଙ୍କା ବ୍ୟୟରେ ମୁକ୍ତା ଜରିଆରେ ୩୪୮ ଟି ପ୍ରକଳ୍ପ ହୋଇଥିଲା । ମୁକ୍ତା ଅଭିଯାନରେ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ବିଏମ୍‌ସି ୧୫୧୫ଟି ପ୍ରକଳ୍ପ ୬୯୪ଟି ମିଶନଶକ୍ତି ଗୋଷ୍ଠୀଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ବୋଲି ସୂଚନା ପ୍ରଦାନ କରାଯାଇଥିଲା । ଚଳିତ ଆର୍ଥିକବର୍ଷ ୨୦୨୩-୨୪ରେ ବ୍ରହ୍ମପୁର ମହାନଗର ନିଗମରେ ଏସ୍‌ଏଚ୍‌ଜି ମହିଳାଙ୍କ ଜରିଆରେ ମୁକ୍ତାରେ ବ୍ରହ୍ମପୁର ମହାନଗର ନିଗମର ୪୨ଟି ୱାର୍ଡ଼ରେ ପ୍ରାୟ ୩୪ କୋଟି ଟଙ୍କା ବ୍ୟୟରେ ୩୯୮ଟି ପ୍ରକଳ୍ପ କାର୍ଯ୍ୟକାରୀ କରିବା ନେଇ ଆଲୋଚନା କରାଯାଇଥିଲା । ସେଥିରୁ ୩୯୫ଟି ପ୍ରକଳ୍ପ ନିର୍ମାଣ କରାଯାଇଥିବା ବେଳେ ଖର୍ଚ୍ଚ ହୋଇଛି ୩୪ କୋଟି ୭୬ ଲକ୍ଷ ଟଙ୍କା । ଏଥିରେ ୩ କୋଟି ୫୯ ଲକ୍ଷ ଟଙ୍କା ବ୍ୟୟରେ ୫୬ଟି ଶିଶୁ କ୍ରୀଡ଼ା ଉଦ୍ୟାନ, ୪ କୋଟି ୧୪ ଲକ୍ଷ ଟଙ୍କାରେ ସହରର ସୌନ୍ଦର୍ଯ୍ୟୀକରଣ, ୧ କୋଟି ୩୮ ଲକ୍ଷ ଟଙ୍କାରେ ୨୯ଟି ଡ୍ରେନ୍, ୨୯ ଲକ୍ଷ ଟଙ୍କାରେ ୩ଟି ଶୌଚାଳୟ, ୩ କୋଟି ୧୦ ଲକ୍ଷ ଟଙ୍କାରେ ୨୮ଟି ପାର୍କ, ୮୮



ଲକ୍ଷ ଟଙ୍କା ବ୍ୟୟରେ ୯ଟି କମ୍ୟୁନିଟି ସେଣ୍ଟର, ୧ କୋଟି ୨୦ ଲକ୍ଷ ଟଙ୍କାରେ ୧୧୨ଟି ଚଲାପଥ, ୪୩ ଲକ୍ଷ ଟଙ୍କାରେ ୩ଟି ଖେଳପଡ଼ିଆ, ୫ କୋଟି ୧୦ ଲକ୍ଷ ଟଙ୍କାରେ ୬୮ଟି ପବ୍ଲିକ୍ ଜିମ୍, ୧୫ ଲକ୍ଷ ଟଙ୍କାରେ ଗୋଟିଏ ଭେଣ୍ଡିଂ ଜୋନ୍, ୩ କୋଟି ୪୪ ଲକ୍ଷ ଟଙ୍କାରେ ୨୯ଟି ଜଳାଶୟ, ୨ କୋଟି ୯ ଲକ୍ଷ ଟଙ୍କାରେ ୧୮ଟି ଖୋଲା ସ୍ଥାନରେ ଉନ୍ନତିକରଣ କାର୍ଯ୍ୟ ହୋଇଛି । ସେଭଳି ୨୦୨୩-୨୪ ପାଇଁ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକୁ କିପରି ସମୟସୀମା ମଧ୍ୟରେ ଶେଷ କରାଯିବ ସେନେଇ ବିଏମ୍‌ସି ପକ୍ଷରୁ ବାରମ୍ବାର ସମୀକ୍ଷା କରାଯାଇ ଲକ୍ଷ୍ୟ ଧାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି । କିନ୍ତୁ ବାସ୍ତବରେ ସମସ୍ତ ପ୍ରକଳ୍ପ ସ୍ଥାପନ ପାଇଁ ଚିହ୍ନଟ ସ୍ଥାନକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ମୁକ୍ତାରେ ସହରର କେତେକ ସ୍ଥାନରେ ହୋଇଥିବା କାର୍ଯ୍ୟ ମଧ୍ୟରୁ ଭାବାନଗର ୪ର୍ଥ ଗଳି ନିକଟ ହେଟା ବନ୍ଧ ହୁଡ଼ାରେ ସ୍ଥାପନ ହୋଇଥିବା ବ୍ୟାୟାମକେନ୍ଦ୍ର ପରିତ୍ୟକ୍ତ ଅବସ୍ଥାରେ ରହିଛି । ଦୁର୍ଗନ୍ଧ ଯୋଗୁଁ ଜଣେ ବ୍ୟକ୍ତି ମଧ୍ୟ ସେଠାକୁ ଯାଉନଥିବା ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ସେଭଳି ମିଲିଟାରୀ ଲେନ୍ ଠାରୁ ଦଲୁଆ ସାହିକୁ ସଂଯୋଗ କରୁଥିବା ଏକ ପରିତ୍ୟକ୍ତ ରାସ୍ତାକଡ଼ରେ ଥିବା ମୁକ୍ତାକାଶ ବ୍ୟାୟାମଶାଳାର ସମଦଶା । ଅନେକ ଘରର ଆବର୍ଜନା ଏଠାରେ ପଡୁଛି । ଆଖପାଖରେ ପରିସ୍ରାଗାର ନଥିବାରୁ, ଏହି ରାସ୍ତାଟି ମୁକ୍ତାକାଶ ପରିସ୍ରାଗାର ପାଲଟିଛି । ଏଭଳି ଏକ ପରିତ୍ୟକ୍ତ ସ୍ଥାନରେ ପେଭର ବ୍ଲକ୍ ପକାଯାଇ ବ୍ୟାୟାମ ଉପକରଣ ଖଞ୍ଜା ଯାଇଛି । ଗୋଲାପଲ୍ଲୀ ସେବକନଗର, ଗେଟ୍‌ବଜାର ରେଡ଼ିଓ ଷ୍ଟେସନ୍, ଗୋସାଇଁ ନୂଆଗାଁ ଗାନ୍ଧୀନଗର ଏକ ମୁହାଁ ରାସ୍ତା, ଖୋଡ଼ାସିଙ୍ଗି କଳିଙ୍ଗନଗରରେ ମୁକ୍ତାରେ ସ୍ଥାପନ ହୋଇଥିବା ବ୍ୟାୟାମଶାଳାର ଅବସ୍ଥିତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଅଳିଆ ଆବର୍ଜନାମୟ ଦୁର୍ଗନ୍ଧ ଯୁକ୍ତ ପରିତ୍ୟକ୍ତ ସ୍ଥାନରେ ଏଭଳି ପ୍ରକଳ୍ପ ସ୍ଥାପନ ପାଇଁ କିଏ କିଭଳି ଅନୁମତି ଦେଲା ବୋଲି ଚର୍ଚ୍ଚା ହେଉଛି । ଏହିସବୁ ପ୍ରକଳ୍ପରେ ସ୍ଥାପନ କରାଯାଇଥିବା ଉପକରଣ ଗୁଡ଼ିକର ଗୁଣବତ୍ତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ବିଏମ୍‌ସି କର୍ତ୍ତୃପକ୍ଷ ଏହାର ତଦାରଖ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଏଲଏଲସିସି କପ୍ : ରୋମାଞ୍ଚକର ବିଜୟ ସହ ସେମିରେ ରାମେଶ୍ୱର

**ଭୁବନେଶ୍ୱର**

ଲାଇଭ ଲିଜେଣ୍ଡ କ୍ରିକେଟ କ୍ଲବ(ଏଲଏଲସିସି) ପକ୍ଷରୁ ଚାଲିଥିବା ଅଣ୍ଡର ୧୪ ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲରେ ପ୍ରବେଶ କରିଛି ରାମେଶ୍ୱର ସ୍ପୋର୍ଟିଂ। ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲରେ ଦଳ ବେଶ୍ ରୋମାଞ୍ଚକର ଢଙ୍ଗରେ ପାରାମାଉଣ୍ଟ କ୍ରିକେଟ କ୍ଲବକୁ ଗୋଟିଏ ବଲ୍ ପୂର୍ବରୁ ୫ ୱିକେଟରେ ହରାଇ ଦେଇଛି।




ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ପାରାମାଉଣ୍ଟ ଅଧିନାୟକ ସମରଜୀତ ସାହୁଙ୍କ ୪୧, ସାଇ ଦିତ୍ୟ ମହାନ୍ତିଙ୍କ ୩୮ ଓ ଆୟୁଷ ରାଉତଙ୍କ ୩୯ ରନ ବଳରେ ନିର୍ଦ୍ଧାରିତ ୩୫ ଓଭରରେ ୫ ୱିକେଟ ହରାଇ ୨୦୧ ରନ କରିଥିଲେ। ରାମେଶ୍ୱର ପକ୍ଷରୁ ଲେଓନୀଲ ମେହେର, ହରିବଂଶ ଭୂୟାଁ ଓ ଆଭାନ ମଶ୍ର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ୨ଟି ୱିକେଟ ରନ ଆଉଟ୍‌ରୁ ମିଳିଥିଲା।

୨୦୨ ରନର ଟାର୍ଗେଟ ପାଇଥିବା ଡିଫେଣ୍ଡିଂ ଚାମ୍ପିୟନ ରାମେଶ୍ୱରକୁ ଆରମ୍ଭରୁ ରନ କରିବାର ସୁଯୋଗ ମିଳି ନଥିଲା। ଆୟୁଷ ରାଉତ ଓ ଶୁଭମ ପରିଡ଼ା ବେଶ୍ ଚମତ୍କାର ବୋଲିଂ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ରାମେଶ୍ୱର ପାଇଁ ଶତକ ମାରିଥିବା ଆର୍ଯ୍ୟ ଆୟୁଷ୍ମାନ ସାହୁ ୪୧ ବଲର ସମ୍ମୁଖୀନ ହୋଇଥିଲେ ହେଁ କେବଳ ୧୨ ରନ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କୁ ବିଜୟ ସିଂହ ଆଉଟ କରିଥିଲେ। ତେବେ ଆକାଶ ସାହୁ(୬୩ ବଲରେ ୫୨) ଓ ଅଧିନାୟକ କୁମାର ଏ. ସ୍ୱାଇଁ(୫୧ ବଲରେ ୬୪ ରନ) କରି ରାମେଶ୍ୱରର ରନ ହାରକୁ ବୃଦ୍ଧି କରିଥିଲେ। ଲିଓନୀଲ ମେହେର ମଧ୍ୟ ୨୯ ରନର ଇନିଂସ ଖେଳିଥିଲେ।

ସାଇ ଏସ୍ ସାହୁ ୧୪ ରନ କରି ଆଉଟ୍ ହୋଇଥିବା ବେଳେ ଆଭାନ ମିଶ୍ର ୭ ବଲରେ ଅପରାଜିତ ୧୩ ରନ କରି ଦଳକୁ ଗୋଟିଏ ବଲ ପୂର୍ବରୁ ରୋମାଞ୍ଚକର ବିଜୟ ଭେଟି ଦେଇଥିଲେ। ଦମ୍‌ଦାର ଇନିଂସ ପାଇଁ ରାମେଶ୍ୱରର ଅଧିନାୟକ କୁମାର ଏ. ସ୍ୱାଇଁଙ୍କୁ ରୀନା ସ୍ୱାଇଁ ଅତିଥି ଭାବେ ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

# ଆଇପିଏଲରେ ଏଥର ଶୁଣିବାକୁ ମିଳିବନି ଓଡ଼ିଆ କମେଣ୍ଟ୍ରୀ

**ନୂଆଦିଲ୍ଲୀ**

ମାର୍ଚ୍ଚ ୨୨ରୁ ଆରମ୍ଭ ହେବ ଆଇପିଏଲର ୨୦୨୪ ସଂସ୍କରଣ। ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତି ଶେଷ ହୋଇଛି, ହେଲେ ଏଥର ଆଇପିଏଲରେ ଶୁଣିବାକୁ ମିଳିବ ନାହିଁ ଓଡ଼ିଆ କମେଣ୍ଟ୍ରୀ। ସେହିପରି ଓଡ଼ିଆ ଗ୍ରାଫିକ୍ସ ମଧ୍ୟ ଦେଖିବାକୁ ମିଳିବ ନାହିଁ। କାରଣ ଓଡ଼ିଆ ଭାଷାକୁ କମେଣ୍ଟ୍ରୀ ତାଲିକାରୁ ବାଦ୍ ଦିଆଯାଇଛି।

ଓଡ଼ିଆ ଭାଷାକୁ ବାଦ୍ ଦିଆଯାଇଥିଲେ ମଧ୍ୟ ହିନ୍ଦୀ ଓ ଇଂଲିଶ ସମେତ ତେଲୁଗୁ, ତାମିଲ, କନ୍ନଡ଼, ମରାଠି, ଭୋଜପୁରୀ ଓ ଗୁଜରାଟୀ ଭଳି ୮ଟି ଭାଷାରେ ଆଇପିଏଲର ମଜା ଉଠାପାରିବେ। ଦର୍ଶକ ଜିଓ ସିନେମାରେ ଥିବା ଭାଷା ବିକଳ୍ପକୁ ଯାଇ ନିଜ ପସନ୍ଦ ଅନୁସାରେ ଲୋକମାନେ ଆଇପିଏଲ ଦେପାରିବେ।

ଓଡ଼ିଆ ଭାଷା ବାଦ୍ ପଡ଼ିବାରୁ ରାଜ୍ୟବାସୀଙ୍କୁ ଏହା ନିରାଶ କରିଛି। ୨୦୨୩ ଆଇପିଏଲରେ ପ୍ରଥମଥର ପାଇଁ ଓଡ଼ିଆ ଭାଷାରେ ଆଇପିଏଲର ମଜା ଉଠାଇଥିଲେ କ୍ରିକେଟ ଫ୍ୟାନ୍ସ। ଆଇପିଏଲର ମ୍ୟାଚ୍ ପୂର୍ବରୁ ଓଡ଼ିଆରେ କ୍ରିକେଟ ଲାଇଭ କାର୍ଯ୍ୟକ୍ରମ ପ୍ରସାରିତ ହେଉଥିଲା। ପ୍ରଥମଥର ଲାଗି ଓଡ଼ିଆ ଭାଷାରେ ମଧ୍ୟ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମର ଆଙ୍କର ଭାବେ କଟକର ଝିଅ ଲୋରିଆ ମହାନ୍ତିଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ କିଛି




ଓଡ଼ିଆ କ୍ରିକେଟର ଓ ଖେଳ ସହ ସମ୍ପୃକ୍ତ ବ୍ୟକ୍ତି ଯୋଗଦେଉଥିଲେ। ମ୍ୟାଚ୍ ବେଳେ ଦେବାଶିଷ ମହାନ୍ତି, ବିପ୍ଳବ ସାମନ୍ତରାୟ, ଓ ରଶ୍ମି ରଞ୍ଜନ ପରିଡ଼ାଙ୍କ ଭଳି ଅଭିଜ୍ଞ କ୍ରିକେଟରମାନେ କମେଣ୍ଟ୍ରୀ କରୁଥିଲେ। ଏମାନଙ୍କ ବ୍ୟତୀତ ଗୌରବ ପଣ୍ଡା ମଧ୍ୟ କମେଣ୍ଟ୍ରୀ କରୁଥିଲେ। ସବୁ କିଛି ଓଡ଼ିଆରେ ହେଉଥିଲା। କିନ୍ତୁ ନିମ୍ନମାନ ଗ୍ରାଫିକ୍ସ ଓ ଏହାର ପରିଚାଳନା ଦାୟିତ୍ୱରେ ଥିବା କିଛି ଲୋକଙ୍କ ଅହେତୁକ ଅବହେଳା ପାଇଁ ଓଡ଼ିଆ ଭାଷାରେ ଆଇପିଏଲର ପ୍ରସାରଣ ସେତେଟା ଲୋକପ୍ରିୟତା ହାସଲ କରି ପାରି ନଥିଲା। ସଂସ୍ଥାକୁ ବ୍ୟବସାୟିକ କ୍ଷତି ହୋଇଥିଲା। ଏହି କାରଣ ପାଇଁ ୨୦୨୪ ଆଇପିଏଲରୁ ଓଡ଼ିଆ ଭାଷାକୁ ବାଦ୍ ଦିଆଯାଇଥିବା କୁହାଯାଉଛି।

# ଡବ୍ଲୁଏଫଆଇ ଉପରୁ ହଟିଲା ବ୍ୟାନ୍

**ନୂଆଦିଲ୍ଲୀ**

ଭାରତୀୟ କୁସ୍ତି ମହାସଂଘ ତଥା ଡବ୍ଲୁଏଫ୍‌ଆଇ ଉପରୁ ହଟିଲା ବ୍ୟାନ୍। ଏଥିସହ ଭାରତୀୟ କୁସ୍ତି ମହାସଂଘ ପାଇଁ ଗଠନ କରିଥିବା ଆଡ୍ ହକ କମିଟିକୁ ମଧ୍ୟ ଭଙ୍ଗ କରାଯାଇଛି। ଏନେଇ ଇଣ୍ଡିଆନ୍ ଅଲିମ୍ପିକ ଆସୋସିଏସନ୍ ଘୋଷଣା କରିଛି। ୟୁନାଇଟେଡ ୱାର୍ଲ୍ଡ ରେସଲିଂ ଦ୍ୱାରା ଡବ୍ଲୁଏଫଆଇ ଉପରେ ଲଗାଯାଇଥିବା ବ୍ୟାନ୍‌କୁ ହଟାଇବା ଏବଂ ଆଇଓଏ ଦ୍ୱାରା ନିଯୁକ୍ତ ଆଡ୍ ହକ୍ କମିଟି ଦ୍ୱାରା ତଦାରଖ କରାଯାଉଥିବା ଚୟନ ପରୀକ୍ଷଣର ସଫଳ ସମାପ୍ତି ପରେ ଏହି ନିଷ୍ପତ୍ତି ନିଆଯାଇଛି।



ଗତ ବର୍ଷ ନିଲମ୍ବିତ ରେସଲିଂ ଫେଡେରେସନ୍‌ର କାମ ତଦାରଖ କରିବା ପାଇଁ ଆଇଓଏ କାମ ଚଳା କମିଟି ତଥା ଆଡ୍ ହକ୍ ପ୍ୟାନେଲ ଗଠନ କରିଥିଲା। ୩ ଜଣିଆ ସଦସ୍ୟ ବିଶିଷ୍ଟ ଏହି ଆଡ୍ ହକ୍ କମିଟି ଗଠନ କରାଯାଇଥିଲା। ଭାରତୀୟ କୁସ୍ତି ସଂଘକୁ ନିଲମ୍ବନ କରାଯିବା ପରେ ଏହି କମିଟି ଗଠନ କରାଯାଇଥିଲା। କିନ୍ତୁ ଏବେ ଡବ୍ଲୁଏଫ୍‌ଆଇର କାମ ତଦାରଖ କରିବା ପାଇଁ ଏହି କମିଟିର ଆଉ କୌଣସି ଆବଶ୍ୟକତା ନାହିଁ। ତେଣୁ ଏହି କମିଟିକୁ ଭାଙ୍ଗି ଦିଆଯାଇଥିବା ନେଇ ଇଣ୍ଡିଆନ୍ ଅଲିମ୍ପିକ ଆସୋସିଏସନ୍ ସୂଚନା ଦେଇଛି। ଏଥିସହ ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏସନ୍ କହିଛି ଯେ, ଶୀଘ୍ରରୁ ଅତି ଶୀଘ୍ର ଡବ୍ଲୁଏଫ୍‌ଆଇକୁ ସେଫ୍‌ଗାର୍ଡିଂ କମିଟି ଗଠନ କରିବାକୁ ହେବ। ଏହି କମିଟି ଖେଳାଳିଙ୍କ ସମସ୍ୟାର ସମାଧାନ କରିବ ଏଥିସହ ଫେଡେରେସନ୍‌କୁ ନିର୍ଦ୍ଧାରିତ ସମୟ ସୀମା ଓ ନିୟମ ଅନୁସାରେ ଆଥ୍ଲେଟିକ୍ କମିଶନର ନିର୍ବାଚନ କରିବାକୁ ହେବ। ଡବ୍ଲୁଏଫ୍‌ଆଇର କାମ ତଦାରଖ କରିବା ପାଇଁ ଆଡ ହକ୍ କମିଟିକୁ ଆଇଓଏ ଋଣ ବାବଦରେ ଟଙ୍କା ଦେଇଥିଲା। ଏବେ ସେହି ଟଙ୍କାକୁ ଫେଡେରେସନ୍ ଆଇଓଏକୁ ଫେରାଇବାକୁ ପଡ଼ିବ।

କହିରଖୁ ଯେ, ଗତବର୍ଷ ବିଜେପି ସାଂସଦ ତଥା କୁସ୍ତି ସଂଘର ପୂର୍ବତନ ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂହଙ୍କ ଘନିଷ୍ଠ ସହଯୋଗୀ ସଞ୍ଜୟ ସିଂହ କୁସ୍ତି ସଂଘର ନୂଆ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଏହାକୁ ନେଇ କୁସ୍ତି ଯୋଦ୍ଧାମାନେ ଜୋରଦାର ବିରୋଧ କରିଥିଲେ। ସଞ୍ଜୟ ସିଂହ ଅଧ୍ୟକ୍ଷ ହେବା ପରେ କୁସ୍ତି ଯୋଦ୍ଧା ସାକ୍ଷୀ ମଲ୍ଲିକ ଅବସର ଘୋଷଣା କରିଥିଲେ। ସେହିଭଳି ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ ପଦ୍ମଶ୍ରୀ ଫେରାଇଥିଲେ। ସ୍ଥିତି ବିଗୁଡୁଥିବା ଦେଖି କ୍ରୀଡା ମନ୍ତ୍ରଣାଳୟ କୁସ୍ତି ମହାସଂଘକୁ ନିଲମ୍ବିତ କରିଥିଲା। ଏଥିସହ ସଞ୍ଜୟ ସିଂହଙ୍କ ପଦ ମଧ୍ୟ ରଦ୍ଦ କରାଯାଇଥିଲା।

## କେରଙ୍ଗ ଅହମଦୀୟା କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

# ଟାଙ୍ଗୀ ରଘୁନାଥ ଦେବ ଏଫ.ସି ଚାମ୍ପିଅନ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ କେରଙ୍ଗ ଖେଳ ପଡ଼ିଆରେ ଚାଲିଥିବା ୫୦ତମ ରାଜ୍ୟସ୍ତରୀୟ କେରଙ୍ଗ ଅହମଦୀୟା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଦିବସରେ ମ୍ୟାଚ୍ ଟାଙ୍ଗୀ ରଘୁନାଥ ଦେବ ଓ ଯୁବଜ୍ୟୋତି କ୍ଲବ ପଙ୍କାଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏହି ଖେଳରେ ଟାଙ୍ଗୀ ରଘୁନାଥ ଦେବ ୩–୨ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ ୨–୧ ଗୋଲରେ ଟାଙ୍ଗୀ ରଘୁନାଥ ଦେବ ଯୁବଜ୍ୟୋତି କ୍ଲବ ପଙ୍କାଳ ଠାରୁ ଆଗୁଆ ରହିଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ପୁଣି ଟାଙ୍ଗୀ ରଘୁନାଥ ଦେବ ଆଉ ଏକ ଗୋଲମାରି ଦଳକୁ ଦୃଢ ସ୍ଥିତିରେ ଆଣିପାରି ଥିଲା। କିନ୍ତୁ ଯୁବଜ୍ୟୋତି କ୍ଲବ ପଙ୍କାଳ ଖେଳର ଶେଷ ସମୟ ପର୍ଯ୍ୟନ୍ତ ବହୁତ ସଂଘର୍ଷ ଓ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ନିଜ ଦଳ ପାଇଁ ଆଉ ଏକ ଗୋଲ ମାରି ଦଳର ମନବଳକୁ ସୁଦୃଢ କରି ପାରିଥିଲା। ପରିଶେଷରେ ଯୁବଜ୍ୟୋତି କ୍ଲବ ପଙ୍କାଳ ଆଉ ଗୋଲ ନ ମାରିପାରିବାରୁ ପରାଜୟର ସମ୍ମୁଖୀନ ହୋଇଥିଲା। ଏହିଭଳି ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଟାଙ୍ଗୀ ରଘୁନାଥ ଦେବ ବିଜୟୀ ହୋଇଥିଲା।



ଏହି ଖେଳରେ ମୁଖ୍ୟ ରେଫରି ଭାବେ ରାଜୁ ମହାନ୍ତି, ତାଙ୍କୁ ଲାଇନରେ ପି.କେ. ନାଏକ ଓ ସଗିର ଅହମଦ ସହାୟତ କରିଥିଲେ। ଫୋର୍ଥ ରେଫରି ଭାବେ ଅମଜାଦ ଏହେସାନ ଏବଂ ମ୍ୟାଚ୍ କମିଶନ ଭାବେ ମୋବେଶର ଅହମଦ କାର୍ଯ୍ୟଭାର ତୁଲାଇଥିଲେ।

ମୁଖ୍ୟ ଅତିଥି ଭାବେ ଜଟଣୀ ବ୍ଲକ୍ ଅଧ୍ୟକ୍ଷା ଜୟନ୍ତୀ ଛୋଟ ରାୟ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଖିଳ ପ୍ରଧାନ, ପୂର୍ବତନ ବାଙ୍କୀ ବ୍ଲକ ଚେୟାରମ୍ୟାନ ଟୁଲୁ ପାତ୍ର, ଜଟଣୀ ବିଧାୟକ ପ୍ରତିନିଧି ସୁବାଷ ପାତ୍ର ସମିତି ସଭ୍ୟ ବରସାହି ରାମଚନ୍ଦ୍ର ସାମନ୍ତରାୟ, ଖୋର୍ଦ୍ଧା ଜିଲ୍ଲା ମିଡ଼ିଆ ସେଲ ସଭାପତି ସୂର୍ଯ୍ୟ ନାରାୟଣ ମହାନ୍ତି ତଥା କଟକ ସହରର ମୌଲାନା ଫଜଲ ହକ ଖାଁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ଦଳକୁ ଟ୍ରଫି ସହିତ ନଗଦ ରାଶି ପ୍ରଦାନ କରାଯାଇଥିଲା। ଏହି ଖେଳରେ ବେଷ୍ଟ ପ୍ଲେୟାର ଅଫ ଦି ମ୍ୟାଚ୍ ଚନ୍ଦନ ନାୟକ ଏବଂ ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ମହମ୍ମଦ ୟୁସୁଫ ଜାମନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ବଢ଼ିଲା ଧୋନିଙ୍କ ଚିନ୍ତା : ଆହତ ହେଲେ ମୁସ୍ତାଫିଜୁର ରହମାନ

**ନୂଆଦିଲ୍ଲୀ**

ଆଇପିଏଲ ପୂର୍ବରୁ ମହେନ୍ଦ୍ର ସିଂହ ଧୋନିଙ୍କ ଚେନ୍ନାଇ ସୁପର କିଙ୍ଗସର ଚିନ୍ତା ବଢ଼ିବାରେ ଲାଗିଛି। ପୂର୍ବରୁ ଏକାଧିକ କ୍ରିକେଟର ଆହତ ସମସ୍ୟାରେ ପଡ଼ିଥିବା ବେଳେ ଆଉ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଦଳ ଏଥର ନିଲାମ ବେଳେ କିଣିଥିବା ବାଂଲାଦେଶର ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନ ଆହତ ହୋଇଛନ୍ତି। ତାଙ୍କ ଆହତ ସମସ୍ୟା ଅତ୍ୟନ୍ତ ଜଟିଳ ଥିବାରୁ ମୁସ୍ତାଫିଜୁରଙ୍କୁ ଷ୍ଟ୍ରେଚରରେ ପଡ଼ିଆ ବାହାରକୁ ନେବାକୁ ପଡ଼ିଛି। ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ତୃତୀୟ ଦିନିକିଆ ବେଳେ ଏହି ଘଟଣା ଘଟିଛି। ୨୦୨୪ ଆଇପିଏଲ ଅକ୍ସନ ବେଳେ ଚେନ୍ନାଇ ମୁସ୍ତାଫିଜୁରଙ୍କୁ କିଣିଥିଲା। ଶ୍ରୀଲଙ୍କା ବିପକ୍ଷ ଚଟ୍ଟୋଗ୍ରାମ ଦିନିକିଆରେ ସେ ୯ ଓଭର ବୋଲିଂ କରି ୩୯ ରନ ଦେବା ସହ ୨ଟି ୱିକେଟ ନେଇଥିଲେ। କିନ୍ତୁ ସେ ସାଂଘାତିକ କ୍ରାମ୍ପର ସମ୍ମୁଖୀନ ହୋଇଛନ୍ତି। ୪୨ତମ ଓଭରରେ ହଠାତ୍ ମୁସ୍ତାଫିଜୁର ବୋଲିଂ କରି ସାରିବା ପରେ ନିଜ ପେଟକୁ ଧରିଥିଲେ। ଏହାପରେ ସେ ହଠାତ୍ ତଳେ ଗଡ଼ିବାକୁ ଲାଗିଥିଲେ। ତାଙ୍କୁ ବାଧ୍ୟ ହୋଇ ଷ୍ଟ୍ରେଚରରେ ବାହାରକୁ ନିଆଯାଇଥିଲା। ସେ କ୍ରାମ୍ପର ସମ୍ମୁଖୀନ ହୋଇଥିବା କୁହାଯାଉଛି। ହେଲେ ଏ ସମ୍ପର୍କରେ ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ କିଛି କୁହାଯାଇ ନାହିଁ।

ଏହି ମ୍ୟାଚ୍ ପରେ ସେ ଆଇପିଏଲ ପାଇଁ ଚେନ୍ନାଇ କ୍ୟାମ୍ପ୍‌ରେ ଯୋଗ ଦେଇଥାଆନ୍ତେ। କିନ୍ତୁ ଏହା ପୂର୍ବରୁ ତାଙ୍କର ଆହତ ସମସ୍ୟା ସାମ୍ନାକୁ ଆସିଛି। ମୁସ୍ତାଫିଜୁରଙ୍କ ପୂର୍ବରୁ ଡେଭୋନ କନୱେ ଓ ମଥୀଶା ପଥିରାଣା ମଧ୍ୟ ଆହତ ହୋଇଥିଲେ। ଉଭୟ ଆଇପିଏଲରେ ଖେଳିବେ କି ନାହିଁ, ତାହା ମଧ୍ୟ ସ୍ପଷ୍ଟ ହୋଇନି।



# ଅମ୍ବାନୀ ପରିବାରର ଦୁଇ ବୋହୂ ଅପେକ୍ଷା ସାନିଆ ମିର୍ଜା ଅଧିକ ଧନୀ

**ନୂଆଦିଲ୍ଲୀ**

ଗତ କିଛି ଦିନ ହେବ ଅମ୍ବାନୀ ପରିବାରର ଦୁଇ ବୋହୂ ଯଥା ରାଧିକା ମର୍ଚ୍ଚେଣ୍ଟ ଏବଂ ଶ୍ଲୋକା ହେଡ୍‌ଲାଇନରେ ରହିଛନ୍ତି। ଗୁଗୁଲରେ ଲୋକମାନେ ସେମାନଙ୍କ ବିଷୟରେ ଅନେକ ତଥ୍ୟ ଖୋଜୁଛନ୍ତି। ୟୁଜର୍ସ ସେମାନଙ୍କର ସମ୍ପତ୍ତି କେତେ ସେ ସମ୍ପର୍କରେ ସର୍ଚ୍ଚ କରୁଛନ୍ତି। ୧୧,୨୩୦ କୋଟିର ମାଲିକ ମୁକେଶ ଅମ୍ବାନୀଙ୍କ ସାନ ବୋହୂଙ୍କର ନିଟ୍ ସମ୍ପତ୍ତିର ମୂଲ୍ୟ ମାତ୍ର ୧୦ କୋଟି। ଅମ୍ବାନୀ ପରିବାରର ବଡ଼ ବୋହୂ ଶ୍ଲୋକା ମେହେଟାଙ୍କ ନିଟ୍ ସମ୍ପତ୍ତି ମୂଲ୍ୟ ହେଉଛି ୧୨୦ କୋଟି ଟଙ୍କା। ଶ୍ଲୋକା ରୋଜି ବ୍ଲୁ ଡାଇମଣ୍ଡର ନିର୍ଦ୍ଦେଶକ ରହିଥିଲେ। କିନ୍ତୁ ଭାରତୀୟ ଟେନିସ ଖେଳାଳି ସାନିଆ ମିର୍ଜା ଅମ୍ବାନୀ ପରିବାରର ଉଭୟ ବୋହୂଙ୍କ ଅପେକ୍ଷା ଅଧିକ ଧନୀ।



ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ସାନିଆ ମିର୍ଜାଙ୍କ ମୋଟ ସମ୍ପତ୍ତି ହେଉଛି ୨୬ ନିୟୁତ ଡଲାର ଅର୍ଥାତ ୨୧୦ କୋଟି ଟଙ୍କା। ସାନିଆ ଅନେକ ପ୍ରକାରର ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ କରନ୍ତି। ସେ ଏକ ଏଣ୍ଡୋର୍ସମେଣ୍ଟ ପାଇଁ ୬୦ ରୁ ୭୫ ଲକ୍ଷ ଟଙ୍କା ଚାର୍ଜ କରନ୍ତି। ସାନିଆ ଭାରତର ସର୍ବାଧିକ ପାରିଶ୍ରମିକ ପ୍ରାପ୍ତ ଆଥଲେଟ ଭାବରେ ମଧ୍ୟ ଜଣାଶୁଣା।

ସାନିଆ ମିର୍ଜା ନିଜର ଟେନିସ୍ ଏକାଡେମୀ ପରିଚାଳନା କରନ୍ତି। ସେ ଟେନିସ୍ ଖେଳି ବର୍ଷକୁ ଅତି କମ୍‌ରେ ୩ କୋଟି ଟଙ୍କା ରୋଜଗାର କରନ୍ତି। ହାଇଦ୍ରାବାଦରେ ସାନିଆଙ୍କର ଏକ ମହଲ ପରି ଘର ଅଛି, ଯାହାର ମୂଲ୍ୟ ୧୩ କୋଟି ଟଙ୍କା। ଦୁବାଇରେ ତାଙ୍କର ଏକ ଘର ମଧ୍ୟ ଅଛି, ଯାହାର ମୂଲ୍ୟ କୋଟି କୋଟି ଟଙ୍କା।

ସାନିଆ ବିଳାସପୂର୍ଣ୍ଣ କାର୍‌କୁ ମଧ୍ୟ ଭଲ ପାଆନ୍ତି। ତାଙ୍କର ଅନେକ ବିଳାସପୂର୍ଣ୍ଣ କାର ଅଛି। ସାନିଆ ମିର୍ଜାଙ୍କ କାର ସଂଗ୍ରହରେ ରେଞ୍ଜ ରୋଭର, ମର୍ସିଡିଜ ବେଞ୍ଜ୍, ଓଡି ଏବଂ ବିଏମଡବ୍ଲୁ ଭଳି କାର ରହିଛି।

# ପ୍ରଥମ ସେକ୍ରେଟେରିଏଟ୍ କର୍ପୋରେଟ୍ କପ୍ ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସେକ୍ରେଟେରିଏଟ୍ କ୍ରିକେଟ୍ ଆସୋସିଏସନ ଆନୁକୂଲ୍ୟରେ ପ୍ରଥମ ସେକ୍ରେଟେରିଏଟ୍ କର୍ପୋରେଟ୍ କପ୍ ଟେସିନ୍ ବଲ୍ କ୍ରିକେଟ୍ (ପୁରୁଷ) ଟୁର୍ଣ୍ଣାମେଣ୍ଟ ଆସନ୍ତା ମାର୍ଚ୍ଚ ୨୩ ରୁ ୨୫ ଭାରତୀୟ ବିଦ୍ୟାଳୟ ଖେଳ ପଡ଼ିଆ, ୟୁନିଟ୍-୯ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଟୁର୍ଣ୍ଣାମେଣ୍ଟଟି ଲଙ୍ଗ୍ ବାଉଣ୍ଡ୍ରୀ, କଲର ଡ୍ରେସ୍ ଏବଂ ୱେଟ୍ ଟେନିସ୍ ବଲରେ ଖେଳ ହେବ। ଉକ୍ତ ପ୍ରତିଯୋଗିତାରେ ସର୍ବାଧିକ ୧୨ଟି ପୁରୁଷ ଦଳ (ଫାଷ୍ଟ କମ୍ ଫାଷ୍ଟ ସର୍ଭିସ୍) ଅଂଶ ଗ୍ରହଣ କରିବେ। ଅଧିକ ସୂଚନା ପାଇଁ ଓଡ଼ିଶା ସେକ୍ରେଟେରିଏଟ୍ କ୍ରିକେଟ୍ ଆସୋସିଏସନର କାର୍ଯ୍ୟକାରୀ ସଭାପତି, ଶଶାଙ୍କ ମହାପାତ୍ର (୭୯୭୮୮୭୮୭୯୦), ଉପସଭାପତି ତରୁଣ ଚନ୍ଦ୍ର ପାଲ (୯୮୬୧୦୮୬୦୬୦), ସାଧାରଣ ସମ୍ପାଦକ ସଂଜୀବ କୁମାର ମିଶ୍ର (୭୦୦୮୩୪୮୨୫୬) ଏବଂ କ୍ରୀଡ଼ା ନିର୍ଦ୍ଦେଶକ, ଅବିନାଶ ଖଣ୍ଡୁଆଳ (୯୪୩୮୧୦୨୫୩୮)ଙ୍କୁ ଯୋଗାଯୋଗ କରିପାରିବେ ବୋଲି ଆସୋସିଏସନ୍ର ସାଧାରଣ ସମ୍ପାଦକ ସଂଜୀବ କୁମାର ମିଶ୍ର ଜଣାଇଛନ୍ତି।

# ସିଏସ୍‌କେ-ଆରସିବି ମ୍ୟାଚ୍ ପାଇଁ ଟିକେଟ୍ ବୁକିଂ ଆରମ୍ଭ

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୪ର ପ୍ରଥମ ମ୍ୟାଚ୍ ପାଇଁ ଟିକେଟ୍ ବୁକିଂ ଆରମ୍ଭ ହୋଇଛି। ଏହି ସିଜିନର ପ୍ରଥମ ମ୍ୟାଚ୍ ୨୨ ମାର୍ଚ୍ଚରେ ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଖେଳାଯିବ। ମାର୍ଚ୍ଚ ୨୨ରେ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଏହି ସିଜିନର ଉଦ୍‌ଘାଟନୀ ସମାରୋହ ମଧ୍ୟ ଅନୁଷ୍ଠିତ ହେବ। ସିଏସ୍‌କେ ଏବଂ ଆରସିବି ମ୍ୟାଚ୍ ପାଇଁ ସବୁଠାରୁ ଶସ୍ତା ଟିକେଟ ୧୭୦୦ ଟଙ୍କା। କିନ୍ତୁ ଏହାକୁ କିଣିବା ପାଇଁ ଆପଣଙ୍କୁ ବହୁତ ସମୟ ଅପେକ୍ଷା କରିବାକୁ ପଡ଼ିପାରେ। ଅନ୍‌ଲାଇନ୍‌ରେ ଟିକେଟ କିଣୁଥିବା ଲୋକଙ୍କ ସଂଖ୍ୟା ବହୁତ ଅଧିକ।

ସିଏସ୍‌କେ ଏବଂ ଆରସିବି ମ୍ୟାଚ୍ ପାଇଁ ଟିକେଟ୍ ଆପଣ ଅନଲାଇନରେ କିଣିପାରିବେ। ଏଥିପାଇଁ ଆପଣ ପେଟିଏମ୍ ଇନସାଇଡର୍ ପରିଦର୍ଶନ କରିପାରନ୍ତି କିମ୍ବା ବୁକ୍ ମାଇଁ ଶୋ'ରୁ କରିପାରିବେ। ଚେନ୍ନାଇର ଏମ୍ ଚିଡ୍ଡାସ୍ୱାମୀ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ତେଣୁ ୧୭୦୦ଟଙ୍କା ଟିକେଟ୍ ସି ଲୋୟର, ଡି ଲୋୟର ଏବଂ ଇ ଲୋୟର ବିଭାଗର ହେବ। ତେବେ ଏହି ତିନୋଟି ବିଭାଗ ପାଇଁ ୧୭୦୦ରୁ ୪୫୦୦ ଟଙ୍କା ପର୍ଯ୍ୟନ୍ତ ଟିକେଟ ଉପଲବ୍ଧ ହେବ। କେଉଁ ଟିକେଟ୍ ପାଇବ ତାହା ମୂଲ୍ୟ ଉପରେ ନିର୍ଭର କରିବ।

ଟିକେଟର ଦ୍ୱିତୀୟ ପ୍ରାଇସ୍ ରେଞ୍ଜ ୪୦୦୦ରୁ ୭୫୦୦ଟଙ୍କା ଏହା ଉପର ସି, ଡି, ଇ ଏବଂ ଆଇ, ଜେ, କେ ବିଭାଗଗୁଡିକର ଅଟେ। ଏହା ବ୍ୟତୀତ ଭିଭିଆଇପି ଟିକେଟ୍ ମଧ୍ୟ ଅଛି। କିନ୍ତୁ ସେଗୁଡ଼ିକ ଆଉ ଉପଲବ୍ଧ ନାହିଁ। ପେଟିଏମ ଇନସାଇଡର୍ ଅନୁଯାୟୀ ଜଣେ ବ୍ୟକ୍ତି ଦୁଇଟିରୁ ଅଧିକ ଟିକେଟ କିଣି ପାରିବେନାହିଁ। ଅନ୍ୟପଟେ ବୁକ୍ ମାଇଁ ଶୋ ଟିକେଟ୍ ବୁକିଂ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେଇଛି।

## ସାଧାରଣ ନିର୍ବାଚନ ଆଚରଣ ବିଧି ଓ ପ୍ରସ୍ତୁତି ନେଇ ଜିଲ୍ଲାପାଳଙ୍କ ପ୍ରେସ୍ ମିଟ୍

# ନବରଙ୍ଗପୁର ଜିଲ୍ଲାରେ ୮,୫୦.୭୮୫ ଭୋଟର ମତଦାନ କରିବେ

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ନିର୍ବାଚନ ଆୟୋଗଙ୍କ ଦ୍ୱାର ନିର୍ବାଚନ ତାରିଖ ଘୋଷଣା ଓ ଆଚରଣ ବିଧି ଲାଗୁ ହେଲା ପରେ ନବରଙ୍ଗପୁର ଜିଲ୍ଲାରେ ନିର୍ବାଚନ ଆଚରଣ ବିଧି ଅନୁଯାୟୀ କିପରି ସ୍ୱଚ୍ଛ, ଅବାଧ ନିର୍ବାଚନ ହେବ ସେ ନେଇ ପ୍ରଶାସନ ତତ୍ପର ହୋଇଉଠିଛି। ଚଳିତ ବର୍ଷ ଓଡ଼ିଶାରେ ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ କିପରି ନିର୍ବାଚନକୁ ସୁଚାରୁରୂପେ ପରିଚାଳନା କରିହେବ ସେ ନେଇ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ଥିବା ସମ୍ପର୍କରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ସୂଚନା ଦେଇଛନ୍ତି। ନିର୍ବାଚନ ପ୍ରସ୍ତୁତି ଓ ପରିଚାଳନା ସମ୍ବନ୍ଧରେ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ନେଇ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଡେପୁଟି କଲେକ୍ଟର ନିର୍ବାଚନ ବିଭାଗ ପି. ମନସ୍ମିତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ମେ' ୧୩ ତାରିଖ ଦିନ ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର, ଡାବୁଗାଁ, ଉମରକୋଟ, ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀ ସହ ନବରଙ୍ଗପୁର ଲୋକସଭା ଆସନ ପାଇଁ ୮ ଲକ୍ଷ ୫୦ ହଜାର ୭୮୫ ଜଣ ଭୋଟର ମତଦାନ କରିବେ। ସେଥିମଧ୍ୟରୁ ମହିଳା ଭୋଟର ସଂଖ୍ୟା ୪୩୦୧୧୭, ପୁରୁଷ ଭୋଟର ୪୨୦୬୦୯ ଥିବା ବେଳେ ତୃତୀୟ ଲିଙ୍ଗ ଭୋଟର ୫୯ ଜଣ ରହିଛନ୍ତି। ଚଳିତ ନିର୍ବାଚନରେ ଜିଲ୍ଲାରେ ୨୦ ହଜାର ୯୩୯ ଜଣ ନୂତନ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ଜିଲ୍ଲାରେ ୪ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ପାଇଁ ମୋଟ୍ ୯୯୩ଟି ବୁଥ୍ କରାଯାଇଛି। ନିର୍ବାଚନକୁ ସୁରୁଖୁରରେ ପରିଚାଳନା କରିବା ପାଇଁ ପ୍ରତି ବୁଥ୍‌ରେ ଜଣେ ପ୍ରିଜାଇଡିଂ ଅଫିସର, ୫ ଜଣ ପୁଲିଂ ଅଫିସର ଏବଂ ୧୧ କର୍ମଚାରୀ ନିୟୋଜିତ ହେବେ। ଜିଲ୍ଲାର ୪ଟି ନିର୍ବାଚନ ମଣ୍ଡଳୀରେ ୧୫ ୯୨୮ ଜଣ କର୍ମଚାରୀ ନିୟୋଜିତ ହେବେ। ଚଳିତ ନିର୍ବାଚନରେ ପୋଷ୍ଟାଲ ବାଲେଟକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ନବରଙ୍ଗପୁର ଜିଲ୍ଲାରେ ୧୨ଟି ସଖୀ ବୁଥ୍, ୧୨ ଟିପିଡବ୍ଲ୍ୟୁଡି ବୁଥ୍, ୨୦ଟି ଯୁବ ବୁଥ୍, ଏକୋ ଫ୍ରେଣ୍ଡଲି ୧୪୦ ବୁଥ୍, ଅନ୍ୟ ଥିମ ଉପରେ ୧୦ ବୁଥ କରିବା ପାଇଁ ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇ ଅଛି। ସ୍ୱଚ୍ଛ, ଅବାଧ ନିର୍ବାଚନ ପରିଚାଳନା ସହ ସୋସିଆଲ ମିଡିଆ ଉପରେ ସତର୍କ ନଜର ରଖାଯିବ ବୋଲି ଜିଲ୍ଲାପାଳ ଡଃ ମିଶ୍ର ପ୍ରକାଶ କରିଛନ୍ତି ହିଂସାମୁକ୍ତ ନିର୍ବାଚନ ପରିଚାଳନା କରିବା ପାଇଁ ପୋଲିସ ପ୍ରଶାସନ ସଜାଗ ରହିଛନ୍ତି। ନିର୍ବାଚନ ସମୟରେ ଆନ୍ତଃରାଜ୍ୟ ଏବଂ ଆନ୍ତଃଜିଲ୍ଲା ସୀମାନ୍ତ ଉପର ଜିଲ୍ଲାରେ ଥିବା ବୁଥ୍‌ରେ କିପରି ସ୍ୱଚ୍ଛ ଓ ଅବାଧ ନିର୍ବାଚନ ହେବ ସେ ନେଇ ପୋଲିସ ପ୍ରଶାସନ ସଜାଗ ରହିଛନ୍ତି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ନିର୍ବାଚନ ସମୟରେ ଜିଲ୍ଲାରେ ୯ଟି ଫ୍ଲାଇଂଙ୍ଗ ସ୍କ୍ୱାର୍ଡ ନିୟୋଜିତ ହେବେ। ଆନ୍ତଃରାଜ୍ୟ ଏବଂ ଆନ୍ତଃଜିଲ୍ଲା ସୀମାରେ ପୋଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯିବ। ସ୍ୱଚ୍ଛ, ଅବାଧ ନିର୍ବାଚନ ପରିଚାଳନାରେ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବାରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି ବୋଲି ଜିଲ୍ଲାପାଳ କହିଥିଲେ। ସାଧାରଣ ନିର୍ବାଚନକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପ୍ରଶାସନ ତରଫରୁ ବିଭିନ୍ନ ଟିମ୍ ଗଠନ କରାଯାଇ ବିଭାଗୀୟ ଅଧିକାରୀମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୭୧୪୦ ଜଣ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କୁ ନିର୍ବାଚନ ପରିଚାଳନା ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଛି।

# ମହିଳା ଚା' ଦୋକାନୀକୁ ଅଶ୍ଳୀଳ ଇଙ୍ଗିତ ଥାନାରେ ମାମଲା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରାଞ୍ଚଳର କେଶପୁର ବଜାର ଓ ଭଗବାନପୁର ସଂଲଗ୍ନ ଲଜିଂ ଛକ ଠାରେ ଚା' ଦୋକାନ କରି ପରିବାର ଚଳାଉଥିବା ଜଣେ ଅସହାୟ ଗରିବ ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ, ଗାଳିଗୁଲଜ, ଜୀବନରେ ମାରି ଦେବାକୁ ଧମକ ଦେଇଥିବା ନେଇ ଗୋପ ଗ୍ରାମର ଜଣେ ଯୁବକଙ୍କ ନାମରେ ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗୋପାଳପୁର ଗ୍ରାମର ଏହି ମହିଳା ଜଣକ ଗୁଜୁରାଣ ମେଣ୍ଟାଇବା ପାଇଁ ଚାହା ଦୋକାନ କରିବା ସହ ଗୋପ ଗ୍ରାମର ବାବାଜୀ ଚରଣ ନାୟକଙ୍କ ଘରେ ଭଡ଼ାରେ ରହି ପିଲାମାନଙ୍କୁ ପାଠ ପଢାଉଛନ୍ତି। ତେବେ ବାବାଜୀ ଚରଣ ନାୟକ ବିଭିନ୍ନ ସମୟରେ ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ ଓ ଭାଷା ପ୍ରୟୋଗ କରି ନିର୍ଯାତନା ଦେବାରୁ ସେ ଘର ଛାଡ଼ି ଅନ୍ୟତ୍ର ରହୁଛନ୍ତି। ବାରମ୍ବାର ଏହିଭଳି ନିର୍ଯ୍ୟାତନାରେ ଅତିଷ୍ଠ ହୋଇ ମହିଳା ଜଣକ ନିଜର ଓ ପରିବାରର ସୁରକ୍ଷା ପାଇଁ ଟାଉନ ଥାନାରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ନିର୍ବାଚନ ପାଇଁ ରାଜନୈତିକ ଦଳଗୁଡ଼ିକ ସହ ଜିଲ୍ଲାପ୍ରଶାସନର ବୈଠକ

**ବାଲେଶ୍ୱର, ନ୍ୟୁଜ୍**

ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୀଷ ଠାକରେଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷଠାରେ ସାଧାରଣ ନିର୍ବାଚନ ୨୦୨୪ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ଅତିରିକ୍ତ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଓ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ବୈଠକରେ ଜିଲ୍ଲାପାଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାବ୍ୟତୀତ ନିର୍ବାଚନ ଦୁର୍ନୀତି ରୋକିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗର ମହତ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତ ଅଂଶୀଦାରମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ ଅନୁରୋଧ କରିଥିଲେ। ଏହା ବ୍ୟତୀତ ରାଜନୈତିକ ଦଳର ପ୍ରତିନିଧିମାନେ ନିର୍ବାଚନ ପ୍ରକ୍ରିୟାରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଆହ୍ୱାନର ମୁକାବିଲା କରିବା ଲାଗି ଗଠନମୂଳକ ଆଲୋଚନା, ବିଚାରର ଆଦାନ ପ୍ରଦାନ ଏବଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳଙ୍କ ଦ୍ୱାରା ପ୍ରଦର୍ଶିତ ସହଯୋଗର ମନୋଭାବକୁ ପ୍ରଶଂସା କରିବା ସହ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସଫଳ କରିବା ପାଇଁ ସମସ୍ତଙ୍କର ମିଳିତ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ସକ୍ରିୟ ଅଂଶଗ୍ରହଣ କରିବା ସହ ଗଠନମୂଳକ ଯୋଗଦାନ ଦେଇଥିବାରୁ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନାଥ ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନର ବିଭିନ୍ନ ଦିଗ ଯଥା କର୍ମଚାରୀ ମୁତୟନ, ଜନଗହଳି ପରିଚାଳନା, ସର୍ଭେଲାନ୍ସ ବ୍ୟବସ୍ଥା, ନିର୍ବାଚନରେ ହେଉଥିବା ଅନିୟମିତତାକୁ ରୋକିବା ଉପରେ ଆଲୋଚନା ହୋଇଥିଲା। ସମ୍ବେଦନଶୀଳ ଅଞ୍ଚଳରେ ପୁଲିସର ଉପସ୍ଥିତିକୁ ଅଧିକରୁ ଅଧିକ କରିବା, ଶାନ୍ତିପୂର୍ଣ୍ଣ ଭାବେ ରାଲି ଓ ସାଧାରଣ ସଭା ଆୟୋଜନ କରିବା ଏବଂ କୌଣସି ପ୍ରକାର ବିଶୃଙ୍ଖଳା କିମ୍ବା ବେଆଇନ ଘଟଣାକୁ ରୋକିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିବା ପ୍ରକାଶ କରିଥିଲେ ଶ୍ରୀମତୀ ନାଥ। ପରିଶେଷରେ ଶ୍ରୀ ଠାକ୍‌ରେ ଉପସ୍ଥିତ ସମସ୍ତ ରାଜନେତା ଏବଂ ଅଧିକାରୀଗଣଙ୍କୁ ଆଗାମୀ ନିର୍ବାଚନ ସ୍ୱଚ୍ଛ ଓ ଶାନ୍ତି ପୂର୍ଣ୍ଣ ଭାବରେ ସମ୍ପାଦନା କରିବାପାଇଁ ପରାମର୍ଶ ଦେଇଥିଲେ ଏବଂ ନିର୍ବାଚନକୁ ସ୍ୱଚ୍ଛ ଭାବେ ସମ୍ପାଦନା କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳରୁ ଉମାକାନ୍ତ ମହାପାତ୍ର (ବିଜେପି), ପ୍ରେମରଞ୍ଜନ ପାତ୍ର (ସିପିଆଇ(ଏମ)), ଗୋପୀନାଥ ପାଢ଼ୀ (ଆଇଏନସି) ଓ ସନତ କୁମାର ଦାସ (ବିଜେଡି) ପ୍ରମୁଖ ଉପସ୍ଥିତ ଥିଲେ।



# ଆଇସିଏମ୍ଆଇ ଭୁବନେଶ୍ୱର ଚାପ୍ଟରକୁ ୨୩ତମ ଶ୍ରେଷ୍ଠ ପୁରସ୍କାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଇନ୍ଦୋର ଠାରେ ଆୟୋଜିତ ନ୍ୟାଶନାଲ ରିଜିଓନାଲ କାଉନ୍ସିଲ ଆଣ୍ଡ୍ ଚାପ୍ଟର୍ସ ମିଟ୍‌ରେ ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଟ୍ସ ଅଫ ଇଣ୍ଡିଆ (ଆଇସିଏମ୍ଏଆଇ) ଭୁବନେଶ୍ୱର ଚାପ୍ଟରକୁ ଏହାର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ 'ସର୍ବଶ୍ରେଷ୍ଠ ଚାପ୍ଟର୍ସ ପୁରସ୍କାର' ପ୍ରଦାନ କରାଯାଇଛି । ଆଇସିଏମ୍ଏଆଇକୁ କ୍ରମାଗତ ଭାବେ ୨୩ଥର ଧରି ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି । ସିଏମ୍ ସୂର୍ଯ୍ୟନାରାୟଣ ତ୍ରିପାଠୀ, ଚେୟାରମ୍ୟାନ୍, ସିଏମ୍ ରମେଶ ଚନ୍ଦ୍ର ପାତ୍ର, ସେକ୍ରେଟାରୀ



ଏହି ପୁରସ୍କାରକୁ ଆଇସିଏମ୍ଆଇର କାଉନସିଲ ସଦସ୍ୟ, ସିଏମ୍ ଦାମୋଦର ମିଶ୍ର, କୋଷାଧକ୍ଷ, ଇଆଇଆରସି ଏବଂ ଆଇସିଏମ୍ଆଇ-ଇଆଇଆରସିର ଅନ୍ୟାନ୍ୟ ଆଞ୍ଚଳିକ ପରିଷଦ ସଦସ୍ୟଙ୍କ ଉପସ୍ଥିତିରେ ଗ୍ରହଣ କରିଥିଲେ । ଏହି ଅବସରରେ ଚେୟାରମ୍ୟାନ ଏବଂ ସେକ୍ରେଟାରୀ, ମ୍ୟାନେଜିଂ କମିଟି ସଦସ୍ୟ, ଫାଉଣ୍ଡର ସଦସ୍ୟ, ସଦସ୍ୟ, ଫାକଲ୍ଟି, ଛାତ୍ରଛାତ୍ରୀ, ଚାପ୍ଟରର ଷ୍ଟାଫ୍ ଏବଂ ହିତାଧିକାରୀଙ୍କ ସମର୍ଥନ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି । ସିଏସ୍ଏ ବୃତ୍ତିଗତ ପାଠ୍ୟକ୍ରମରେ ଅଧିକ ଉନ୍ନତି ଆଣିବା ପାଇଁ ଭବିଷ୍ୟତରେ ଭୁବନେଶ୍ୱର ଚାପ୍ଟର ଏହି ସମାନସ୍ତରର ଉତ୍ସର୍ଗୀକୃତତା ବଜାୟ ରଖିବ ବୋଲି ପ୍ରକାଶ କରାଯାଇଥିଲା ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଶିଳ୍ପ ନିରାପତ୍ତା ତାଲିମ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**




ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଓଡ଼ିଶାର ଝାରସୁଗୁଡ଼ାର ପରିଚାଳନାରେ ଓଡ଼ିଶାର କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ସହଯୋଗରେ ଏକ ବ୍ୟାପକ ଏକଦିବସୀୟ ଶିଳ୍ପ ନିରାପତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିଛି । ଶ୍ରମ ଓ ଇଏସଆଇ, ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ଏହି ପ୍ରୟାସ ରାଜ୍ୟରେ ଥିବା ବିଭିନ୍ନ ଶିଳ୍ପାଞ୍ଚଳରେ ବିସ୍ତାରିତ ଯାହା ଏକ ଦୃଢ ନିରାପତା ସଂସ୍କୃତି ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବାରେ ସହାୟକ ହେବ । ଏହି ତାଲିମ କାର୍ଯ୍ୟକ୍ରମକୁ ଶ୍ରୀ ଆର.ଏସ.ଗୋପାଳନ, ଆଇଏଏସ ଆୟୋଗ ତଥା ସଚିବ, ଶ୍ରମ ଓଇଏସଆଇ ବିଭାଗ, ଓଡ଼ିଶା ସରକାରଙ୍କ ସହିତ ଓଡ଼ିଶାର କାରଖାନା ତଥା ବାଷ୍ପିତ୍ର ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଡ. ମଳୟ କୁମାର ପ୍ରଧାନ, ଶ୍ରୀ ସ୍ୱରୂପ ଜେନା କାରଖାନା ତଥା ବାଷ୍ପିତ୍ର, ସମ୍ବଲପୁର ଡିଭିଜନ, ଶ୍ରୀମତୀ ଅର୍ଚ୍ଚନା ଦାସ, ସହକାରୀ ନିର୍ଦ୍ଦେଶକ କାରଖାନା ତଥା ବାଷ୍ପିତ୍ର, ଉମାକାନ୍ତ ସାମନ୍ତରାୟ କାରଖାନା ତଥା ବାଷ୍ପିତ୍ର, ସମ୍ବଲପୁର ଭର୍ଚ୍ୟୁଆଲି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଗୁଣବତା ଓ ପରିବେଶ ପ୍ରବନ୍ଧନ ସେବା ପ୍ରା.ଲିର ବିଶେଷଜ୍ଞ ପ୍ରଶିକ୍ଷକଙ୍କ ନେତୃତ୍ୱରେ ତାଲିମ ପରିଚାଳିତ ହୋଇଥିଲା । ପଶ୍ଚିମ ଓଡ଼ିଶାରୁ ୪୦୦ରୁ ଅଧିକ ଶିଳ୍ପ ସଂସ୍ଥାର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବେଦାନ୍ତର ସୁରକ୍ଷା ସଂସ୍କୃତି ଉପରେ ମତ ଦେଇ ସୁନୀଲ ଗୁପ୍ତା, ସିଓଓ, ଆଲୁମିନିୟମ ବିଜିନେସ କହିଛନ୍ତି ଯେ ଆମର କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ହେଉଛି ଆମର ସର୍ବୋଚ୍ଚ ପ୍ରାଥମିକତା । କାର୍ଯ୍ୟକ୍ରମର ଉତ୍କର୍ଷତା ବଜାୟ ରଖିବା ପାଇଁ ଆମେ କର୍ମଚାରୀଙ୍କ ସୁରକ୍ଷା ତାଲିମକୁ ବିସ୍ତାର କରିବାକୁ ପ୍ରତିଶ୍ରୁତିବଦ୍ଧ । ଏହି ଶିଳ୍ପ ସୁରକ୍ଷା ତାଲିମ ଜରିଆରେ ଆମେ ଉନ୍ନତ କର୍ମ ସଂସ୍କୃତି ପ୍ରତିପାଦନ କରିବାକୁ ଚେଷ୍ଟା କରୁ । ଶ୍ରୀ ଆର.ଏସ .ଗୋପାଳନ, ଆଇଏଏସ ଆୟୋଗ ତଥା ସଚିବ, ଶ୍ରମ ଓ ଇଏସଆଇ ବିଭାଗ, ଓଡ଼ିଶା ସରକାର କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ କହିଥିଲେ ଯେ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ଏହି ଅଭ୍ୟାସକୁ ଯୋଡ଼ିବା ଓ ଉପଯୁକ୍ତ ପ୍ରଦର୍ଶନ ପ୍ରତିପାଦନ କରିବା ଦିଗରେ ଏହି ତାଲିମ ସହାୟକ ହେବ । ଅଂଶଗ୍ରହଣକାରୀଙ୍କ ଯୋଗଦାନ ଦ୍ୱାରା ସେମାନଙ୍କ ଶିଳ୍ପ କ୍ଷେତ୍ରରେ ଉତ୍କର୍ଷତା ବୃଦ୍ଧି ପାଇବ । ବେଦାନ୍ତ ପକ୍ଷରୁ ଏହି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ମୁଁ ବେଦାନ୍ତକୁ କୃତଜ୍ଞତା ଜଣାଉଛି ।

# ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ଏବଂ ରାଜ୍ୟ ସଶସ୍ତ୍ର ବାହିନୀ ମୁତୟନ ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ (ସିଏପିଏଫ୍) ଏବଂ ରାଜ୍ୟ ସଶସ୍ତ୍ର ବାହିନୀ(ଏସ୍ଏପିଏଫ୍) ମୁତୟନ ସଂପର୍କରେଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନା, ରାଜ୍ୟ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂ,ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ନିକୁଞ୍ଜ ବିହାରୀ ଧଳ, ଅତିରିକ୍ତ ନିର୍ବାଚନ ଅଧିକାରୀ ଡଃ. ଏନ୍.ଥିରୁମାଳା ନାଏକ, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ପୋଲିସ୍ ପ୍ରଶାସନର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବିଭିନ୍ନ ପର୍ଯ୍ୟାୟରେ ଓଡିଶାରେ ହେବାକୁ ଥିବା ସାଧାରଣ ନିର୍ବାଚନ-୨୦୨୪ପରିପ୍ରେକ୍ଷୀରେ ଜିଲ୍ଲାଗୁଡିକରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୁଲିସ୍ ମୁତୟନ କିପରି ରହିବ, ସେ ସଂପର୍କରେ ବୈଠକରେ ବିଶଦ୍ ଆଲୋଚନା କରାଯାଇଛି । ଇଭିଏମ୍ କମିଶନିଂ ଠାରୁ ଆରମ୍ଭ କରିଷ୍ଟ୍ରଙ୍ଗ୍ ରୁମରେ କଡା ସୁରକ୍ଷା ବ୍ୟବସ୍ଥାଏବଂ ମତଦାନ ଦିବସଗୁଡ଼ିକରେ ନିର୍ବାଚନ ଯେପରି ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବ, ସେଥିପାଇଁ ପୋଲିସ୍ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା ଗ୍ରହଣ ନେଇ ବୈଠକରେ ଆଲୋଚନା କରାଯାଇଥିଲା ।

# ଜେଏସ୍‌ପି ଫାଉଣ୍ଡେସନ ପକ୍ଷରୁ ଟ୍ରକ୍ ଚାଳକମାନଙ୍କ ପାଇଁ ମାଗଣା ଚକ୍ଷୁ ଶିବିର ଓ ଚଷମା ବଣ୍ଟନ

**ଯୋଡ଼ା/ବଡ଼ବିଲ, ନ୍ୟୁଜ ବ୍ୟୁରୋ**

ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର୍ (ଜେଏସପି) ଅଧିନସ୍ଥ କାସିଆ ଆଇରନ୍ ଏଣ୍ଡ ଡୋଲାମାଇଟ୍ ଖଣି ଠାରେ, କମ୍ପାନୀର ମୁଖ୍ୟ ନବୀନ ଜିନ୍ଦଲଙ୍କ ଜନ୍ମ ଦିନରେ ଜେଏସପିର ସାମାଜିକ ସଂସ୍ଥା, ଜେଏସପି ଫାଉଣ୍ଡେସନ ଓ ଏଲ.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ସହଭାଗିତାରେ ଟ୍ରକ ଚାଳକମାନଙ୍କ ନିମନ୍ତେ ଏକ ମାଗଣା ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ କରାଯାଇ ସେମାନଙ୍କୁ ଚଷମା ବଣ୍ଟନ କରାଯାଇଥିଲା । ଉକ୍ତ ଶିବିରଟି ଏଲ.ଭି. ପ୍ରସାଦର ଅଭିଜ୍ଞ ଡାକ୍ତର ଓ ଟେକନିସିଆନମାନଙ୍କ ଦ୍ୱାରା ପରିଚାଳିତ



ହୋଇଥିଲା । କର୍ମଜୀବୀ ଟ୍ରକ ଚାଳକମାନେ ସଡ଼କରେ ଦିନ-ରାତି ଟ୍ରକ ଚଳାଇବା ଯୋଗୁଁ ପ୍ରଦୂଷଣ ଓ ଅନ୍ୟାନ୍ୟ ବିଭିନ୍ନ କାରଣ ଯୋଗୁଁ ସେମାନଙ୍କ ଆଖିରେ ଅନେକ ସମସ୍ୟା ଦେଖାଦେଇଥାଏ । ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଅନେକ ଧନ ଜୀବନ ହାନି ହୋଇଥାଏ । ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଜେଏସପି ଫାଉଣ୍ଡେସନ ଦ୍ୱାରା ଉକ୍ତ ଶିବିର ଆୟୋଜିତ କରିଥିଲା । ଏହି ଶିବିରରେ ୨୪୪ ଜଣ ଟ୍ରକ ଚାଳକଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୮୭ ଜଣଙ୍କର ଚକ୍ଷୁ ଜନିତ ସମସ୍ୟା ନିରୁପିତ ହେବାପରେ ସେମାନଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ, ସୁନୀଲ କୁମାର ଦତ୍ତ, ଭଦ୍ରାସାହି ଓ ଗୁଆଲି ଟ୍ରକ ମାଲିକ ସଂଘର ସଭାପତି, ରଘୁରାଜ ରଘୁବଂଶୀ (ଭାର-ପ୍ରାପ୍ତ ୟୁନିଟ୍ ମୁଖ୍ୟ) କାସିଆ ଆଇରନ୍ ମାଇନ୍ସ,, କମ୍ପାନୀର ମାନବ ସମ୍ବଳ ମୁଖ୍ୟ, ଆଶିଷ ରଞ୍ଜନ ମହାନ୍ତି ଓ ଜେଏସପି ଫାଉଣ୍ଡେସନର ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୫ମ ଥର ପାଇଁ ...

ଭୋଟ୍। ନିର୍ବାଚନରେ ପୁଟିନଙ୍କ ବିଜୟ ଦେଶର ରାଜନୈତିକ ବ୍ୟବସ୍ଥା ଉପରେ ତାଙ୍କର ନିୟନ୍ତ୍ରଣକୁ ଦର୍ଶାଉଛି । ପୁଟିନଙ୍କ ନିକଟରେ ମାତ୍ର ୩ ଜଣ ନାମମାତ୍ର ପ୍ରାର୍ଥୀ ଥିଲେ। ୟୁକ୍ରେନ ଯୁଦ୍ଧକୁ ବିରୋଧ କରୁଥିବା କାହାରିକୁ ପୁଟିନଙ୍କ ବିରୋଧରେ ଲଢ଼ିବାକୁ ଅନୁମତି ଦିଆଯାଇନଥିଲା।

## ବଣ୍ଡ ନମ୍ବର ସହ...

ନମ୍ବରଗୁଡ଼ିକ ସାମ୍ନାକୁ ଆସିଲେ ବଣ୍ଡ କ୍ରେତାମାନେ କେଉଁ ଦଳକୁ କେତେ ଟଙ୍କା ଚାନ୍ଦା ଆକାରରେ ଦେଇଛନ୍ତି ତାହା ସ୍ପଷ୍ଟ ହୋଇଯିବ। ଏହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏସ୍‌ବିଆଇ ଦାଖଲ କରିନାହିଁ, ଯାହାକି ସାର୍ବଜନୀନ ହେବା ଜରୁରୀ ବୋଲି ସିଜେଆଇ କହିଛନ୍ତି। ପ୍ରକାଶ ଯେ, ମାର୍ଚ୍ଚ ୧୧ ରାୟର ମୁଖ୍ୟାଂଶରେ ପରିବର୍ତ୍ତନ ପାଇଁ ନିର୍ବାଚନ କମିଶନ ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିଥିଲେ। ଏସ୍‌ବିଆଇ ଦାଖଲ କରିଥିବା ତଥ୍ୟ ଜଉମୁଦ ଲଫାଫାରେ ଥିଲା। ଇସି ନିଜ ପାଖରେ ଏହାର କପି ରଖି ନ ଥିବା ଉକ୍ତ ପିଟିସନରେ ଦର୍ଶାଇଥିଲେ। ଏହାର ଶୁଣାଣି ବେଳେ ସାମ୍ବିଧାନିକ ପୀଠ ଉପରୋକ୍ତ ରାୟ ଦେଇଛନ୍ତି।

## ତୃତୀୟ ବିଶ୍ୱ ...

ସବୁଠୁ ଅଧିକ ସମୟ ଧରି ଶାସନରେ ରହିଥିବା ଜୋସେଫ ଷ୍ଟାଲିନଙ୍କୁ ପଛରେ ପକାଇ ଦେଇଛନ୍ତି । ନିର୍ବାଚନରେ ଦ୍ୱିତୀୟ ସର୍ବାଧିକ ଭୋଟ ପାଇଥିବା କମ୍ୟୁନିଷ୍ଟ ପ୍ରାର୍ଥୀ ନିକୋଲାଇ ଖାରର୍ଟିନୋଭ ମାତ୍ର ୪ ପ୍ରତିଶତ ଭୋଟ ପାଇଛନ୍ତି।

## ମଙ୍ଗଳବାର, ...

ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଅନୁଗୋଳ, ସୋନପୁର, ବୌଦ୍ଧ, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାର କେତେକ ସ୍ଥାନରେ କୁଆପଥର ବର୍ଷା ଏବଂ ବଜ୍ରପାତ ସହ ଘଡ଼ଘଡ଼ି ହୋଇପାରେ । ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୪୫ରୁ ୫୫ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ସମ୍ବଲପୁର,ଝାରସୁଗୁଡ଼ା, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ବଜ୍ରପାତ ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ବୁଧବାର ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହାଛଡ଼ା କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, କନ୍ଧମାଳ, ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ଏବଂ ଘଡ଼ଘଡ଼ି ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବୋହିବ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

ସେହିପରି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ବଜ୍ରପାତ ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି । ସେହି ସମୟରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୨୧ ତାରିଖରୁ ପାଗର ପରିବର୍ତ୍ତନ ହେବ। ୨୨ ତାରିଖରୁ ପାଗ ସମ୍ପୂର୍ଣ୍ଣଶୁଖିଲା ରହିବ। ବର୍ଷା ପ୍ରଭାବରେ ତାପମାତ୍ରା ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ଖସିବାର ସମ୍ଭାବନା ରହିଛି । ବର୍ଷାକୁ ଲକ୍ଷ୍ୟ କରି ଚାଷୀମାନଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି। କୁଆପଥରରୁ ରକ୍ଷା ପାଇବା ପାଇଁ ଜାଲି ବ୍ୟବହାର କରିବାକୁ ଚାଷୀ ଭାଇମାନଙ୍କୁ ପରାମର୍ଶ ଦିଆଯାଇଛି।

## ନିର୍ବାଚନ ପାଇଁ ...

ଅଭିଯାନ । ଏକ ମାସ ଭିତରେ ପ୍ରସ୍ତୁତ ହେବ ଖସଡ଼ା। ତୃଣମୂଳସ୍ତରରେ ଅଧିକ ଶକ୍ତିଶାଳୀ ହେବ ସଂଗଠନ । ନିର୍ବାଚନ ତାରିଖ ଘୋଷଣା ପରେ ତୃଣମୂଳସ୍ତରରେ ସଂଗଠନକୁ ଅଧିକ ଚଳଚଞ୍ଚଳ କରିଛି ବିଜୁ ଜନତା ଦଳ। ସବୁ ନିର୍ବାଚନ ମଣ୍ଡଳୀରେ ଶକ୍ତି ବୃଦ୍ଧି କରିବା ସହ ସାଂଗଠନିକ ପ୍ରକ୍ରିୟାକୁ ବଢାଇବା ପାଇଁ ଦଳ ଫୋକସ କରିଛି । ଏନେଇ ନବୀନ ନିବାସରେ ଆରମ୍ଭ ହୋଇଛି ମାନସମନ୍ଥନ । ପୁରୀ ସଂସଦୀୟ କ୍ଷେତ୍ରରେ ବିଜେଡ଼ିର ସାଙ୍ଗଠନିକ ସ୍ଥିତି ଅଭିଯାନ ଆରମ୍ଭ ହୋଇଛି । ପୁରୀ ସଂସଦୀୟ କ୍ଷେତ୍ରରେ ବିଜେଡିର ସାଂଗଠନିକ ସ୍ଥିତିକୁ କିପରି ଅଧିକ ବୃଦ୍ଧି କରାଯିବ ଓ ଲୋକଙ୍କ ସହ ଅଧିକ ଯୋଡ଼ିହେବା ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପୁରୀ ନେତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣଙ୍କ ଅଧିକ ନିକଟତର ହୋଇ ମାସକ ଭିତରେ ଖସଡ଼ା ପ୍ରସ୍ତୁତ କରିବାକୁ ଦଳୀୟ ନେତାଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି।

ପୁରୀ ସଂସଦୀୟ କ୍ଷେତ୍ର ପାଇଁ ଅନୁଷ୍ଠିତ ବୈଠକରେ ପୁରୀ ଜିଲ୍ଲା ପର୍ଯ୍ୟବେକ୍ଷକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବରିଷ୍ଠ ବିଜେଡି ନେତା ସଞ୍ଜୟ ଦାସବର୍ମା, ସାଂସଦ ଶୁଭାଶୀଷ ଖୁଣ୍ଟିଆ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ସତ୍ୟବାଦୀ ବିଧାୟକ ଉମା ସାମନ୍ତରାୟ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ବିଜେଡ଼ି ନେତା ସୁନୀଲ ମହାନ୍ତି, ନୟାଗଡ଼ ବିଧାୟକ ଅରୁଣ ସାହୁ, ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ରବୀନ୍ଦ୍ର ଜେନା , ସାଂସଦ ମାନସ ମଙ୍ଗରାଜ, ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ସାମିଲ ହୋଇ ଦଳର ସାଂଗଠନିକ ସ୍ଥିତି ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଆଗାମୀ ନିର୍ବାଚନରେ ବିଜେଡି ରଣନୀତି ଉପରେ ମଧ ବୈଠକରେ ଆଲୋଚନା ହୋଇଥିଲା।

## କ୍ୟାପିଟାଲ ହସ୍ପିଟାଲ ...

ତରଫରୁ କ୍ୟାପିଟାଲ ହସ୍ପିଟାଲକୁ ସାମଗ୍ରିକ ଭାବେ ୮୮ ପ୍ରତିଶତ ମାର୍କ ଦେଇଥିଲା।

ଏନକ୍ୟୁଏଏସ୍ ସାର୍ଟିଫିକେଟ ଲାଗି କ୍ୟାପିଟାଲ ହସ୍ପିଟାଲକୁ ୭୦ ଲକ୍ଷ ଟଙ୍କାର ପୁରସ୍କାର ମିଳିଛି । ପ୍ରତି ବେଡ ପିଛା ୧୦ହଜାର ଲେଖାଏଁ ଅର୍ଥ ରାଶି ମିଳିବ। ଏହାର ୮୦ ପ୍ରତିଶତ ଅର୍ଥ ଆରକେଏସ ଯୋଜନାରେ ଖର୍ଚ୍ଚ କରାଯିବ। ଆଉ ୨୦ ପ୍ରତିଶତ ଅନ୍ୟ କ୍ଷେତ୍ରରେ ଖର୍ଚ୍ଚ କରାଯିବ। ଏହି ଅର୍ଥରେ ଭିତ୍ତିଭୂମି ଉନ୍ନତି କରାଯିବା ସହ ଡାକ୍ତର, ନର୍ସ ଓ କର୍ମଚାରୀଙ୍କୁ ଉତ୍ସାହିତ କରିବା ଲାଗି ପୁରସ୍କାର ଦିଆଯିବ। ହସ୍ପିଟାଲ ଏନକ୍ୟୁଏଏସ୍ ସାର୍ଟିଫିକେଟ ବ୍ୟତୀତ ଲକ୍ଷ୍ୟ ଓ କାୟାକଳ୍ପ ପୁରସ୍କାର ମଧ ହାସଲ କରିଛି।

ତେବେ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡ. ଲକ୍ଷ୍ମୀଧର ସାହୁଙ୍କ କହିବା ଅନୁସାରେ ହସ୍ପିଟାଲର ଏହିଭଳି ପ୍ରଦର୍ଶନର ଶ୍ରେୟ ସମ୍ପୂର୍ଣ୍ଣ ଭାବେ ସମସ୍ତ କର୍ମଚାରୀଙ୍କର । ଏହା ଆଗାମୀ ଦିନରେ କର୍ମଚାରୀଙ୍କୁ କାର୍ଯ୍ୟ କରିବାକୁ ଆହୁରି ଉତ୍ସାହ ଯୋଗାଇ ଦେବ। ବିଶେଷକରି ଡାକ୍ତର, ନର୍ସ ଓ କର୍ମଚାରୀଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯାଇଛି । ଏଥିରେ ଡାକ୍ତର, ନର୍ସ ଓ କର୍ମଚାରୀମାନେ ଭବିଷ୍ୟତରେ ରୋଗୀଙ୍କୁ ସେବା ଯୋଗାଇବାକୁ ଲକ୍ଷ୍ୟ ରଖିଛନ୍ତି।

## ସ୍ତ୍ରୀଙ୍କୁ ବାଇକରେ ...

ସାମ୍ବାଦିକ ଓ ତାଙ୍କ ସ୍ତ୍ରୀ ବାଇକରୁ ତଳକୁ ପଡ଼ି ଯାଇଥିଲେ । ସ୍ତ୍ରୀ ସୀମାଙ୍କୁ କମ ଆଘାତ ଲାଗିଥିବା ବେଳେ ଦୀପକ ଗୁଳିମାଡ଼ରେ ଗୁରୁତର ଆହତ ହୋଇଥିଲେ। ଦୀପକଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି।

ଏହାପରେ ଦୁର୍ବୃତ୍ତମାନେ ସେ ସ୍ଥାନ ଛାଡ଼ି ଚାଲି ଯାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିବା ସହିତ ଏକ ଫୁଟାଗୁଳିକୁ ଜବତ କରିଛି। ତେବେ ଦୁର୍ବୃତ୍ତମାନେ କିଏ, ସେମାନେ କେଉଁ କାରଣ ପାଇଁ ଦୀପକଙ୍କୁ ଗୁଳି କରିଛନ୍ତି ସେ ଦିଗରେ ତଦନ୍ତ କରୁଛି ପୁଲିସ।

## ଚନ୍ଦ୍ରରେ ଦୌଡ଼ିବ...

ଟ୍ରେନ ଏବଂ ଏକ ଆର୍ଟିଫିସିଆଲ ସ୍ପେସ ହାବିଟାଟ ଅର୍ଥାତ ବସତି ସ୍ଥାପନ କରାଯିବ।

ଏବେ ଗବେଷକ ଗ୍ଲାସ ନାମକ ଏକ ଲିଭିଂ ହାବିଟେଟ ସ୍ଥାପନ ପାଇଁ ନିଜର ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଏହା ଉଦ୍ଦେଶ୍ୟ ହ୍ୟୁମ୍ୟାନ ମସକ୍ୟୁଲୋସ୍କେଟଲ ସିଷ୍ଟମର କମ ଗୁରୁତ୍ୱାକର୍ଷଣ ଏବଂ ଶୂନ୍ୟ ଗୁରୁତ୍ୱାକର୍ଷଣ ସେଟିଂସରେ ହେଉଥିବା ଦୁର୍ବଳତାକୁ ରୋକା ଯାଇପାରିବ।

ଗ୍ଲାସ ଏକ କୃତ୍ରିମ ଗୁରୁତ୍ୱାକର୍ଷଣ ଏବଂ ପୃଥିବୀ ଭଳି ସ୍ଥିତି ସୃଷ୍ଟି କରୁଥିବା ପରିବେଶ ଏହା ଏକ ବଡ଼ କୋଠାଭଳି। ଏଠାରେ ମନୁଷ୍ୟର ରହିବା ଭଳି ନଦୀ, ଜଳ, ଏବଂ ପାର୍କ ଆଦି ସୁବିଧା ରହିଛି । ଏହା ଦେଖିବାକୁ ଓଲଟା କୋନ ଭଳି । ୨୦୫୦ ସୁଦ୍ଧା ୧୩୦୦ ଫୁଟ ଉଚ୍ଚ ଏବଂ ୩୨୮ ଫୁଟ ବ୍ୟାସ ବିଶିଷ୍ଟ ଏକକୋନିକାଲ କୋଠା ନିର୍ମାଣ କରିବାର ଯୋଜନା କରିଛନ୍ତି । ତେବେ ସମ୍ପୂର୍ଣ୍ଣ କୋନିକାଲ କୋଠା ନିର୍ମାଣ ପାଇଁ ଶହେ ବର୍ଷ ସମୟ ଲାଗିପାରେ।

ଇଲେକ୍ଟ୍ରୋମ୍ୟାଗ୍ନେଟିକ ଜ୍ଞାନକୌଶଳ ଆଧାରରେ ଏହାର ନିର୍ମାଣ କରାଯିବ। ଚୀନ ମହାକାଶରେ ଇଲେକ୍ଟ୍ରୋମ୍ୟାଗ୍ନେଟିକ ରେଲଗନ ପ୍ରୟୋଗ କରିବାକୁ ଯୋଜନା ପ୍ରସ୍ତୁତ କରିଛି। ଏହି ହାଇପରସୋନିକ ରେଲଗନ ଦ୍ୱାରା ଲୋକଙ୍କୁ ମହାକାଶରେ ଗୁଳି ମରାଯାଇ ପାରିବ।

## ରାଜଧାନୀ ରାଣୀ ...

ସେତେ ହେଉଥିଲା। ଖରସେଲପଡାରେ ସେକ୍ସ ର୍ୟାକେଟ ଚାଲିଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ ବଲାଙ୍ଗୀର ଏସ୍‌ପି। ଏହା ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଟାଉନ ଥାନା ପୁଲିସ ରବିବାର ବିଳମ୍ବିତ ରାତିରେ ଉକ୍ତ ଘରେ ଚଢଉ କରିଥିଲା। ଚଢ଼ଉ ସମୟରେ ୪ ଜଣ ଯୁବତୀ ଓ ୪ ଜଣ ଗ୍ରାହକଙ୍କୁ ଅସଞ୍ଜତ ଅବସ୍ଥାରେ ଉଦ୍ଧାର କରିଥିଲେ। ଏହାଛଡ଼ା ସେହି ଘରୁ ପୁଲିସ ବିଭିନ୍ନ ପ୍ରକାର ଆପତ୍ତି ଜନକ ସାମଗ୍ରୀ ଜବତ କରିଥିଲା । ସେଠାରୁ ନଗଦ ୨୧ ହଜାର ୧୪୦ ଟଙ୍କା ମଧ ଜବତ କରିଥିଲା । ୪ ଗ୍ରାହକଙ୍କୁ ପୁଲିସ ଗିରଫ କୋର୍ଟ ଚାଲାଣ କରିଛି। ତେବେ ଉଦ୍ଧାର ହୋଇଥିବା ଯୁବତୀଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ତେବେ ସେକ୍ସ ର୍ୟାକେଟ ଅପରେଟ କରାଉଥିବା ମହିଳା ଓ ପୁରୁଷ ଚମ୍ପଟ ମାରିଛନ୍ତି । ସେମାନଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ ଚଳାଇଛି।

# ଦୋଳପୂର୍ଣ୍ଣମୀ ପାଇଁ ଛତିଶା ନିଯୋଗ ବୈଠକ

**ପୁରୀ, ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ଆସନ୍ତାକାଲି ମଙ୍ଗଳବାର ଠାରୁ ଆରମ୍ଭ ହେବ ଦୋଳପୂର୍ଣ୍ଣମୀ ନୀତି। ଏଥିପାଇଁ ସୋମବାର ନୀଳାଦ୍ରି ଭକ୍ତ ନିବାସରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆସନ୍ତା ଦୋଳପୂର୍ଣ୍ଣମୀ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଆସନ୍ତା ୨୪ ଓ ୨୫ ତାରିଖ ମେଣ୍ଢାପୋଡ଼ି ଓ ଦୋଳପୂର୍ଣ୍ଣମୀ ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ୨୪ ଓ ୨୫ ତାରିଖ ରାତି ୩ ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟି ଅନ୍ୟାନ୍ୟ ନୀତି କାନ୍ତି ହେବ । ୨୫ ତାରିଖ ଦୋଳପୂର୍ଣ୍ଣମୀ ଦିନ ଦୋଳବେଦୀ ଉପରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ । ଠିକ୍ ସମୟରେ ନୀତି ସଂପାଦନ ସହ ଭକ୍ତ କିଭଳି ବ୍ୟବସ୍ଥିତ ଓ ଶୃଙ୍ଖଳିତ ଦର୍ଶନ କରିବେ ସେ ନେଇ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବ । ସେହିପରି ଆସନ୍ତା ଗ୍ରୀଷ୍ମପ୍ରବାହ ଓ ଖରାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା ଗ୍ରହଣ କରାଯିବ । ସେହିପରି ବଡ଼ଦାଣ୍ଡରେ ପେଣ୍ଡିଙ୍ଗ ସହ ସେଡ୍ ବ୍ୟବସ୍ଥା ହେବ । ବୈଠକ ପରେ ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ଏ ନେଇ ସୂଚନା ଦେଇଛନ୍ତି । ଛତିଶା ନିଯୋଗ ବୈଠକ ପୂର୍ବରୁ ନୀତି ସବକମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୁରୀ ଜିଲ୍ଲାପାଳ, ପରିଚାଳନା କମିଟିର ସଦସ୍ୟ, ନୀତି ସବକମିଟି ସଦସ୍ୟ ଉପସ୍ଥିତ ଥିଲେ। ବିଭିନ୍ନ ବ୍ୟାଙ୍କ୍‌କୁ ବାଇଡିଂ ମଗାଯାଇଛି। ସର୍ବାଧିକ ବାଇଡିଂ ଦେଇଥିବା ବ୍ୟାଙ୍କରେ ଭକ୍ତ ଦାନ ଦେଇଥିବା ଦାନ ଅର୍ଥ ଜମା ରହିବ । ବୈଠକରେ ବରିଷ୍ଠ ସେବାୟତ ତଥା ଛତିଶାନିଯୋଗ ସଦସ୍ୟ ତଥା ପୂର୍ବତନ ପରିଚାଳନା କମିଟିର ସଦସ୍ୟ ସ୍ୱର୍ଗତଃ ରଜତ୍ ପ୍ରତିହାରୀଙ୍କ ମୃତ୍ୟୁକୁ ନେଇ ନିରବ ପ୍ରାର୍ଥନା ସହ ଶୋକ ପ୍ରକାଶ କରାଯାଇଥିଲା। ଏହି ବୈଠକରେ ଛତିଶା ନିଯୋଗର ସଦସ୍ୟମାନେ ଯୋଗ ଦେଇଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଅଭିବ୍ୟକ୍ତି ଚିହ୍ନଟ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଅଧ୍ୟାପକ ଡକ୍ଟର ରୁଦ୍ରନାରାୟଣ ମହାପାତ୍ର ବାକ୍ ବା ଅଭିବ୍ୟକ୍ତି ଚିହ୍ନଟ ସମ୍ପର୍କରେ ଏକ ପେଟେଣ୍ଟ ହାସଲ କରିଛନ୍ତି। 'ସ୍ନାୟୁବିକ ବାକ୍ ଅଭିଜ୍ଞାନ (Synaptic Speech Recognition) କ୍ଷେତ୍ରରେ ସେ ହାସଲ କରିଥିବା ଏହି ପେଟେଣ୍ଟ ସାହାଯ୍ୟରେ ସ୍ନାୟୁବିକ ପଦ୍ଧତିଗୁଡିକୁ ଅନୁକରଣ କରି ଏହାକୁ ମେସିନ ସ୍ୱତଃ ବୁଝିପାରିବ ବା ମେସିନ ମାଧ୍ୟମରେ ବୁଝାଯାଇପାରିବ । ଏହି କୌଶଳ ମାଧ୍ୟମରେ ଓଡ଼ିଆ ସମେତ ଯେକୌଣସି ଭାଷାକୁ ଚିହ୍ନଟ କରିବାରେ ଏକ ନୂତନ ଦ୍ୱାର ଉନମୁକ୍ତ ହେବାର ଆଶା କରାଯାଉଛି। ରୋବୋଟିକ କ୍ଷେତ୍ରରେ ଏହାର ଅନେକ ଉପଯୋଗିତା ରହିଛି। ସାଧାରଣତଃ ବୈଜ୍ଞାନିକମାନଙ୍କ କ୍ଷେତ୍ରରେ ପାଟେଣ୍ଟ ହାସଲ ନୂଆ କଥା ନୁହେଁ। କିନ୍ତୁ ଭାଷା ସାହିତ୍ୟର ଜଣେ ଅଧ୍ୟାପକଙ୍କ ଦ୍ୱାରା ଏଭଳି ପେଟେଣ୍ଟ ସାରା ଭାରତରେ ପ୍ରଥମ। ଓଡ଼ିଶା ପାଇଁ ରୁଦ୍ରଙ୍କର ଏହି ଉପଲବ୍ଧି ନିଶ୍ଚିତ ରୂପେ ବହୁତ ବଡ଼ କଥା। ଅତୀତରେ ରୁଦ୍ର ଅନେକ ଭଲ କାମ କରିଛନ୍ତି। କିନ୍ତୁ ଏହା ଏକ ସ୍ୱତନ୍ତ୍ର ଉପଲବ୍ଧି। ରୁଦ୍ରଙ୍କୁ ଅଶେଷ ଅଭିନନ୍ଦନ। ରୁଦ୍ର କେବଳ ଓଡ଼ିଆ ବିଭାଗର ଅଧ୍ୟାପକ ନୁହଁନ୍ତି, ସେହି ବିଭାଗର ଛାତ୍ର ମଧ୍ୟ।

# ନିରପେକ୍ଷ ଓ ହିଂସାମୁକ୍ତ ନିର୍ବାଚନ ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର ପଦକ୍ଷେପ



**କେନ୍ଦୁଝର, ନ୍ୟୁଜ**

ଦେଶରେ ୧୮ତମ ସାଧାରଣ ନିର୍ବାଚନ ଲାଗି ଭାରତ ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ତାରିଖ ଘୋଷଣା ହୋଇସାରିଛି । ଏହାସହିତ ଓଡ଼ିଶା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ମଧ ରାଜ୍ୟରେ ହେବାକୁ ଥିବା ଏକକାଳୀନ ଉଭୟ ଲୋକସଭା ଏବଂ ବିଧାନସଭା ନିର୍ବାଚନ ସଂକ୍ରାନ୍ତିୟ ସବିଶେଷ ସୂଚନା ପ୍ରଦାନ କରିଛନ୍ତି। ଏହି ଅନୁକ୍ରମରେ କେନ୍ଦୁଝର ଜିଲ୍ଲାର ନିର୍ବାଚନୀ ପ୍ରସ୍ତୁତି ଓ ପରିଚାଳନା ବାବଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ (ଭା.ପ୍ର.ସେ) ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି। ଏହି ସମ୍ମିଳନୀକୁ ସମସ୍ତ ସାମ୍ବାଦିକମାନଙ୍କୁ ସ୍ୱାଗତ ଜଣାଇ ଶ୍ରୀ ସିଂହ ଜିଲ୍ଲାରେ ହେବାକୁ ଥିବା ସାଧାରଣ ନିର୍ବାଚନ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଭାରତ ନିର୍ବାଚନ ଆୟୁକ୍ତଙ୍କ ଘୋଷଣା ଅନୁଯାୟୀ ଏକାଦ୍ରିକ୍ରମେ କେନ୍ଦୁଝର ସଂସଦୀୟ କ୍ଷେତ୍ର ସମେତ ଜିଲ୍ଲାର ସମସ୍ତ ୬ ଗୋଟି ବିଧାନସଭା କ୍ଷେତ୍ର ଏବଂ କେନ୍ଦୁଝର ସଂସଦୀୟ କ୍ଷେତ୍ରରେ ଅନ୍ତର୍ଭୁକ୍ତ ଥିବା ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବିଧାନସଭା ଲାଗି ମଇ ୨୫ରେ ମତଦାନ ଅନୁଷ୍ଠିତ ହେବ । ଷଷ୍ଠ ପର୍ଯ୍ୟାୟ ପାଇଁ ଗେଜେଟ୍ ବିଜ୍ଞପ୍ତି ୨୯ ଏପ୍ରିଲ ୨୦୨୪ରେ ପ୍ରକାଶ ପାଇବାକୁ ଥିବା ବେଳେ, ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ୬ ମଇ ରଖା ଯାଇଛି। ୭ ମଇ ପ୍ରାର୍ଥୀପତ୍ର ଯାଞ୍ଚ, ୯ ମଇ ସୁଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବାକୁ ସ୍ଥିର ହୋଇଥିବା ବେଳେ ୨୫ ମଇ ଦିନ ମତଦାନ ଏବଂ ୪ ଜୁନ୍ ଦିନ ଭୋଟ ଗଣତି ହେବ ବୋଲି ଜିଲ୍ଲାପାଳ କହିଥିଲେ। ଆହୁରିମଧ ଜିଲ୍ଲାପାଳ, ଜିଲ୍ଲା ସ୍ତରରେ ଖର୍ଚ୍ଚ ତଦାରଖ ପାଇଁ ବ୍ୟବସ୍ଥା, ଜିଲ୍ଲା ସ୍ତରୀୟ ମିଡିଆ ସାର୍ଟିଫିକେଟ୍ ଏବଂ ମନିଟରିଂ କମିଟି, ନିର୍ବାଚନ ପରିଚାଳନାରେ ବ୍ୟବହୃତ ନାଗରିକ / ପ୍ରାର୍ଥୀ କେନ୍ଦ୍ରିକ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରୟୋଗଗୁଡ଼ିକ ଯଥା ସି-ଭିଜିଲ ଆପ, ସୁବିଧା ପୋର୍ଟାଲ, ପ୍ରାର୍ଥୀ ଆଫିଡେଭିଟ୍ ପୋର୍ଟାଲ୍, ଭୋଟର ସେବା ପୋର୍ଟାଲ, ଭୋଟର ହେଲ୍ପଲାଇନ ଏବଂ ସକ୍ଷମ ଆପ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ। ଜିଲ୍ଲା ନିର୍ବାଚନ ପରିପ୍ରେକ୍ଷୀରେ ଅଧିକ ସୂଚନା ଦେବାକୁ ଯାଇ ଶ୍ରୀ ସିଂହ କହିଥିଲେ ଯେ ଜିଲ୍ଲାରେ ମତଦାତା ସଂଖ୍ୟା ୧୩,୭୧,୬୬୧ ଥିବା ବେଳେ ସେଥିମଧ୍ୟରୁ ୬,୮୩,୫୧୫ ପୁରୁଷ, ୬,୮୮,୦୬୦ ମହିଳା ଏବଂ ୮୬ ଜଣ ତୃତୀୟ ଲିଙ୍ଗୀ ଅଟନ୍ତି । ସମୁଦାୟ ଭୋଟର ମାନଙ୍କ ମଧ୍ୟରୁ ୧୨୪୮୪ ଜଣ ଶାରୀରିକ ଅକ୍ଷମ ବ୍ୟକ୍ତି ଥିବା ବେଳେ ନୂତନ ଭୋଟର ସଂଖ୍ୟା ୩୫,୫୩୬ ହୋଇଥିବା ବେଳେ ୮୦ ବର୍ଷ ବୟସରୁ ଅଧିକ ୨୦,୦୦୫ ଭୋଟର ଜିଲ୍ଲାରେ ଏହି ସାଧାରଣ ନିର୍ବାଚନରେ ଭାଗ ନେବାକୁ ଯାଉଛନ୍ତି। ସେହିପରି ଭାବେ ଜିଲ୍ଲାରେ ୬ ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୬ ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ରିଟର୍ଣ୍ଣିଙ୍ଗ ଅଫିସର ଭାବେ ନିୟୋଜିତ ହୋଇଛନ୍ତି। ଜିଲ୍ଲାରେ ସର୍ବମୋଟ ୧୭୨୦ ବୁଥ୍ ମଧ୍ୟରୁ ସ୍ୱତନ୍ତ୍ର ଭାବେ ସଖୀ ବୁଥ୍ ୧୭୪, ଯୁବ ବୁଥ୍ ୩୦, ଭିନ୍ନକ୍ଷମ ବୁଥ୍ ୩ ଏବଂ ଗୋଟେ ଏଥନିକ ବୁଥ୍ ଭାବର ଚିହ୍ନଟ ହୋଇଛି। ଏହି ୧୭୨୦ ପୋଲିଂ ଷ୍ଟେସନରେ ୧୦,୭୩୧ ପୁରୁଷ ଏବଂ ୧୬୫୩ ମହିଳା ଏହିପରି ମୋଟ ୧୨,୩୮୪ ଜଣ ପୋଲିଂ କର୍ମଚାରୀ ନିୟୋଜିତ ରହି ମତଦାନ ପ୍ରକ୍ରିୟା ଆଗେଇ ନେବେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସିଂହ କେନ୍ଦୁଝରର ସମସ୍ତ ମତଦାତା ମାନଙ୍କୁ ନିଜ ମତାଧିକାର ସାବ୍ୟସ୍ତ କରି ଗଣତନ୍ତ୍ରର ଏହି ମହାପର୍ବରେ ନିଜକୁ ସାମିଲ କରିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ କୁଶଳକର ନୀତିନ ଡାଗୁଡ୍ଡ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଓ ଡେପୁଟି କଲେକ୍ଟର, ନିର୍ବାଚନ ବିକାଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

ଉତ୍କଳ ଦୀପିକା

ଭୁବନେଶ୍ୱର
୧୯ ମାର୍ଚ୍ଚ
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

### ଭୁବନେଶ୍ୱର ସହରାଞ୍ଚଳରେ ସେଫ ସିଟି ଡ୍ରାଇଭ ଅଭିଯାନ

# ମଦୁଆ ଡ୍ରାଇଭରଙ୍କ ବିରୋଧରେ ଧରପଗଡ : ୬୭ ଗାଡି ଜବତ

**ଭୁବନେଶ୍ୱର, ୧୮/୦୩ ନ୍ୟୁଜ ବ୍ୟୁରୋ**

ସହରରେ ଘଟୁଥିବା ବିଭିନ୍ନ ଅପରାଧକୁ ହ୍ରାସ କରିବା ନିମନ୍ତେ ଭୁବନେଶ୍ୱର-କଟକ ଦ୍ୱୈତ ନଗରୀର ପୁଲିସ କମିଶନର ତଥା ଭୁବନେଶ୍ୱର ଡିସିପିଙ୍କ ପଦକ୍ଷେପ। ସେଫ ସିଟି ଡ୍ରାଇଭ" ଅଭିଯାନ କ୍ରମରେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ତରଫରୁ ବିଭିନ୍ନ ଥାନା ଅଞ୍ଚଳରେ ମଦ୍ୟପାନ କରି ଗାଡି ଚାଳନା ବିରୋଧରେ ଧରପଗଡ ଅଭିଯାନ କଡାକଡି ଭାବେ ଚାଲୁ ରହିଛି। ଏହି ଧରପଗଡ ଅଭିଯାନରେ ରାସ୍ତାରେ ଯାତାୟାତ କରୁଥିବା ସମସ୍ତ ଯାନବାହାନକୁ ଯାଞ୍ଚ କରାଯିବା ସହିତ ଡ୍ରଗ୍ସ, ବେଆଇନ ଅସ୍ତ୍ରଶସ୍ତ୍ର, ଚୋରା ହୋଇଥିବା ଗାଡି, ଚୋରୀ ହୋଇଥିବା ସମ୍ପତ୍ତି ଓ ସନ୍ଦିଗ୍ଧ ବ୍ୟକ୍ତି ମାନଙ୍କ ଉପରେ ନଜର ରଖାଯାଉଛି । ଅପରାଧିକ କାର୍ଯ୍ୟ କଳାପ ବିରୋଧରେ ମଧ୍ୟ ଧରପଗଡ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯିବା ସହିତ ଆବଶ୍ୟକ ସ୍ଥଳେ ଗାଡି ଜବତ କରାଯାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଉଅଛି। ଗତକାଲି ରାତିରେ ଭୁବନେଶ୍ୱର ସହରାଞ୍ଚଳରେ ଥିବା ସମସ୍ତ ଥାନାର ଆଇଆଇସି ଏବଂ ଏସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଟ୍ରାଫିକ ଥାନା-୧ ଏବଂ ୨ ର ମିଳିତ ସହଯୋଗରେ ସହରର ଭିନ୍ନଭିନ୍ନ ସ୍ଥାନ ଯଥା- କ୍ୟାପିଟାଲ ଥାନା ଅନ୍ତର୍ଗତ ଗୋପବନ୍ଧୁ ଛକ ଗଭର୍ଣ୍ଣର ହାଉସ ଛକ ମଧ୍ୟରେ, ରାଜମହଲ ଛକ, ମାଷ୍ଟର କ୍ୟାଣ୍ଟିନ ଛକ, ହାଉସିଂ ବୋର୍ଡ ଛକରୁ ରାମମନ୍ଦିର ଛକ ମଧ୍ୟରେ, ସୁନ୍ଦରପଡା ଛକ ଆଦି ସ୍ଥାନରେ ପୋଲିସ ଯାଞ୍ଚ କରୁଛି। ସମ୍ପୃକ୍ତ ଛକରେ ଜଣେ ଲେଖାଏଁ ପୁଲିସ ଅଧିକାରୀ, ଥାନା କର୍ମଚାରୀଙ୍କ ସମତେ ଗୋଟିଏ ଲେଖାଏଁ ସେକ୍ସନ ପୁଲିସ ଫୋର୍ସ ସାମିଲ ଅଛନ୍ତି। ଖାରବେଳନଗର ଥାନାରେ ୪ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ବେଳେ, ଗୋଟିଏ ଗାଡି ଜବତ କରାଯାଇଛି। ସେହିପରି ଜଟଣୀ ଥାନାତରଫରୁ ଡ୍ରଙ୍କେନ୍ ଡ୍ରାଇଭ କରାଯାଇ ୨ଟି ମୋଟରସାଇକେଲ ଜବତ କରାଯାଇ ୨ଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି । ସେହିପରି ତମାଣ୍ଡୋ ଥାନା ତରଫରୁ ଡ୍ରଙ୍କେନ୍ ଡ୍ରାଇଭ କରାଯାଇ ୨ଟି କାର୍ ଜବତ କରାଯାଇଥିବା ବେଳେ ୨ ଜଣଙ୍କୁ ଅଟକ ରଖାଯାଇଛି। ଇନ୍‌ଫୋଭ୍ୟାଲି ଥାନା ତରଫରୁ ଡ୍ରଙ୍କେନ୍ ଡ୍ରାଇଭ କରାଯାଇ ୨ଟି ମୋଟର ସାଇକେଲ ସହିତ ୨ ଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିବା ସ୍ଥଳେ ବଡଗଡ ଥାନାରେ ୨ ଜଣ ବ୍ୟକ୍ତିଙ୍କୁ ଡ୍ରଙ୍କେନ୍ ଡ୍ରାଇଭରେ ଅଟକ ରଖାଯାଇ ୨ଟି ଗାଡି ଜବତ ହୋଇଛି। ଅନୁରୂପ ଭାବେ ଲକ୍ଷ୍ମୀସାଗର ଥାନା ତରଫରୁ ୬ଟି ଚାରିଚକିଆ ଯାନ ଜବତ କରାଯାଇଥିବା ବେଳେ ୬ଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ଇନ୍‌ଫୋସିଟି ଥାନାରେ ୧୦ଟି କାର୍ ଓ ଗୋଟିଏ ବାଇକ୍ ଜବତ କରାଯାଇ ୧୧ ଜଣଙ୍କୁ ଅଟକ ରଖାଯାଇଛି। ଚନ୍ଦ୍ରଶେଖରପୁର ଥାନାରେ ଡ୍ରଙ୍କେନ୍ ଡ୍ରାଇଭ କରାଯାଇ ୯ଟି କାର୍ ଓ ୨ଟି ମୋଟରସାଇକେଲ ଜବତ କରାଯାଇ ୧୧ଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିବା ବେଳେ ଏୟାରପୋର୍ଟ ଥାନାରେ ଡ୍ରଙ୍କେନ୍ ଡ୍ରାଇଭ କରାଯାଇ ୩ଟି ବାଇକ୍ ଜବତ କରାଯାଇଛି ଓ ୩ ଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ସେହିପରି ଧଉଳି ଥାନା ତରଫରୁ ଡ୍ରଙ୍କେନ୍ ଡ୍ରାଇଭ କରାଯାଇ ୨ଟି ମୋଟରସାଇକେଲ ସହ ୨ ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ଖଣ୍ଡଗିରି ଥାନା ତରଫରୁ ଡ୍ରଙ୍କେନ୍ ଡ୍ରାଇଭରେ ୨ଟି ଗାଡି ଜବତ କରାଯାଇ ୨ ଜଣଙ୍କୁ ଅଟକ ରଖାଯାଇଛି। ରବିବାର ରାତିରେ ଭରତପୁର ଥାନା ତରଫରୁ ଗୋଟିଏ ମଦଗାଡିକୁ ଅଟକ ରଖାଯାଇଥିବା ବେଳେ ପାହାଳ ଥାନା ତରଫରୁ ଡ୍ରଙ୍କେନ୍ ଡ୍ରାଇଭ କରାଯାଇ ଗୋଟିଏ ଗାଡି ସହିତ ଜଣଙ୍କୁ ଅଟକ ରଖାଯାଇଛି। ସେହିପରି ଶହୀଦନଗର ଥାନା ତରଫରୁ ଡ୍ରଙ୍କେନ୍ ଡ୍ରାଇଭରେ ୨ଟି ଗାଡି ସହିତ ୨ ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ମୈତ୍ରୀବିହାର ଥାନା ତରଫରୁ ଡ୍ରଙ୍କେନ୍ ଡ୍ରାଇଭ କରାଯାଇ ଗୋଟିଏ ଗାଡି ସହିତ ଜଣଙ୍କୁ ଅଟକ ରଖାଯାଇଛି। ଭୁବନେଶ୍ୱର ସହରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଥାନା ତରଫରୁ ମଦ୍ୟପାନ ଜନିତ ଗାଡି ଚାଳନା ବିରୋଧରେ କରାଯାଇଥିବା ଅଭିଯାନ ମାଧ୍ୟମରେ ମୋଟ ୫୩ଜଣ ମଦ୍ୟପ ଚାଳକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ବେଳେ ଟ୍ରାଫିକ ଥାନା ତରଫରୁ ୧୫ ଜଣଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଭୁବନେଶ୍ୱର ସହରାଞ୍ଚଳର ସମସ୍ତ ଥାନା ତରଫରୁ ସମୁଦାୟ ୬୭ଟି ଚାରିଚାକିଆ ଓ ଦୁଇଚକିଆ ଯାନ ଜବତ କରାଯାଇଛି ।

## କେନ୍ଦ୍ରାପଡା ଲୋକସଭା କ୍ଷେତ୍ରକୁ ନେଇ ଆଲୋଚନା କଲେ ବିଜେଡି ସୁପ୍ରିମୋ

**ଭୁବନେଶ୍ୱର, ୧୮/୩ ନ୍ୟୁଜ ବ୍ୟୁରୋ**



ନବୀନ ନିବାସରେ କେନ୍ଦ୍ରାପଡା ଲୋକସଭା ନିର୍ବାଚନ ମଣ୍ଡଳୀର ବିଜେଡି ନେତାଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନିର୍ବାଚନ ପ୍ରସ୍ତୁତି ନେଇ କେନ୍ଦ୍ରାପଡା ଲୋକସଭା କ୍ଷେତ୍ର ଅନ୍ତର୍ଗତ ସବୁ ବିଧାନସଭା ନିର୍ବାଚନ ମଣ୍ଡଳୀର ନେତା ଓ ପର୍ଯ୍ୟବେକ୍ଷକଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବୈଠକରେ ମନ୍ତ୍ରୀ ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବିଧାୟକ ଧ୍ରୁବ ସାହୁ, ଶଶୀଭୂଷଣ ବେହେରା, ପର୍ଯ୍ୟବେକ୍ଷକ ପ୍ରତାପ ଜେନା ଓ ପ୍ରଫୁଲ୍ଲ ମଲ୍ଲିକ, ବିଜେଡି ନେତା ଅରବିନ୍ଦ ମହାପାତ୍ର ଯୋଗଦେଇଥିଲେ । ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ବରିଷ୍ଠ ବିଜେଡି ନେତା ଜନ୍ମେଜୟ ଲେଙ୍କା ମଧ୍ୟ ବୈଠକରେ ଉପସ୍ଥିତ ଥିଲେ

## ସୁପ୍ରିମକୋର୍ଟରୁ ମହମ୍ମଦ ମୋକିମଙ୍କୁ ମିଳିଲା ଆଶ୍ୱସ୍ତି

**କଟକ, ୧୮/୦୩ ନ୍ୟୁଜ ବ୍ୟୁରୋ**



ବାରବାଟୀ-କଟକ ବିଧାୟକ ଭାବେ ମହମ୍ମଦ ମୋକିମଙ୍କ ନିର୍ବାଚନକୁ ଓଡ଼ିଶା ହାଇକୋର୍ଟ ଅସିଦ୍ଧ ଘୋଷଣା କରିବା ପରେ ମୋକିମ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟରୁ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କୁ ସୋମବାର ମିଳିଛି ଆଶ୍ୱସ୍ତି। ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରିଛନ୍ତି ସୁପ୍ରିମକୋର୍ଟ। ସୂଚନାଯୋଗ୍ୟ, ଜନ ପ୍ରତିନିଧି ଆଇନର ଧାରା ୧୫୧-କ ଅନୁସାରେ ୯୦-ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ଖାଲି ପଡ଼ିଛି (କାଜୁଆଲ ଭାକନ୍ସି) ବୋଲି ହାଇକୋର୍ଟ ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ ତାଙ୍କ ରାୟରେ ଉଲ୍ଲେଖ କରିଥିଲେ। ୨୦୧୯ ନିର୍ବାଚନରେ ମୋକିମଙ୍କ ଠାରୁ ନିର୍ବାଚନରେ ହାରି ଯାଇଥିବା ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ସଙ୍ଗମ କୁମାର ସାହୁ ୬୯୩ ପୃଷ୍ଠାର ଏହି ରାୟ ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ୨୦୧୯ ନିର୍ବାଚନ ସମୟରେ ଶ୍ରୀ ମୋକିମଙ୍କ ନାମାଙ୍କନପତ୍ର ନିର୍ଦ୍ଧାରିତ ନିୟମ ଅନୁଯାୟୀ ଦାଖଲ ହୋଇନଥିଲା। ଜନ ପ୍ରତିନିଧି ଆଇନର ଧାରା ୩୩, କଣ୍ଡକ୍ଟ ଅଫ୍ ଇଲେକ୍ସନ ରୁଲ୍ସ, ୧୯୬୧ର ନିୟମ ୪ ଓ ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଉଲ୍ଲଂଘନ କରି ରିଟର୍ଣ୍ଣିଂ ଅଫିସର ଶ୍ରୀ ମୋକିମଙ୍କ ନାମାଙ୍କନପତ୍ର ଗ୍ରହଣ କରିଥିଲେ। ଶ୍ରୀ ମୋକିମ ନାମାଙ୍କନପତ୍ରରେ ଆବଶ୍ୟକ ତଥ୍ୟ ଉଲ୍ଲେଖ କରି ନଥିଲେ। ଜନପ୍ରତିନିଧି ଆଇନର ଧାରା ୩୬ରେ ପ୍ରଦତ୍ତ କ୍ଷମତା ଅନୁସାରେ ଯାଞ୍ଚ ସମୟରେ ରିଟର୍ଣ୍ଣିଂ ଅଫିସର ଶ୍ରୀ ମୋକିମଙ୍କ ନାମାଙ୍କନପତ୍ର ଖାରଜ କରିବା ଉଚିତ ଥିଲା। ନାମାଙ୍କନ ବେଳେ ଶ୍ରୀ ମୋକିମ ଦାଖଲ କରିଥିବା ସତ୍ୟପାଠରେ ତାଙ୍କ ବିରୋଧରେ ଥିବା ୧୩ଟି ଅପରାଧିକ ମାମଲା ସଂକ୍ରାନ୍ତରେ ଉପଯୁକ୍ତ ତଥ୍ୟ ଓ ସଂପୂର୍ଣ୍ଣ ଘୋଷଣାନାମା ଦେଇ ନଥିଲେ। ଏଭଳି ସ୍ଥିତିରେ ୯୦-ବାରବାଟୀ-କଟକ ବିଧାନସଭା ଆସନରୁ ଶ୍ରୀ ମୋକିମଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉଛି ବୋଲି ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ କରାଯାଇଛି।

## ଦୁଇ ମାସରେ ଏସି ଟନେଲ୍ ବିଦ୍ୟୁତ ବିଲ୍ ଆସିଛି ୧୪,୧୭,୬ ୩୦ ଟଙ୍କା

**ପୁରୀ, ୧୮/୦୩ ନ୍ୟୁଜ ବ୍ୟୁରୋ**



ଜଗା ଦର୍ଶନକୁ ସହଜ ଓ ସରଳ କରିବାକୁ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ଏସି ବ୍ୟାରିକେଡ (ଏସି ଟନେଲ) କରାଯାଇଥିଲା। ହେଲେ ଏହି ବ୍ୟାରିକେଡ ଶ୍ରୀମନ୍ଦିର ପ୍ରଶାସନର ମୁଣ୍ଡବିନ୍ଧାର କାରଣ ପାଲଟିଛି। ଦୁଇ ମାସରେ ଏସି ଟନେଲ୍ ବିଦ୍ୟୁତ ବିଲ୍ ଆସିଛି ୧୪ ଲକ୍ଷ ୧୭ ହଜାର ୬ ଶହ ୩୦ ଟଙ୍କା। କେଉଁଠୁ ଏହି ବିଲ୍ ପୈଠ ହେବ, ତାକୁ ନେଇ ଚିନ୍ତାରେ ପଡ଼ିଯାଇଛି ଶ୍ରୀମନ୍ଦିର ପ୍ରଶାସନ। ଜାନୁଆରୀ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହୋଇଥିଲା। ତା'ପରଠାରୁ ପ୍ରତିଦିନ ଶହଶହ ଶ୍ରଦ୍ଧାଳୁ ଏସି ବ୍ୟାରିକେଡ ଦେଇ ଶ୍ରୀମନ୍ଦିରକୁ ଯାଉଛନ୍ତି। ଆଉ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ହେଲେ ଏବେ ସେହି ଏସି ବ୍ୟାରିକେଡ ବିଲ୍ ଚିନ୍ତାର କାରଣ ସାଜିଛି। ଗତ ଦୁଇ ମାସରେ ବିଦ୍ୟୁତ ବାବାଦକୁ ବିଲ୍ ଆସିଛି ୧୪ ଲକ୍ଷ ୧୭ ହଜାର ୬ ଶହ ୩୦ ଟଙ୍କା। ଏତେ ପରିମାଣର ବିଦ୍ୟୁତ ଦେୟ ଶ୍ରୀମନ୍ଦିର ପ୍ରଶାସନ କିପରି ଦେବେ ସେ ନେଇ ଚିନ୍ତା ପ୍ରକାଶ କରିଛନ୍ତି ସେବାୟତ। ଯଦି ଦୁଇ ମାସରେ ଏତିକି, ତେବେ ବର୍ଷକୁ ବିଦ୍ୟୁତ ବିଲ୍ କୋଟିଏ ଟପି ଯିବ ବୋଲି ସେବାୟତମାନେ କହିଛନ୍ତି। ତେଣୁ ଭକ୍ତଙ୍କ ଲାଗି ବିଦ୍ୟୁତ ବିଲ୍ ଛାଡ କରିବାକୁ ସେବାୟତମାନେ ନିବେଦନ କରିଛନ୍ତି। ୮୪ ମିଟର ଲମ୍ବ ଓ ୧୨ ମିଟର ଚୌଡାର ସେଡ୍‌ରେ ଭକ୍ତଙ୍କ ପାଇଁ ଏୟାର କଣ୍ଡିସନ ସହ ଫ୍ୟାନ ଓ ଲାଇଟ୍ ସଂଯୋଗୀକରଣ କରାଯାଇଛି। ହେଲେ ଗତ ଜାନୁଆରୀ ଓ ଫେବୃୟାରୀ ମାସର ବିଦ୍ୟୁତ୍ ବିଲ୍ ଏବେ ଚିନ୍ତା ବଢ଼ାଇଛି। ଦୁଇ ମାସରେ କେବଳ ଏସି ହ୍ୟାଙ୍ଗର ଓ ପ୍ରତିକ୍ଷାଳୟ ବିଦ୍ୟୁତ ବିଲ୍ ବାବଦକୁ ୧୪ ଲକ୍ଷ ୧୭ ହଜାର ୬ ଶହ ୩୦ ଟଙ୍କା ହୋଇଛି। ସେପଟେ ଏହି ବିଲ୍‌କୁ ନେଇ ବିଦ୍ୟୁତ ବିଭାଗର ଇଞ୍ଜିନିୟରମାନେ ତର୍ଜମା କରିବେ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ କହିଛନ୍ତି। ଏହାପରେ ଯାହା ନିଷ୍ପତ୍ତି ନିଆଯିବ ସେ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି।

## ରଘୁପତି ନଗରରେ ବୋମାମାଡ଼: ୪ ଗିରଫ

**ବ୍ରହ୍ମପୁର, ୧୮/୦୩ ନ୍ୟୁଜ ବ୍ୟୁରୋ**

ବ୍ରହ୍ମପୁର ରଘୁପତି ନଗର ବୋମାମାଡ଼ ମାମଲାରେ ୪ଜଣ ଗିରଫ ହୋଇଛନ୍ତି। ତିନୋଟି ମୋବାଇଲ ଫୋନ, ଗୋଟିଏ ବୋମା, ଖଣ୍ଡା, ଗୋଟିଏ ମୋଟରସାଇକେଲ ଜବତ ହୋଇଛି। ଗତ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଫାଷ୍ଟଗେଟ ରଘୁପତି ନଗର ୨ୟ ଲାଇନ୍‌ରେ ରହୁଥିବା ସିଆରସିସି ଟୁକୁନା ଭୂୟାଁଙ୍କ ଉପରକୁ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ସୁମନ ପଟ୍ଟନାୟକ, ସୁଦର୍ଶନ ପାଢ଼ୀ, ଦୀପକ ସାହୁ ଓ କାଳିଆ ସାହୁ । ସୁଦର୍ଶନ ପାଢ଼ୀ, କାଳିଆ ଏବଂ ଦୀପକ ନାଁରେ ଗୋଟିଏ ଲେଖାଏଁ ମାମଲା ରହିଥିବା କହିଛନ୍ତି ଏସ୍‌ପି। ବିଭିନ୍ନ ସମୟରେ ଅପରାଧୀମାନେ ବାରୁଦ ଆନ୍ଧ୍ରରୁ ଆଣୁଥିବା ପୁଲିସ କହିଛି । ଉପରୋକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ।



ସମ୍ପାଦକୀୟ
ପୃଷ୍ଠା-୪
୪୦ ପ୍ରତିଶତ ଋଣ ପାଇବ ବିଫଳରେ

ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା

Vol-7 • Issue-47 • 13th-19th March 2024 • Bhubaneswar

କଳାରାହାଙ୍ଗପାରେ ୧୦୦ ଶଯ୍ୟାବିଶିଷ୍ଟ କିମ୍ସ ଗ୍ରାମୀଣ ଡାକ୍ତରଖାନା ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ମତ୍ସ୍ୟକନ୍ୟା ଆଉ ହସୁନି



ଭୁବନେଶ୍ୱର : ସାଧାରଣ ନିର୍ବାଚନ -୨୦୨୪କୁ ଶୃଙ୍ଖଳାର ସହ ସମାପନ କରିବା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଉଚ୍ଚସ୍ତରୀୟ ବୈଠକ। (ଫଟୋ : ସମ୍ବାଦ କଳିକା)

## ଜଙ୍ଗଲରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ

**ବୌଦ୍ଧ, ୧୮/୩ ନ୍ୟୁଜ ବ୍ୟୁରୋ**



ବୌଦ୍ଧ ଜିଲ୍ଲା ଡ଼ିମିରିଖୋଲ ଗ୍ରାମ ନିକଟସ୍ଥ ବିଡ଼ାମାସ୍କା ଜଙ୍ଗଲରୁ ୧୫୬୦ କେଜିର ଗଞ୍ଜେଇ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ଏକ କୋଟି ଛପନ ଲକ୍ଷ ଟଙ୍କା ହେବ। ବିଡ଼ାମାସ୍କା ଜଙ୍ଗଲରେ ଗଞ୍ଜେଇ ବସ୍ତା ଥିବା ବୌଦ୍ଧ ଏସ୍‌ପି ବିଶେଷ ସୂତ୍ରରୁ ସୂଚନା ପାଇଥିଲେ। ଏହାପରେ ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀଙ୍କ ନେତୃତ୍ୱରେ ଏକ ଟିମ୍ ବିଡାମାସ୍କା ଜଙ୍ଗଲରେ ଚଢ଼ଉ କରିଥିଲେ। ଚଢଉ ସମ୍ପର୍କରେ ଜାଣିପାରି ଗଞ୍ଜେଇ ମାଫିଆମାନେ ଚମ୍ପଟ୍ ମାରିଥିଲେ।
ଚଢଉ ସମୟରେ ଜଙ୍ଗଲରୁ ୧୫୬୦ କେଜିର ଗଞ୍ଜେଇ ଜବତ ହୋଇଥିଲା। ଜବତ ହୋଇଥିବା ଗଞ୍ଜେଇର ମୂଲ୍ୟ ଏକ କୋଟି ଛପନ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଜବତ ହୋଇଥିବା ଗଞ୍ଜେଇ କିଏ ଓ କେଉଁଠୁ ଆଣିଥିଲେ, ତାହା ଜଣାପଡ଼ିନାହିଁ। ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି।

## ଇଡି ପରିଚୟ ଦେଇ ଠକିଥିବା ଦୁଇ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୮/୩ ନ୍ୟୁଜ ବ୍ୟୁରୋ**

ନିଜକୁ ଇଡି ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଧିକାରୀ କହି ଶହ ଶହ ଲୋକଙ୍କ ଠାରୁ ଠକିଥିବା ଦୁଇ ଅଭିଯୁକ୍ତ ଗିରଫ ହୋଇଛନ୍ତି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ ଉଭୟଙ୍କୁ ଗିରଫ କରିଛି। ୨ ଅଭିଯୁକ୍ତ ହେଲେ ଢେଙ୍କାନାଳ ଦୋଳମଣ୍ଡପସାହିର ତାରିଣୀସେନ ମହାପାତ୍ର ଓ ବ୍ରହ୍ମଶଙ୍କର ମହାପାତ୍ର। ଅଭିଯୋଗ ମୁତାବକ ଉଭୟ ଦୁଇ ଭାଇ। ଏମାନେ ନିଜକୁ ଇଡି ଅଫିସର କହି ୩ ଶହ ସରକାରୀ ଅଧିକାରୀଙ୍କ ଠାରୁ ଠକେଇ କରିଛନ୍ତି । ଛତ୍ରପୁର ଉପଜିଲ୍ଲାପାଳ ତଥା ଏସ୍‌ଡିଏମ୍ ଦେବଦତ୍ତ ମହନ୍ତଙ୍କ ଅଭିଯୋଗକ୍ରମେ ତଦନ୍ତ କରିଥିଲା ଏସ୍‌ଟିଏଫ୍। ତାରିଣୀସେନ ଜଣେ ବିକମ୍ ଗ୍ରାଜୁଏଟ ଓ ବ୍ରହ୍ମଶଙ୍କର ବିସିଏ ପାସ୍ କରିଛନ୍ତି। ରୟାଲ ଲାଇଫ ବଞ୍ଚିବା ପାଇଁ ସେମାନେ ଏଭଳି ଠକେଇ କରିଥିଲେ । ଝାଡ଼ଖଣ୍ଡ ରାଞ୍ଚିରେ ଭଡା ଘରେ ରହୁଥିଲେ । ଲୋକଙ୍କୁ ଭୂଆଁ ବୁଲାଇବା ପାଇଁ ଏନିଜିଓ ମଧ୍ୟ ଚଳାଉଥିଲେ।

## ବିଜେପିର ନିର୍ବାଚନୀ କସରତ: ପୁଣି ଦିଲ୍ଲୀ ଗଲେ ମନମୋହନ



**ଭୁବନେଶ୍ୱର, ୧୮/୦୩ ନ୍ୟୁଜ ବ୍ୟୁରୋ**

ନିର୍ବାଚନ ତାରିଖ ଘୋଷଣା ପରେ ନିର୍ବାଚନୀ କସରତ ଆରମ୍ଭ କରି ଦେଇଛି ରାଜ୍ୟ ବିଜେପି। କୋର୍ କମିଟି ଓ ନିର୍ବାଚନ କମିଟି ବୈଠକ ପରେ ସୋମବାର ଦିଲ୍ଲୀମୁହାଁ ହୋଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ନିର୍ବାଚନ କମିଟି ବୈଠକରେ ପ୍ରସ୍ତୁତ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଧରି ମନମୋହନ ସାମଲ ଦିଲ୍ଲୀ ଯାଇଥିବା ସୂଚନା ମିଳିଛି। ଏହି ତାଲିକାରୁ ପୁଣି ସର୍ଟ୍ ଲିଷ୍ଟ କରାଯିବା ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହେବ। ବିଜେପିର ପ୍ରାର୍ଥୀ ତାଲିକା ଘୋଷଣା ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଛି। କିଏ କେଉଁଠୁ ବିଜେପିର ପ୍ରାର୍ଥୀ ହେବ ସେ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ସଂସଦୀୟ ବୋର୍ଡ ନେବେ। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଳମ୍ବିତ ରାତି ଯାଏଁ ବୈଠକ ବସିଥିଲା। କୋର୍ କମିଟି ଓ ନିର୍ବାଚନ କମିଟି ବୈଠକରେ ସବିଶେଷ ତଥ୍ୟ ଉପରେ ଆଲୋଚନା ହୋଇଥିଲା। ସକାଳେ ପ୍ରଥମେ ରାଜ୍ୟ କୋର୍ କମିଟି ଓ ପରେ ରାଜ୍ୟ ନିର୍ବାଚନ କମିଟି ବୈଠକ ହୋଇଥିଲା। ଏହି ବୈଠକରେ ୨୦୨୪ ନିର୍ବାଚନ ଏକମାତ୍ର ଫୋକସ୍ ଥିଲା। ସବୁ ବିଧାନସଭା ଓ ଲୋକସଭା ପାଇଁ ରାଜ୍ୟ ବିଜେପି ପ୍ରାର୍ଥୀ ଚୂଡ଼ାନ୍ତ କରିଥିବା ଜଣାପଡ଼ିଛି। ଏହାର ସବିଶେଷ ରିପୋର୍ଟ ଧରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ସୋମବାର ଦିଲ୍ଲୀ ଯାଇଥିବା ଜଣାଯାଇଛି। ଏହା ସହିତ ବୈଠକରେ ମୋଦି ସରକାରର ୧୦ ବର୍ଷର ସଫଳତାକୁ ଘରେ ଘରେ ପହଞ୍ଚାଇବ, ଏ ସଂପର୍କରେ ଲୋକଙ୍କର ମତାମତ ସଂଗ୍ରହ କରିବାକୁ ନିଷ୍ପତ୍ତି ନିଆଯାଇଛି।

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

**ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।**

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଝିଅକୁ ହତ୍ୟାକଲା ବାପା

**ବ୍ରହ୍ମପୁର, ୧୮/୦୩ ନ୍ୟୁଜ ବ୍ୟୁରୋ**

ବାପା ମାରିଦେଲା ଝିଅକୁ । ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଓଡ଼ିଆ ଆଲପୁର ଗ୍ରାମରେ ଘଟିଛି ଏହି ହତ୍ୟାକାଣ୍ଡ । ପାରିବାରିକ କଳହରୁ ହତ୍ୟାକାଣ୍ଡ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଗୋପାଳ ବେହେରାଙ୍କ ପରିବାରରେ ଦୀର୍ଘ ଦିନ ହେଲା ପାରିବାରିକ କଳହ ଲାଗି ରହିଥିଲା । ଦୀର୍ଘ ଏକ ବର୍ଷ ହେବ ଗୋପାଳଙ୍କ ସ୍ତ୍ରୀ ବାପ ଘରେ ରହିଆସୁଛନ୍ତି। ହେଲେ ଗୋପାଳଙ୍କ ବଡ ଝିଅ ଓ ପୁଅ ଗୋପାଳଙ୍କ ପାଖରେ ରହୁଥିଲେ । କିନ୍ତୁ ସୋମବାର ସକାଳେ କୌଣସି କାରଣକୁ ନେଇ ଗୋପାଳ ଝିଅକୁ ତାଗିଦ କରି ଦଉଡ଼ିରେ ମାଡ ମାରିଥିଲା। ପରେ ବାପା ଗୋପାଳ କାମକୁ ଚାଲିଯାଇଥିବା ବେଳେ ଘରେ ଭଉଣୀ ମାମାର ମୃତ୍ୟୁ ହୋଇଥିବା କହିଛି ଭାଇ । ସାହି ପଡିଶା ଲୋକ ମୃତଦେହ ଦେଖି ପୋଲିସକୁ ଜଣାଇ ଥିଲେ । ଖଲ୍ଲିକୋଟ ପୋଲିସ ଓ ଛତ୍ରପୁର ଏଡିପିଓ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ବାପା ଗୋପାଳ ବେହେରାକୁ ପୋଲିସ ଅଟକ ରଖିଛି । ପୋଲିସ ମାମା ଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ଖସୁଛି ରାଜ୍ୟର ଭୂତଳ ଜଳସ୍ତର : ସଂକଟମୁହାଁ ଭୁବନେଶ୍ୱର

**ଭୁବନେଶ୍ୱର, ୧୮/୦୩ ନ୍ୟୁଜ ବ୍ୟୁରୋ**



ରାଜ୍ୟରେ ଆଗକୁ ଉକ୍ଟ ହେବ କି ଭୂତଳ ଜଳସ୍ତର? ବାଙ୍ଗାଲୁରୁ ଭଳି ଭୁବନେଶ୍ୱରବାସୀ ବି ଭୋଗିବେନି ତ ଜଳସଙ୍କଟ ସ୍ଥିତି? କାରଣ ରାଜଧାନୀ ସମେତ ରାଜ୍ୟବ୍ୟାପୀ ଦ୍ରୁତଗତିରେ ଭୂତଳ ଜଳସ୍ତର ଖସୁଛି । ମାଟି ଯେତିକି ଶୋଷୁଛି ତା'ର ୮୬% ଜଳ ଉତ୍ତୋଳନ ହେଉଥିବାବେଳେ ରାଜ୍ୟର ୯ଟି ବ୍ଲକର ଭୂତଳ ଜଳସ୍ତର ସ୍ଥିତି ସେମି-କ୍ରିଟିକାଲ ସ୍ତରରେ ପହଞ୍ଚିଛି, ଯାହାକୁ ନେଇ ଚିନ୍ତା ବଢ଼ିଛି। ପୁରୁଣା ଭୁବନେଶ୍ୱର କପିଳପ୍ରସାଦର ଅଞ୍ଚଳର ମମତା ମାର୍ଥା ୨୬ ବର୍ଷ ତଳେ କପିଳପ୍ରସାଦ ଗାଁକୁ ଆସିଥିଲେ ବୋହୂ ସାଜି । ସେତେବେଳେ ତାଙ୍କ ଘରେ ଥିବା କୂଅରେ ସବୁ ଋତୁରେ ଭରି ରହୁଥିଲା ପାଣି । କିନ୍ତୁ ଗତ ୩-୪ ବର୍ଷ ହେଲା, ଜଳସ୍ତର ଏବେ ସାଂଘାତିକ ହ୍ରାସ ପାଉଛି । ପାଖପଡ଼ୋଶୀ ବର୍ଷସାରା ମଧ୍ୟ କୂଅର ପାଣି ବ୍ୟବହାର କରୁଥିଲେ । ତଥାପି କୂଅରୁ ପାଣି ସରେନି । କିନ୍ତୁ ଏବେ ଦିନ କେଇଟା ପରେ ଆଉ କୂଅରୁ ଟୋପାଏ ବି ମିଳିବନି ବୋଲି କହିଛନ୍ତି ମମତା। କେବଳ ପୁରୁଣା ଭୁବନେଶ୍ୱର ନୁହେଁ, ରାଜ୍ୟର ଅନେକ ସ୍ଥାନରେ ଉଦ୍‌ବେଗଜନକ ହାରରେ ଖସୁଛି ଭୂତଳ ଜଳସ୍ତର । କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ତଥ୍ୟ କହୁଛି, ୨୦୨୦ରେ ରାଜ୍ୟର ୬ଟି ବ୍ଲକର ଭୂତଳ ଜଳସ୍ତର ସେମି କ୍ରିଟିକାଲ ବର୍ଗରେ ଥିଲା । କିନ୍ତୁ ୨୦୨୩ ବେଳକୁ ଏ ସଂଖ୍ୟା ୯କୁ ବଢ଼ିଛି । ଅର୍ଥାତ୍ ଏସବୁ ବ୍ଲକରେ ଯେତିକି ପାଣି ମାଟିତଳକୁ ଯାଉଛି, ତା'ର ୭୦ ପ୍ରତିଶତରୁ ଅଧିକ ଉତ୍ତୋଳନ ହେଉଛି। ସେମି କ୍ରିଟିକାଲ ବର୍ଗରେ ଥିବା ବ୍ଲକ ଗୁଡ଼ିକ ହେଉଛି ଖୋର୍ଦ୍ଧା, ଭୁବନେଶ୍ୱର, ବୋଲଗଡ଼, ତାଳଚେର, ବାଲିଆପାଳ, କୋରେଇ, ଝାରସୁଗୁଡ଼ା, ନୟାଗଡ଼ ଓ ନୂଆପଡ଼ା। ଭୁବନେଶ୍ୱର ବ୍ଲକରେ ଯେତିକି ଭୂତଳ ଜଳ ରିଚାର୍ଜ ହେଉଛି, ତା'ର ୮୬ ପ୍ରତିଶତ ଉତ୍ତୋଳନ ହେଉଛି । ଭୂତଳ ଜଳ ବୋର୍ଡ ଆଞ୍ଚଳିକ ନିର୍ଦ୍ଦେଶକଙ୍କ କହିବା କଥା, ଦେଶରେ ଭୂତଳ ଜଳ ଉତ୍ତୋଳନ ହାର ୬୪ ପ୍ରତିଶତ ଏବଂ ଓଡ଼ିଶାରେ ୪୬ ପ୍ରତିଶତ । ତେବେ ସହରୀକରଣ ତଥା ଅର୍ଥନୈତିକ ବିକାଶ ଯୋଗୁଁ ରାଜ୍ୟରେ ଭୂତଳ ଜଳ ବ୍ୟବହାର ବଢୁଥିବାରୁ ଆଗକୁ ସଙ୍କଟଜନକ ସ୍ଥିତି ଉପୁଜିପାରେ। ତେବେ ଜଳ ବିଶେଷଜ୍ଞ ଓ ପରିବେଶବିତ୍ କହିଛନ୍ତି, ରାଜ୍ୟରେ ଭୂତଳ ଜଳ ସ୍ତର ହ୍ରାସ ପଛରେ ସହରୀକରଣ ଓ ଭୂତଳ ଜଳର ଅପବ୍ୟବହାର ହିଁ ଦାୟୀ । ବହୁ ସହରାଞ୍ଚଳର ସବୁ ଅଞ୍ଚଳକୁ ପେଭର୍ ବ୍ଲକ ଓ କଂକ୍ରିଟ ଚାଦରରେ ଘୋଡ଼ାଇ ଦିଆଯାଉଥିବାରୁ ବର୍ଷାଜଳ ମାଟି ତଳକୁ ଯାଇପାରୁନି । ଏମିତିକି ବଡ଼ ବଡ଼ କୋଠାରୁ ମାଟି ଭିତରକୁ ବର୍ଷାଜଳ ଛାଡ଼ିବା ନେଇ ବ୍ୟବସ୍ଥା ନାହିଁ । କଳକାରଖାନା ଗୁଡ଼ିକ ବି ଭୂତଳ ଜଳ ବ୍ୟବହାର କରୁଛନ୍ତି । ଫଳରେ ଭୂତଳ ଜଳ ରିଚାର୍ଜ ହୋଇପାରୁନି । ତେଣୁ ଏବେଠୁ ଉଚିତ ପଦକ୍ଷେପ ନନେଲେ ଆଗକୁ ବାଙ୍ଗାଲୁରୁ ଭଳି ଜଳସଙ୍କଟ ସ୍ଥିତି ଉପୁଜିପାରେ ବୋଲି ଆଶଙ୍କା କରିଛନ୍ତି ଜଳ ବିଶେଷଜ୍ଞ ଓ ପରିବେଶବିତ୍। ଏବେ ଅପେକ୍ଷା, ରାଜ୍ୟରେ ଭୂତଳ ଜଳସ୍ତର ସଙ୍କଟ ମୁହାଁ ହୋଇଥିବାବେଳେ ରାଜ୍ୟ ସରକାର ଆଗକୁ କି ପଦକ୍ଷେପ ନେଉଛନ୍ତି।

### ଏବେ ବଜାରରେ ମିଳୁଛି...

**'କଥାକଳିକା' ୧୦ମ ସ୍ୱନକ୍ଷତ୍ର ବିଶେଷାଙ୍କ ସଂଖ୍ୟା, ମାର୍ଚ୍ଚ ୨୦୨୪**




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ପ୍ରତାପ ବିଶ୍ୱାଳ, କାଳିକିଙ୍କର, ସୋମାଚାନ୍ଦ, ସ୍ୱାଗତିକା ସେଠୀ, ଲକ୍ଷ୍ମୀଚାନ୍ଦ, ସଂଯୁକ୍ତା ତ୍ରିପାଠୀ, ମନୋଜ କୁମାର ଜେନା, ନନ୍ଦିତା ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ପ୍ରସାଦ ନାୟକ, ସୁଜାତା ମହାପାତ୍ର, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବିଜୟ ଲକ୍ଷ୍ମୀ ସାହୁ, ରୀନାରାଣୀ ରାଉତରାୟ, ସୁକାନ୍ତି ରାଉତ, କବିତା ମିଶ୍ର, ବୀରେଶ୍ୱର ମହାନ୍ତି।
**ଅନ୍ୟଭାଷାର କଥା :** ସୁପ୍ରଭା ରାୟ, ରେବା ପଟ୍ଟନାୟକ।
**ଯୁବ ମାନସର କଥା :** ସୁରେଶ କୁମାର ନାଗ, ସିଦ୍ଧେଶ୍ୱର ତ୍ରିପାଠୀ, ସ୍ନେହଦାସ ଲେଙ୍କା, ପ୍ରଜ୍ଞା ମହାନ୍ତି, ଅମ୍ବିକା ସ୍ୱାଇଁ, ପ୍ରଭାତି ଜେନା, ଜ୍ୟୋତ୍ସ୍ନାସାମନ୍ତ ରାୟ, କନକ ମଞ୍ଜରୀ ମିଶ୍ର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୧୪୦ ଏ ସଂଖ୍ୟାର ମୂଲ୍ୟ ୭୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)